RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-120 ♦MONDAY ♦27 OCTOBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୨୦ ♦ସୋମବାର ♦୨୭ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...

# ମାଡ଼ିଆସୁଛି ମୋନ୍ଥା

## ସମୁଦ୍ରରୁ ବଳ ଗୋଟାଇ ବାତ୍ୟାର ରୂପ ନେଉଛି ଗଭୀର ଅବପାତ


**୨୮ ତାରିଖ ରାତିରେ ଭୂଭାଗ ଛୁଇଁବ**

**ଓଡ଼ିଶା ଉପରେ ବାତ୍ୟା ପ୍ରଭାବ ରୋକିବ ପୂର୍ବଘାଟ ପର୍ବତମାଳା**

**ରାଜ୍ୟରେ କମ୍ ପବନ, ଅଧିକ ବର୍ଷା, ଦକ୍ଷିଣରେ ଭୂସ୍ଖଳନ ବିପଦ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ୨୪ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ରବିବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି ଓ ଆସନ୍ତାକାଲି ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବ 'ମୋନ୍ଥା''। ସମୁଦ୍ରରୁ ବଳ ଗୋଟାଇ ଏହା କ୍ରମଶଃ ଭୂଭାଗ ଆଡ଼କୁ ଅଗ୍ରସର ହେଉଛି ଓ ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବ ଓ ମଧ୍ୟରାତ୍ରି ସୁଦ୍ଧା ଆନ୍ଧ୍ରର କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଭୂମିସ୍ପର୍ଶ ସମୟରେ ପବନର ଗତି ଘଣ୍ଟା ପ୍ରତି ୯୦-୧୦୦ କିମି ଓ ଏହାର ଝଟକା ପବନ ୧୧୦ କିମି ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟା ୨୮ ତାରିଖ ସନ୍ଧ୍ୟାରେ ଆନ୍ଧ୍ରର କାକିନଡ଼ା ପାଖରେ ଉପକୂଳ ଛୁଇଁବ। ସନ୍ଧ୍ୟା ୬ଟାରୁ ରାତି ୧୦ ଟା ମଧ୍ୟରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଆନ୍ଧ୍ର ଓ ସଂଲଗ୍ନ ଛତିଶଗଡ଼ରେ ପହଞ୍ଚି ଜଗଦଲପୁର ଓ ରାୟପୁରର ପଶ୍ଚିମରେ ଯାଇପାରେ। ଏମିତି ହେଲେ ଅବିଭକ୍ତ କୋରାପୁଟ ଓ ନୂଆପଡ଼ାରେ ଘଣ୍ଟାପ୍ରତି ୪୦-୫୦ ▶ପୃଷ୍ଠା-୭



## ୮ ଜିଲ୍ଲାକୁ ଗଲେ ୧୨୮ ଉଦ୍ଧାରକାରୀ ଟିମ୍

**ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**

**କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ସମ୍ଭାବ୍ୟ ବାତ୍ୟାରେ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାକୁ ରେଡ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଅବଶିଷ୍ଟ ୨୨ଟି ଜିଲ୍ଲାରେ ବାତ୍ୟା ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ସମସ୍ତ ବିଭାଗ ସହ ଆଲୋଚନା କରାଯାଇ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରବିବାର ମନ୍ତ୍ରୀ ▶ପୃଷ୍ଠା-୭

## ଆନ୍ଧ୍ରକୁ ଗଲେ ୩ ଏନ୍‌ଡିଆର୍‌ଏଫ୍ ଟିମ୍

■ **ଭୁବନେଶ୍ୱର, ୨୬।୧୦ (ସମିସ):** ସମ୍ଭାବ୍ୟ ବାତ୍ୟା 'ମନ୍ଥା'ର ମୁକାବିଲା ପାଇଁ ଓଡ଼ିଶାରୁ ଏନ୍‌ଡିଆର୍‌ଏଫ୍‌ର ୩ଟି ଟିମ୍ ସମସ୍ତ ସରଞ୍ଜାମ ସହିତ ଆନ୍ଧ୍ର ପ୍ରଦେଶ ଯାଇଛି। ଗୋଟିଏ ଟିମ୍ ଶ୍ରୀକାକୁଲମ୍ ଜିଲ୍ଲା ଓ ଦୁଇଟି ଟିମ୍ ଭାଇଜାଗ୍ ଗସ୍ତ କରିଛନ୍ତି। ପ୍ରତି ଟିମ୍‌ରେ ୩ ଜଣ ଅଫିସର ଓ ୩୨ ଜଣ ଯବାନ ରହିଛନ୍ତି। ଏନ୍‌ଡିଆର୍‌ଏଫ୍‌ର ୧୮ଟି ଟିମ୍‌ରୁ ୧୫ଟି ଟିମ୍ ଏବେ ମୁଣ୍ଡଳୀରେ ଅଛନ୍ତି। ବାତ୍ୟାର ଗତିବିଧି ଦେଖି ଏହି ଟିମ୍‌କୁ ମୁତୟନ କରାଯିବ ବୋଲି ଏନ୍‌ଡିଆର୍‌ଏଫ ପକ୍ଷରୁ କୁହାଯାଇଛି।

ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗକୁ ଆର୍ଲଟରେ ରଖାଯାଇଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। କଟର୍ ମେସିନ୍, ଲାଇଟ୍ ଏବଂ ▶ପୃଷ୍ଠା-୭

**ଶିଶୁଙ୍କୁ ଦିଆଯାଇଥିଲା ସଂକ୍ରମିତ ରକ୍ତ**

## ୫ ଶିଶୁ ଏଚ୍‌ଆଇଭି ପଜିଟିଭ୍

■ **ରାଞ୍ଚି, ୨୬।୧୦ (ଏଜେନ୍ସି):** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୁମ୍ ଜିଲ୍ଲାରେ ଡାକ୍ତର ତଥା ମେଡିକାଲ ଷ୍ଟାଫ୍‌ଙ୍କ ଅବହେଳା କାରଣରୁ ବଡ଼ ଧରଣର ଅଘଟଣ ହୋଇଛି। ଚାଇବସାର ସରକାରୀ ହସ୍ପିଟାଲରେ ରକ୍ତ ଦେବା ପରେ ୫ ଜଣ ଶିଶୁ ଏଚ୍‌ଆଇଭି ସଂକ୍ରମିତ ହେବାଭଳି ଘଟଣା ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରେ ଜଣେ ୭ ବର୍ଷର ଥାଲାସେମିଆ ରୋଗରେ ପୀଡିତ ଜଣେ ଶିଶୁ ସାମିଲ ରହିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ ହାଇଚଇ ସୃଷ୍ଟି କରିଛି ଓ ସାରା ରାଜ୍ୟରେ ଆତଙ୍କ ଖେଳି ଯାଇଛି। ଏହି ଘଟଣା ଯାଞ୍ଚ ପାଇଁ ରାଞ୍ଚିରୁ ଏକ ମେଡିକାଲ ଟିମ୍ ଯଥାଶୀଘ୍ର ଚାଇବସା ଯାତ୍ରା କରିଛି। ଏଥିସହ ଝାଡଖଣ୍ଡ ହାଇକୋର୍ଟ ଏହି ମାମଲାରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସିଭିଲ ସର୍ଜନଙ୍କଠାରୁ ଜବାବ ମାଗିଛି। ମିଳିଥିବା ସୂଚନା ଅନୁଯାୟୀ ଏହି ମାମଲା ଶୁକ୍ରବାର ସାମ୍ନାକୁ ଆସିଥିଲା। ଥାଲାସେମିଆରେ ପୀଡିତ ଜଣେ ଶିଶୁଙ୍କ ପରିବାର ଚାଇବସା ସଦର ହସ୍ପିଟାଲ ବ୍ଲଡ ବ୍ୟାଙ୍କ୍ ତାଙ୍କ ପିଲାକୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେଇଥିବା ଅଭିଯୋଗ କରିବା ପରେ ସମସ୍ତେ ଏ ବିଷୟରେ ଜାଣିବାକୁ ପାଇଥିଲେ। ପରିବାର ତରଫରୁ ଅଭିଯୋଗ ହେବା ▶ପୃଷ୍ଠା-୭

**■ କୁରାଢ଼ୀରେ ହାଣି ପତ୍ନୀକୁ ହତ୍ୟା ମାମଲା**

## ୨୧ ଦିନ ପରେ ଏବିଡିଓ ସ୍ୱାମୀ ଗିରଫ



■ **ହାଟଡ଼ିହୀ/ବନ୍ତ/ଆଗରପଡ଼ା, ୨୬।୧୦ (ସମିସ):** କୁରାଢ଼ୀରେ ହାଣି ପତ୍ନୀକୁ ହତ୍ୟା ଅଭିଯୋଗରେ ନନ୍ଦିପଦା ଥାନା ପୁଲିସ ଘଟଣାର ୨୧ ଦିନ ପରେ ଅଭିଯକ୍ତ ସ୍ୱାମୀ ଏବିଡିଓ ଦେବୀପ୍ରସାଦ ଜେନାଙ୍କୁ ଗିରଫ କରିଛି। ଶ୍ରୀ ଜେନା ବର୍ତ୍ତମାନ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ରେ ଏବିଡିଓ ଭାବେ କାର୍ଯ୍ୟରତ। ତାଙ୍କ ଘର ନନ୍ଦିପଦା ଥାନା ଅଧୀନ ଉଅଁର ଗ୍ରାମରେ। ଶନିବାର ରାତି ପାଖାପାଖି ୨ଟାରେ ସେ ଭଦ୍ରକ ପଟୁ ଏକ ସାଇକେଲରେ ନିଜ ଗାଁ ଅଭିମୁଖେ ଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ତାଙ୍କୁ ବାଟ ମଝିରୁ ଧରିଥିଲା। ଅଭିଯୁକ୍ତଙ୍କ ମେଡିକାଲ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଅପରପକ୍ଷେ, ଏବିଡିଓ ଶ୍ରୀ ଜେନା ବିନା ଛୁଟି ଦରଖାସ୍ତରେ ବ୍ଲକ୍ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି ବୋଲି ବନ୍ତ ବ୍ଲକ୍ ବିଡିଓ ସୀତାକାନ୍ତ ରାଉତ କହିଛନ୍ତି। ସୂଚନାନୁଯାୟୀ, ପାରିବାରିକ କଳହକୁ କେନ୍ଦ୍ର କରି ୨୧ ଦିନ ତଳେ ଦେବୀପ୍ରସାଦ ନିଜ ପତ୍ନୀ ସୁଦେଷ୍ଣା(୪୨)ଙ୍କୁ ଏକ କୁରାଢ଼ୀରେ ହାଣି ହତ୍ୟା ▶ପୃଷ୍ଠା-୭



# ଦିନରେ ଇଞ୍ଜିନିୟର; ରାତିରେ କ୍ୟାବ୍ ଡ୍ରାଇଭର



## ବେଙ୍ଗାଲୁରୁରେ ରାତିରେ ଓଲା, ଉବର ଚଳାଉଛନ୍ତି ଇଞ୍ଜିନିୟର

**ବେଙ୍ଗାଲୁରୁ,୨୬ ।୧୦(ଏଜେନ୍ସି):** ବେଙ୍ଗାଲୁରୁରେ କ୍ୟାବ୍ ଡ୍ରାଇଭରମାନେ ବେଳେବେଳେ ଲୋକଙ୍କ କଲ୍‌କୁ ଅତି ଭଦ୍ର ତଥା କର୍ପୋରେଟ ଭାଷାରେ ଉତ୍ତର ଦେଉଥିବାର ଲକ୍ଷ୍ୟ କରାଯାଉଛି । ଏହି କ୍ୟାବ୍ ଡ୍ରାଇଭରମାନଙ୍କୁ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କାରଣ ଏମାନେ ବୃତ୍ତିଗତଙ୍କ ଭଳି କଥା ହୋଇଥାନ୍ତି । ଏଭଳି ବ୍ୟକ୍ତି ଟେକ୍‌ନିସିଆନ ବା ସଫ୍ଟୱାର ଇଞ୍ଜିନିୟର ହୋଇଥାଇପାରନ୍ତି । ବିଶ୍ୱାସ ନ ହେଲେ ବି ଏହା ସତ । ଦିନରେ ସଫ୍ଟୱାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଏହି ଟେକ୍‌ନିସିଆନମାନେ ରାତିରେ କ୍ୟାବ ଚଳାଉଛନ୍ତି । ତେବେ କେବଳ ଟଙ୍କା ପାଇଁ ସେମାନେ ଏପରି କରୁନାହାନ୍ତି । ନିଜର ନିଃସଙ୍ଗତା ଏବଂ ଅଫିସ୍‌ରେ ସାମ୍ନା କରୁଥିବା କର୍ପୋରେଟ୍ ଚ୍ୟାଲେଞ୍ଜ ବା କଠିନତାକୁ ଦୂର କରିବାକୁ ଇଞ୍ଜିନିୟର ଏବଂ ଟେକନିସିଆନମାନେ ଏପରି ଅଭିନବ ପନ୍ଥା ଆପଣାଉଛନ୍ତି । କିନ୍ତୁ ଏହା ଏବେ ଏକ ଗମ୍ଭୀର ପ୍ରଶ୍ନ ଉତ୍ଥାପନ କରିଛି । ଏହା କର୍ପୋରେଟ ସଂସ୍କୃତିର ସମସ୍ୟାକୁ ପଦାରେ ପକାଇ ଦେଇଛି । ନିଜକୁ ବ୍ୟସ୍ତ ରଖିବା ପାଇଁ ତଥା ଚିନ୍ତାରୁ ମୁକ୍ତି ପାଇଁ ଦିନରେ ସଫ୍ଟୱାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଯୁବକ ମାନେ ରାତିରେ କ୍ୟାବ୍ ଡ୍ରାଇଭର ହେବାକୁ ପଛାଉ ନାହାନ୍ତି । ଏମାନେ ରାତିରେ ଓଲା, ଉବର, ରାପିଡୋ ଓ ନମାଯାତ୍ରୀ ଭଳି ପ୍ଲାଟଫର୍ମ ପାଇଁ ରାତିରେ କ୍ୟାବ୍ ଚଳାଉଛନ୍ତି । ଅବଶ୍ୟ ଏମାନେ କିଛି ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି । ନିଜ ପରିଚୟ ଗୋପନ ରଖି ଏମାନେ ଅଜଣା ବ୍ୟକ୍ତିଙ୍କ ସହ କଥା ହୋଇ ନିଜକୁ ହାଲ୍‌କା କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ । ତେବେ କେବଳ ବେଙ୍ଗାଲୁରୁରେ ଏହା ଦେଖିବାକୁ ମିଳୁନାହିଁ । ଦିଲ୍ଲୀ, ମୁମ୍ବାଇ ଭଳି ସହରରେ ମଧ୍ୟ ଟେକ୍‌ନିସିଆନ ମାନେ ରାତିରେ କ୍ୟାବ ଡ୍ରାଇଭ୍ କରୁଥିବାର ଦେଖିବାକୁ ମିଳିଛି । କେତେକ ଟେକ୍‌ନିସିଆନ କେବଳ ଅର୍ଥ ପାଇଁ ଏହା କରୁଥିବାର ଜଣାଯାଇଛି । କାରଣ ରାତିକୁ ଏମାନେ ୩ରୁ ସାଢ଼େ ୪ ହଜାର ଟଙ୍କା ଆୟ କରିବାରେ ସକ୍ଷମ ହେଉଛନ୍ତି । ଆଉ କେତେଜଣ କ୍ୟାବ୍ ଡ୍ରାଇଭର ହେବାର ଅଭିଜ୍ଞତା ହାସଲ କରିବାକୁ ଏପରି କରୁଛନ୍ତି ବୋଲି ଅନୁମାନ କରାଯାଉଛି ।

# ନିଶା ପାଇଁ ଦୁଇ ଲକ୍ଷରେ ପୁଅକୁ ବିକିଦେଲେ ଦମ୍ପତି



**ଚଣ୍ଡିଗଡ଼,୨୬ ।୧୦(ଏଜେନ୍ସି):** ପଞ୍ଜାବର ମାନସା ଜିଲ୍ଲାରେ ଏକ ନିଶାଶକ୍ତ ଦମ୍ପତି ମାତ୍ର ୧ ଲକ୍ଷ ୮୦ ହଜାର ଟଙ୍କାରେ ନିଜର ୬ ମାସର ପୁଅକୁ ବିକ୍ରି କରି ଦେଇଛନ୍ତି । ଏମାନେ ଜଣେ ସ୍କ୍ରାପ ଡିଲରଙ୍କ ପରିବାରକୁ ନିଜ ପୁଅକୁ ଦେଇ ଦେଇଥିଲେ । ଶିଶୁର ମାଉସୀ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ଏହି ମାମଲା ସାମ୍ନାକୁ ଆସିଛି । ପୁଲିସ ଶିଶୁକୁ ଉଦ୍ଧାର କରିବା ସହ ଦୁଇ ପରିବାର ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଅନୁସାରେ ମାମଲା ରୁଜୁ କରିଛି । ପୁଅକୁ ବିକ୍ରି କରିଥିବା ଏହି ଦମ୍ପତିଙ୍କୁ ପୁଲିସ ଗିରଫ କରିଛି । ଏହି ଦମ୍ପତି ଆକବରପୁର ଖୁଡାଲ ଗାଁରେ ରୁହନ୍ତି । ନିୟମିତ ନିଶା ସେବନ କରୁଥିବାରୁ ଏହି ଦମ୍ପତି ପୁଅର ଲାଳନପାଳନ କରିବାକୁ ଅକ୍ଷମ ଥିଲେ । ଫଳରେ ବୁଧଲାଡା ଟାଉନ୍‌ରେ ରହୁଥିବା ସ୍କ୍ରାପ୍ ଡିଲରଙ୍କୁ ନିଜର ପୁଅକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ଏହି ସ୍କ୍ରାପ ଡିଲରଙ୍କର ୪ ଜଣ ଝିଅ ଅଛନ୍ତି । ପୁଅକୁ ନେବା ପାଇଁ ଡିଲରଙ୍କ ପରିବାର ଏକ ଦସ୍ତାବିଜ୍‌ରେ ଦସ୍ତଖତ ମଧ୍ୟ କରିଥିଲେ । ମିଳିଥିବା ଅର୍ଥରେ ଏହି ଦମ୍ପତି ନିଶାଦ୍ରବ୍ୟ ଓ ଅନ୍ୟ କେତେକ ଘରକରଣା ଜିନିଷ କ୍ରୟ କରିଥିଲେ ବୋଲି ସ୍ଥାନୀୟ ଲୋକ ପୁଲିସକୁ କହିଛନ୍ତି । ବିବାହ ପରେ ପିଲାର ମା' ନିଶା ସେବନ କରିବା ସହ ନିଶାସକ୍ତ ହୋଇ ଯାଇଥିଲେ । କିନ୍ତୁ ପୂର୍ବରୁ ସେ ଜଣେ କୁସ୍ତିଯୋଦ୍ଧା ଥିଲେ । ପୁଲିସ ଏବେ ଏହି ପିଲାକୁ ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରିଛନ୍ତି । ଦୁଇ ପରିବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅକ୍ଟୋବର ୩୧ ସୁଦ୍ଧା ରିପୋର୍ଟ ଦେବାକୁ ବୁଧଲାଡା ଡିଏସ୍‌ପି ସିକନ୍ଦର ସିଂ ଚିମା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆଜି ଏସ୍‌ଆଇଆର୍ ତାରିଖ ଘୋଷଣା

**ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି):** ସାରା ଦେଶରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କରିବାକୁ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତି କରିଛନ୍ତି । ଏ ନେଇ ଇସିଙ୍କ ପକ୍ଷରୁ ସୋମବାର ସନ୍ଧ୍ୟାରେ ବଡ଼ ଘୋଷଣା କରାଯିବ । ସାମ୍ବାଦିକ ସମ୍ମିଳନୀ କରି ଏ ବିଷୟରେ ଇସିଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ୧୦ରୁ ୧୫ ରାଜ୍ୟରେ ଏସଆଇଆର ହୋଇପାରେ । ଏଥିରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ସାମିଲ ଅଛନ୍ତି । ଆସାମ, ତାମିଲନାଡୁ, ପୁଡୁଚେରି, କେରଳ ଏବଂ ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ଏହି ସବୁ ରାଜ୍ୟରେ ପ୍ରଥମେ ଏସଆଇଆର କରାଯାଇପାରେ । ସ୍ଥାନୀୟ ପୌର ନିର୍ବାଚନ ହେଉଥିବା ରାଜ୍ୟରେ ପ୍ରଥମେ ଏସଆଇଆର ହେବ ନାହିଁ ବୋଲି ପୂର୍ବରୁ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଥିଲା । କାରଣ ନିମ୍ନସ୍ତରର କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହିବେ । ସେମାନେ ଏସଆଇଆର ପାଇଁ ସମୟ ଦେଇପାରିବେ ନାହିଁ । ନିର୍ବାଚନ ପରେ ଏହି ସବୁ ରାଜ୍ୟରେ ଏସଆଇଆର ହେବ ।

କିଛି ଦିନ ତଳେ ଏସଆଇଆର ଲାଗୁ କରିବାର ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଙ୍କ ସହ ଦୁଇ ଥର ବୈଠକ କରିଥିଲେ । ଅନେକ ସିଇଓ ଗତ ଏସଆଇଆରରେ ଜାରି କରାଯାଇଥିବା ଭୋଟର ତାଲିକାକୁ ସମ୍ବନ୍ଧିତ ରାଜ୍ୟର ୱେବସାଇଟରେ ଜାରି କରିସାରିଛନ୍ତି । ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ୱେବସାଇଟରେ ୨୦୦୮ ର ଭୋଟର ତାଲିକା ଜାରି କରିଛନ୍ତି । ସେଠାରେ ୨୦୦୮ ରେ ଏସଆଇଆର ହୋଇଥିଲା । ସେହିପରି ଉତ୍ତରାଖଣ୍ଡରେ ମଧ୍ୟ ତାଲିକା ଜାରି କରାଯାଇଛି । ରାଜ୍ୟରେ ଶେଷ ଥର ପାଇଁ ହୋଇଥିବା ଏସଆଇଆରକୁ କଟ୍-ଅଫ ଭାବେ ଧରାଯିବ । ଅର୍ଥାତ୍ ସେହି ତାଲିକାରେ ସାମିଲ ଥିବା ଲୋକଙ୍କୁ କୌଣସି ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ । ଅଧିକାଂଶ ରାଜ୍ୟରେ ୨୦୦୨ ଏବଂ ୨୦୦୪ ମଧ୍ୟରେ ଏସଆଇଆର ହୋଇଥିଲା । ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୂର୍ବର ଏସଆଇଆର ସହ ଏବେର ଭୋଟର ତାଲିକାକୁ ମେଳ କରି ସାରିଲେଣି । ବେଆଇନ ଭାବେ ଦେଶରେ ରହୁଥିବା ଲୋକଙ୍କୁ ବାହାର କରିବା ଏହି ଏସଆଇଆରର ପ୍ରମୁଖ ଉଦ୍ଦେଶ୍ୟ ।

# ନରମୁଛି ଆମେରିକା ସ୍ୱର

## ଭାରତକୁ ଅଣଦେଖା କରି ପାକିସ୍ତାନ ସହ ବନ୍ଧୁତା କରିବୁନି

**ୱାସିଂଟନ, ୨୬।୧୦ (ଏଜେନ୍ସି):** ଶୁଳ୍କ ଲଗାଇ ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଉଥିବା ଆମେରିକାର ସ୍ୱର ନରମ ହେବାରେ ଲାଗିଛି । ବାରମ୍ବାର ମିଥ୍ୟା ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଠାରୁ ଭାରତ କ୍ରମାଗତ ଭାବେ ଦୂରତ୍ୱ ରକ୍ଷା କରୁଛି । ଚୁପ୍‌ଚାପ ରହି ଟ୍ରମ୍ପଙ୍କୁ ଭାରତ ଜବାବ ଦେଉଛି । କ୍ୱାଲାଲମ୍ପୁରରେ ଅନୁଷ୍ଠିତ ଆସିଆନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ନ ହେବା ମଧ୍ୟ ଏହାକୁ ଦର୍ଶାଉଛି । ଏହି ସମ୍ମିଳନୀରେ ମୋଦୀଙ୍କ ସହ ସାକ୍ଷାତ ହେବ ବୋଲି ପୂର୍ବରୁ ଟ୍ରମ୍ପ କହି ସାରିଥିଲେ । କିନ୍ତୁ ମୋଦୀ ଏହି ସମ୍ମିଳନୀରେ ସାମିଲ ନ ହୋଇ ଟ୍ରମ୍ପଙ୍କୁ ବଡ଼ ବାର୍ତ୍ତା ଦେଇଛନ୍ତି । ଭାରତର ଏଭଳି ଆଭିମୁଖ୍ୟକୁ ଦେଖି ଆମେରିକା ନରମ ଆଭିମୁଖ୍ୟ ଗ୍ରହଣ କରିଛି । ଭାରତକୁ ଅଣଦେଖା କରି ପାକିସ୍ତାନ ସହ ସମ୍ପର୍କକୁ ମଜବୁତ କରିବାକୁ ଚାହୁଁନାହୁଁ ବୋଲି ଆମେରିକା ବିଦେଶମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି ।

ରୁବିୟୋ କହିଛନ୍ତି ଯେ ପୂର୍ବରୁ ଆତଙ୍କବାଦ ବିରୋଧରେ ଆମେରିକା ଏବଂ ପାକିସ୍ତାନ ମିଳିତ ଭାବେ କାମ କରି ଆସୁଛନ୍ତି । କିନ୍ତୁ ଏହା ଦ୍ୱାରା ଭାରତ ସହ ସମ୍ବନ୍ଧ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ପାକିସ୍ତାନ ସହ ଘନିଷ୍ଠତାକୁ ନେଇ ଭାରତ ଚିନ୍ତା ପ୍ରକଟ କରିଛି କି ନାହିଁ ପଚାରିବାରୁ ରୁବିୟୋ କହିଥିଲେ ଯେ କୁଟନୀତି କ'ଣ ତାହା ନୂଆଦିଲ୍ଲୀ ଜାଣିଛି । ଅନେକ ଦେଶ ସହ ସମ୍ପର୍କ ରଖିବାକୁ ପଡ଼ିଥାଏ ବୋଲି ଭାରତ ଭଲ ଭାବେ ଅବଗତ ଅଛି । ଭାରତର ମଧ୍ୟ ଅନେକ ଦେଶ ସହ ଭଲ ସମ୍ପର୍କ ରହିଛି । ଏହା ବିଦେଶ ନୀତିର ଅଂଶବିଶେଷ । ଭାରତ ସହ ଯୁଦ୍ଧ ବନ୍ଦ କରିଥିବାରୁ ପାକିସ୍ତାନ-ଆମେରିକାର ସମ୍ବନ୍ଧ ବୃଦ୍ଧି ପାଇଲା କି ବୋଲି ଜଣେ ସାମ୍ବାଦିକ ପଚାରି ଥିଲେ । ଏହାର ଉତ୍ତରରେ ରୁବିୟୋ କହିଥିଲେ ଯେ ଏହା ପୂର୍ବରୁ ପାକିସ୍ତାନ ସହ ଆଲୋଚନା ଆରମ୍ଭ କରାଯାଇଥିଲା । ପାକିସ୍ତାନ ସହ ଆମେ ରଣନୈତିକ ବନ୍ଧୁତା ସ୍ଥାପନ କରିବାକୁ ଚାହୁଁଛୁ । ଅନେକ ପ୍ରସଙ୍ଗରେ ଦୁଇ ଦେଶ ଏକାଠି କାମ କରିପାରିବେ । ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘ ଦିନ ହେଲା ଉତ୍ତେଜନା ରହି ଆସିଛି । କିନ୍ତୁ ଆମେ ଅନେକ ଦେଶଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଛୁ । କିନ୍ତୁ ଭାରତ କିମ୍ବା ଅନ୍ୟ କୌଣସି ଦେଶର ସମ୍ପର୍କକୁ ଅଣଦେଖା କରି ଏପରି କରିବୁ ନାହିଁ ବୋଲି ସେ କହିଛନ୍ତି ।

# ସଲ୍‌ମାନ ଖାନ୍ ଜଣେ ଆତଙ୍କବାଦୀ: ପାକିସ୍ତାନ

**ଇସଲାମାବାଦ, ୨୬।୧୦ (ଏଜେନ୍ସି):** ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଜେ ଏହାର ଶିକାର ହେଉଛି । ନିଜ ଦେଶରେ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରୁଥିବା



ଏହି ଦେଶ ଅନ୍ୟ ରାଷ୍ଟ୍ର ଉପରେ ପ୍ରଶ୍ନ ଉଠାଉଛି । ଯିଏ ଏହି ନୃଶଂସ କୃତ୍ୟର ସମାଲୋଚନା କଲା ତାହା ଉପରେ ପାକିସ୍ତାନ ଦୋଷ ଲଦୁଛି । ଏବେ ବଲିଉଡ ଅଭିନେତା ସଲମାନ ଖାନଙ୍କୁ ଏହି ଦେଶ ଆତଙ୍କବାଦୀ କହିଛି । ସାଉଦି ଆରବର ରାଜଧାନୀ ରିଆଧରେ ସଲ୍‌ମାନ ଦେଇଥିବା ଏକ ମନ୍ତବ୍ୟକୁ ନେଇ ପାକିସ୍ତାନ ବିଚଳିତ ହୋଇ ଏଭଳି ପଦକ୍ଷେପ ନେଇଛି । ସୂଚନା ଅନୁଯାୟୀ ରିଆଧର ଜୟ ଫୋରମ-୨୦୨୫ରେ ସଲ୍‌ମାନ ପାକିସ୍ତାନ ଏବଂ ବଲୁଚିସ୍ତାନକୁ ଅଲଗା ଅଲଗା ଦେଶ କହିଥିଲେ । ବୁଲଚିସ୍ତାନରେ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ପାକିସ୍ତାନ ଏହାକୁ ନେଇ କ୍ଷୁବ୍ଧ ହୋଇଯାଇଥିଲା । ରିପୋର୍ଟ ଅନୁଯାୟୀ ପାକିସ୍ତାନ ସରକାର ଆତଙ୍କବାଦୀ ନିରୋଧୀ ଆଇନ-୧୯୯୭ର ଅନୁଚ୍ଛେଦ ୪ ଅଧିନରେ ସଲ୍‌ମାନଙ୍କୁ ସାମିଲ କରିଛି । ଆତଙ୍କବାଦୀ କାର୍ଯ୍ୟକଳାପ ସାମିଲ ସନ୍ଦେହରେ ଏହି ଧାରାରେ ବ୍ୟକ୍ତିଙ୍କୁ ସାମିଲ କରାଯାଇଥାଏ । ସାମାଜିକ ଗଣମାଧ୍ୟମରେ ପାକିସ୍ତାନର ପକ୍ଷରୁ ଜାରି ବିଜ୍ଞପ୍ତି ଖୁବ ଭାଇରାଲ ହେବାରେ ଲାଗିଛି । ରିଆଧରେ ଆୟୋଜିତ କାର୍ଯ୍ୟକ୍ରମରେ ଶାହରୁଖ ଖାନ, ଅମିର ଖାନଙ୍କ ଉପସ୍ଥିତିରେ ଦବଙ୍ଗ ଷ୍ଟାର କହିଥିଲେ ଯେ ଏବେ ହିନ୍ଦୀ ଚଳଚ୍ଚିତ୍ର ପ୍ରସ୍ତୁତ କରି ଏଠାରେ ମୁକ୍ତିଲାଭ କରାଗଲେ ତାହା ସୁପରହିଟ୍ ହେବ । ତାମିଲ, ତେଲୁଗୁ କିମ୍ବା ମାଲାୟଲମ ଚଳଚ୍ଚିତ୍ର ମଧ୍ୟ ଶହେ କୋଟିରୁ ଅଧିକ ବ୍ୟବସାୟ କରିବ । କାରଣ ଏଠାରେ ଅନେକ ଦେଶରୁ ଲୋକ ଆସି ରହୁଛନ୍ତି । ଏମାନଙ୍କ ମଧ୍ୟରେ ବଲୁଚିସ୍ତାନ, ଆଫଗାନିସ୍ତାନ, ପାକିସ୍ତାନ ନାଗିରକ ସାମିଲ ଅଛନ୍ତି ।

# ଏସି ବସ୍‌ରେ ନିଆଁ; ବର୍ତ୍ତିଲେ ୪୦ ଯାତ୍ରୀ

**ଲକ୍ଷ୍ନୌ,୨୬ ।୧୦(ଏଜେନ୍ସି):** ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏକ ଡବଲ ଡେକର ଏସି ସ୍ଲିପର ବସ୍‌ରେ ରବିବାର ହଠାତ ନିଆଁ ଲାଗିଯାଇଥିଲା । ତେବେ ବସ୍‌ରେ ଥିବା ୪୦ ଯାତ୍ରୀଙ୍କ ସମେତ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏଥିରେ କାହାର କୌଣସି କ୍ଷତି ହୋଇନାହିଁ ବୋଲି ପୁଲିସ କହିଛି । ଅପରାହ୍ଣ ୪.୪୫ ମିନିଟ୍‌ରେ ଦିଲ୍ଲୀରୁ ଗୋଣ୍ଡା ଯାଉଥିବା ଏହି ୪୪ ସିଟର ବସ୍‌ରେ ଟୋଲ ପ୍ଲାଜାର ୫୦୦ମି ପରେହିଁ ନିଆଁ ଲାଗିଥିଲା । ସୂଚନା ପାଇବା ମାତ୍ରେ ପୁଲିସ ଓ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବସ୍‌ରୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା ।

# ପୁଲିସ ଅଧିକାରୀଙ୍କ ବିଦେଶ ପ୍ରୀତି

**ଚଣ୍ଡିଗଡ଼, ୨୬।୧୦ (ଏଜେନ୍ସି):** ଲାଞ୍ଚ କାରବାର ମାମଲାରେ ଧରା ପଡ଼ିଥିବା ପଞ୍ଜାବର ପୂର୍ବତନ ଡିଆଇଜି (ରୋପଡ ରେଞ୍ଜ) ହରଚରଣ ସିଂହ ଭୁଲ୍ଲରଙ୍କ ଗୁମର ଖୋଲିବାରେ ଲାଗିଛି । ଏବେ ତାଙ୍କର ବିଦେଶ ଲିଙ୍କ୍‌କୁ ନେଇ ବିଚଳିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି । ଦାୟିତ୍ୱରେ ଥିବା ସମୟରେ ଭୁଲ୍ଲର ୧୦ ଥର ଦୁବାଇ ଗସ୍ତ କରିଥିଲେ । ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ସିବିଆଇ ଭୁଲ୍ଲରଙ୍କ ପାସପୋର୍ଟକୁ

## ଦୁବାଇରେ ୨, କାନାଡ଼ାରେ ୩ ଫ୍ଲାଟ୍

ଜବତ କରିଛି । ଏହା ମାଧ୍ୟମରେ ତାଙ୍କ ବିଦେଶ ଗସ୍ତର ବିସ୍ତୃତ ବିବରଣୀ ସଂଗ୍ରହ କରାଯାଉଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଦେଶରେ ଭୁଲ୍ଲରଙ୍କ ଅମାପ ସମ୍ପତ୍ତି ରହିଛି । ଏ ପର୍ଯ୍ୟନ୍ତ ଦୁବାଇରେ ୨ଟି ଏବଂ କାନାଡ଼ାରେ ତାଙ୍କର ତିନୋଟି ଫ୍ଲାଟ ଥିବା ଜଣାପଡ଼ିଛି । ଏହା ବ୍ୟତୀତ ଲୁଧିଆନାରେ ତାଙ୍କର ପ୍ରାୟ ୫୫ ଏକର ଜମି ଏବଂ ମାଛିୱାଡ଼ା କ୍ଷେତ୍ରରେ ୨୦ ଦୋକାନ ଥିବା ସୂଚନା ମିଳିଛି । ସେ ବିଦେଶରେ ଆହୁରି ଅନେକ ସମ୍ପତ୍ତି କ୍ରୟ କରିଥିବା ସିବିଆଇ ସନ୍ଦେହ କରୁଛି । ଏବେ ସିବିଆଇ ଏହାର ସନ୍ଧାନ କରିବାରେ ଲାଗିଛି । ବିଦେଶରେ ଥିବା ସମ୍ପତ୍ତି ଗୁଡିକ ଭୁଲ୍ଲର ନିଜ ନାମରେ କି ଆଉ କାହା ନାଁରେ କିଣିଥିଲେ ତାହା ଜାଣିବା ପାଇଁ ପ୍ରୟାସ କରାଯାଉଛି । ଆଗାମୀ ଦିନରେ ଭୁଲ୍ଲରକୁ ନେଇ ଆହୁରି ବିସ୍ଫୋରକ ସୂଚନା ସାମ୍ନାକୁ ଆସିପାରେ ।

ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାର ଦେଇ ପୂର୍ବତନ ଡିଜିପି ସିଦ୍ଧାର୍ଥ ଚଟୋପାଧ୍ୟାୟ କହିଛନ୍ତି ଯେ ମନ୍ତ୍ରୀ ଏବଂ ଅଧିକାରୀମାନେ ଏପରି ଅଧିକାରୀମାନଙ୍କ ବିଷୟରେ ସବୁ କିଛି ଜାଣଥାନ୍ତି । ଯେଉଁ ଟଙ୍କା ଭୁଲ୍ଲରଙ୍କ ପାଖରୁ ମିଳିଛି ତାହା ତ ଦିନକ ମଧ୍ୟରେ ଆସିବ ନାହିଁ ।



ସମସ୍ତେ ଏ ବିଷୟରେ ଅବଗତ ଥିଲେ ବୋଲି ସ୍ପଷ୍ଟ ହେଉଛି । କିନ୍ତୁ କେହି ଏହି ବିଷୟରେ ମୁହଁ ଖୋଲି ନ ଥିଲେ । ଏପରି କାର୍ଯ୍ୟରେ ଜଡ଼ିତ ଥିବା ଭୁଲ୍ଲର ଏକମାତ୍ର ଅଧିକାରୀ ନୁହଁନ୍ତି । ପୁଲିସ ବିଭାଗ ଭିତରେ ଆହୁରି ବଡ଼ ବଡ଼ କୁମ୍ଭୀର ଅଛନ୍ତି, ଯେଉଁମାନେ ମନ୍ତ୍ରୀ, ଅଧିକାରୀ ଏବଂ ବିଚାରପତିଙ୍କ ଆବଶ୍ୟକତାକୁ ପୂରଣ କରୁଛନ୍ତି । ଭୁଲ୍ଲରଙ୍କ ଗିରଫ ପରଠୁ ସରକାର ଏବଂ ବିରୋଧୀଙ୍କ ସବୁ ନେତା ଚୁପ ରହିଛନ୍ତି ।

ଅନ୍ୟପକ୍ଷରେ ମଣ୍ଡି ଗୋବିନ୍ଦଗଡ଼ର ବ୍ୟବସାୟୀଙ୍କ ସହ ଲାଞ୍ଚ କାରବାରରେ ମଧ୍ୟସ୍ଥ ଥିବା କୃଷ୍ଣୁକୁ ସିବିଆଇ ସରକାରୀ ସାକ୍ଷୀ କରିପାରେ । ଏଥିପାଇଁ ସିବିଆଇ ତାକୁ ରାଜି କରାଇବାକୁ ପ୍ରୟାସ କରୁଛି । ଯଦି ସେ ସରକାରୀ ସାକ୍ଷୀ ହୁଅନ୍ତି, ତେବେ ଭୁଲ୍ଲରଙ୍କ ସମସ୍ୟା ଅଧିକ ବୃଦ୍ଧି ପାଇବ । ସୂଚନାଯୋଗ୍ୟ ଯେ ସିବିଆଇ ଗତ ୧୬ ତାରିଖରେ ଭୁଲ୍ଲରଙ୍କ ଘରୁ ୭.୫ କୋଟି ଟଙ୍କା, ଅଢେଇ କେଜି ସୁନା, ୨୬ ମହଙ୍ଗା ଗାଡ଼ି, ଅସ୍ତ୍ରଶସ୍ତ୍ର, ୫୦ରୁ ଅଧିକ ସମ୍ପତ୍ତି ଜବତ କରିଥିଲା ।

# ଆଫଗାନିସ୍ତାନକୁ ଖୋଲା ଯୁଦ୍ଧ ଧମକ ଦେଲା ପାକିସ୍ତାନ



**ଇସ୍ଲାମାବାଦ୍,୨୬ ।୧୦(ଏଜେନ୍ସି):** ଅସ୍ତ୍ରବିରତି ପାଇଁ ଆଲୋଚନା ଚାଲିଥିବା ବେଳେ ପାକସ୍ତାନ ପ୍ରତିରକ୍ଷା ମନ୍ତ୍ରି ଖ୍ୱାଜା ମହମ୍ମଦ ଆସିଫ୍ ଶନିବାର ଆଫଗାନିସ୍ତାନକୁ ଖୋଲା ଯୁଦ୍ଧର ଧମକ ଦେଇଛନ୍ତି । ଆଫଗାନିସ୍ତାନ ସହିତ ଚାଲିଥିବା ଅସ୍ତ୍ରବିରତି ଆଲୋଚନା ବିଫଳ ହେଲେ ଯୁଦ୍ଧ ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ । ତେବେ ଦୁଇ ଦେଶ ଶାନ୍ତି ଚାହୁଁଛନ୍ତି ବୋଲି ସେ କହିଛନ୍ତି । ତୁର୍କୀର ଇସ୍ତାନବୁଲ ସହରରେ ଶନିବାର ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଥିବା ବେଳେ ଆସିଫ ଏହି ମନ୍ତବ୍ୟ ଦେଇଛନ୍ତି । ତେବେ ଏହା ଉପରେ ଆଫଗାନିସ୍ତାନ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଏହାପୂର୍ବରୁ କାତାର ରାଜଧାନୀ ଦୋହାରେ ମଧ୍ୟ ଶାନ୍ତିପ୍ରତିଷ୍ଠା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା । ତେଣୁ ଦୋହା ଆଲୋଚନାକୁ ଭିତ୍ତି କରି ଇସ୍ତାନବୁଲ୍‌ରେ ଗଠନମୂଳକ ଆଲୋଚନା ହେବ । ଏହି ଆଲୋଚନାରେ ଆଫଗାନିସ୍ତାନ ଟିମ୍‌ର ନେତୃତ୍ୱ ନେବେ ମନ୍ତ୍ରୀ ହାଜି ନଜିବ । ସେହିପରି ପାକିସ୍ତାନ ତରଫରୁ ଦୁଇଜଣ ସୁରକ୍ଷାକର୍ମୀ ଏଥିରେ ସାମିଲ ହେବେ ବୋଲି କୁହାଯାଇଛି । ଇସ୍ତାନବୁଲ୍‌ରେ ହେବାକୁ ଥିବା ଆଲୋଚନାର ଫଳାଫଳ ଉପରେ ଶାନ୍ତି ନିର୍ଭର କରିବ । କିଛିଦିନ ତଳେ ହୋଇଥିବା ସଂଘର୍ଷ ଓ ପାକିସ୍ତାନ ଆକ୍ରମଣରେ ୩୭ ଜଣ ଆଫଗାନିସ୍ତାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪୨୫ ଜଣ ଲୋକ ଆହତ ହୋଇଥିଲେ ।

**ଆଲୋଚନା ବିଫଳ ହେଲେ ଯୁଦ୍ଧ ନିଶ୍ଚିତ; ଆସିଫ୍**

# ବିହାର ନିର୍ବାଚନ

# ୧୬ ନେତାଙ୍କୁ ବିଦା କଲା ଜେଡିୟୁ

**ପାଟନା, ୨୬।୧୦ (ଏଜେନ୍ସି):**




ବିହାର ନିର୍ବାଚନ ତାତି ବଢ଼ିବାରେ ଲାଗିଛି । କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀଙ୍କ ମଧ୍ୟରେ ବାକ୍ ଯୁଦ୍ଧ ତୀବ୍ର ହୋଇ ଚାଲିଛି । ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ରବିବାର କଟିହାରରେ ଜନସଭା କରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନିଶାଣ କରିଥିବାବେଳେ ଆରଜେଡିର ବାହୁବଳୀ ପ୍ରାର୍ଥୀ ଅନନ୍ତ ସିଂହଙ୍କ ମଞ୍ଚ ଭାଙ୍ଗି ଯାଇଛି । ସେ ଶନିବାର ରାମପୁର-ଡୁମରାରେ ଜନସଭାକୁ ସମ୍ବୋଧନ କରୁଥିବାବେଳେ ଏହି ଅଘଟଣ ଘଟିଥିଲା । ଏଥିଯୋଗୁଁ ଅନନ୍ତଙ୍କ ସମେତ ମଞ୍ଚରେ ଥିବା ସମସ୍ତ ନେତା ତଳେ ପଡ଼ି ଯାଇଥିଲେ । ଚଳିତ ଥର ଅନନ୍ତ ଜେଡିୟୁ ଟିକେଟରୁ ମୋକାମାରେ ନିର୍ବାଚନ ଲଢୁଛନ୍ତି । ଅନ୍ୟପଟେ ଜେଡିୟୁ ଗତ ଦୁଇ ଦିନରେ ୧୬ ବିଦ୍ରୋହୀ ନେତାଙ୍କୁ ଦଳରୁ ବାହାର କଲାଣି । ଗୋପାଳପୁରରୁ ୪ ଥରର ବିଧାୟକ ହୋଇଥିବା ଗୋପାଳ ମଣ୍ଡଳ, ପୂର୍ବତନ ମନ୍ତ୍ରୀ ହିମରାଜ ସିଂହ, ପୂର୍ବତନ ବିଧାନ ପରିଷଦ ସଞ୍ଜୀବ ଶ୍ୟାମ ସିଂହ, ପୂର୍ବତନ ବିଧାୟକ ମହେଶ୍ୱର ପ୍ରସାଦ ଯାଦବ ଏବଂ ପ୍ରଭାତ କିରଣଙ୍କୁ ରବିବାର ଦଳରୁ ବାହାର କରାଯାଇଛି । ଏମାନେ ସଂଗଠନ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହୋଇଥିଲା । ଗୋପାଳ କିଛି ଦିନ ତଳେ ନୀତୀଶଙ୍କ ଘର ଆଗରେ ଧାରଣା ଦେଇ ଟିକଟ ଦାବି କରିଥିଲେ । ଏହା ପୂର୍ବରୁ ଜେଡିୟୁ ଶନିବାର ୧୧ ବିଦ୍ରୋହୀ ନେତାଙ୍କୁ ଦଳରୁ ବିତାଡ଼ିତ କରିଥିଲା ।

ଆଜି ଚାଚା ନୀତୀଶଙ୍କୁ ତେଜସ୍ୱୀ ନିଶାଣ କରିଛନ୍ତି । ସେ କହିଛନ୍ତି ଯେ ଚାଚା ପାର୍ଶ୍ୱ ବଦଳାଇ ବିଜେପିକୁ ଚାଲି ଯାଇଛନ୍ତି । ନୀତୀଶ ହିଁ ବିଜେପିକୁ ବିହାରରେ ସ୍ଥାନ ଦେଇଛନ୍ତି । ଆମେ କେବେ ବିଜେପି ଆଗରେ ହାତ ଟେକି ଦେଇନାହୁଁ । କ୍ଷମତାକୁ ଆସିଲେ ମୁସଲମାନଙ୍କୁ ନେଇ ଆସିଥିବା ୱାକଫ ବିଲ୍‌କୁ ପ୍ରତ୍ୟାହାର କରିବୁ । ଏହା ସହିତ ତେଜସ୍ୱୀ ନିର୍ବାଚନୀ ପ୍ରତିଶ୍ରୁତିର ବର୍ଷା କରିଛନ୍ତି । ପଞ୍ଚାୟତ ପ୍ରତିନିଧିଙ୍କ ଭତ୍ତା ଦୁଇ ଗୁଣ, ଜିଲ୍ଲା ପରିଷଦ ନେତାଙ୍କୁ ୫୦ ଲକ୍ଷ ଟଙ୍କାର ବୀମା, ପିଡିଏସ ଡିଲରଙ୍କ ପାଉଣା ବୃଦ୍ଧି, କୁମ୍ଭାର ଆଦିଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବୋଲି କହିଛନ୍ତି । ସେହିପରି କିଶନଗଞ୍ଜରେ ଏକ ରାଲିକୁ ସମ୍ବୋଧନ କରି ତେଜସ୍ୱୀ କହିଥିଲେ ଯେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଧମକରେ ଭୟଭୀତ ହେବେ ନାହିଁ ।

# ରାହୁଲଙ୍କ ଅନୁପସ୍ଥିତିକୁ ନେଇ ବଢୁଛି ଚର୍ଚ୍ଚା

**ପାଟନା, ୨୬।୧୦ (ଏଜେନ୍ସି):** ବିହାରର ନିର୍ବାଚନୀ ପାଣିପାଗ ସରଗରମ ହୋଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ହୋଇଛି । ଗତ ସେପ୍ଟେମ୍ବର ୧ ତାରିଖରେ ରାହୁଲ ଶେଷ ଥର ପାଇଁ ବିହାର ଗସ୍ତରେ ଆସିଥିଲେ । ସେତେବେଳେ ସେ ପାଟନାରେ 'ଭୋଟର ଅଧିକାର ଯାତ୍ରା'କୁ ସମ୍ବୋଧନ କରି ବେକାରୀ, ସାମାଜିକ ନ୍ୟାୟ ଏବଂ ଶିକ୍ଷାକୁ ନେଇ ସରକାରଙ୍କୁ ଘେରିଥିଲେ । ମାତ୍ର ଦୁଇ ମାସ ବିତି ଯାଇଥିବାବେଳେ ରାହୁଲଙ୍କୁ ବିହାରରେ ଦେଖିବାକୁ ମିଳୁନାହିଁ । କଂଗ୍ରେସର ପ୍ରଚାର ମଧ୍ୟ ସେତେ ଜୋରରେ ହେଉନାହିଁ । ଏହାକୁ ନେଇ ଅନେକ କଂଗ୍ରେସ ପ୍ରାର୍ଥୀ ହାଇକମାଣ୍ଡଙ୍କ ଉପରେ ପ୍ରଶ୍ନ ଉଠାଇଲେଣି । ଜଣେ ନେତା କହିଛନ୍ତି ଯେ ତୁମ ପ୍ରମୁଖ ନେତା କୁଆଡେ ଗଲେ ବୋଲି ଲୋକେ ପ୍ରଶ୍ନ ପଚାରୁଛନ୍ତି । ଏହାର କ'ଣ ଉତ୍ତର ଦେବୁ ଆମେ ଜାଣିପାରୁନାହୁଁ । ଅନ୍ୟ ଜଣେ ନେତା କହିଛନ୍ତି ଯେ ଆମେ ପୋଷ୍ଟର ଲଗାଇ ରୋଡ ସୋ' କରୁଛୁ । କିନ୍ତୁ ଲୋକେ ରାହୁଲଙ୍କୁ ଦେଖିବାକୁ ଚାହୁଁଛନ୍ତି । ତେବେ ରାହୁଲଙ୍କ ଏହି ଅନୁପସ୍ଥିତି ମହାମେଣ୍ଟରେ ଚାଲିଥିବା ଟଣାଓଟରାକୁ ଦର୍ଶାଉଛି । ଏହାକୁ ନେଇ ଆରଜେଡିର ଜଣେ ନେତା କହିଛନ୍ତି ଯେ ଏକାଠି ହୋଇ ନିର୍ବାଚନ ଲଢ଼ାଯାଏ । ଯଦି କୌଣସି ସହଯୋଗୀ ଦଳ ଏଥିରେ ସହଯୋଗ କରିବନି ତେବେ ତାହା ବୋଝ ପାଲଟି ଯାଇଥାଏ । ତେବେ ଆଭ୍ୟନ୍ତରୀଣ କନ୍ଦଳ, ରାଜ୍ୟ ନେତାଙ୍କ ସହ ପ୍ରଚାର କାର୍ଯ୍ୟକ୍ରମ ଧାର୍ଯ୍ୟ ଏବଂ ହାଇକମାଣ୍ଡଙ୍କ କମ୍ ସହଯୋଗ କରୁଥିବାରୁ ରାହୁଲ ଦୂରେଇ ରହିଛନ୍ତି ବୋଲି କୁହାଯାଉଛି ।

**ନୂଆପଡ଼ା ଉପନିର୍ବାଚନ**

# ଯାଦବ, ଆଦିବାସୀ, ସାହୁ ସମାଜ ଉପରେ ନଜର



ନୂଆପଡ଼ା,୨୬ ।୧୦(ସମିସ): ଉପନିର୍ବାଚନ ନିମନ୍ତେ ସାରା ରାଜ୍ୟର ନଜର ନୂଆପଡ଼ା ଉପରେ ନିବଦ୍ଧ ହୋଇଛି । କଂଗ୍ରେସ ଏହି ଉପନିର୍ବାଚନରେ ବିଜୟୀ ହେବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିଜେଡି ଆସନକୁ ଦଖଲରେ ରଖି ନିଜ ପତିଆରା ଜାହିର କରିବା ସହ ସରକାରଙ୍କୁ କଡ଼ା ବାର୍ତ୍ତା ଦେବ, ବିଜେପି ବିଜୟୀ ହେଲେ ଶାସକ ଦଳ ନିଜର ପ୍ରଭାବ ପ୍ରମାଣିତ କରିବ ଓ କଂଗ୍ରେସ ବିଜୟୀ ହେଲେ ସାରା ଦେଶକୁ ଓଡ଼ିଶାରୁ ଭିନ୍ନ ବାର୍ତ୍ତା ଯିବ । ଏହି ପରିପ୍ରେକ୍ଷୀରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ପାଇଁ ନୂଆପଡ଼ା ଏବେ ସମ୍ମାନର ପ୍ରଶ୍ନ ହୋଇଛି। ମତଦାନ ଦିନ ଯେତିକି ଯେତିକି ପାଖେଇ ଆସୁଛି ତାତି ସେତେ ବଢ଼ି ଚାଲିଛି। ନିର୍ବାଚନରେ କିଏ ଜିତିବ, କିଏ ହାରିବ ନୂଆପଡ଼ା ନିର୍ବାଚନ ମଣ୍ଡଳୀର କାହା ଭୋଟ୍ କୁଆଡେ ଯାଉଛି ତାରି ଗତିବିଧି ଉପରେ ସମସ୍ତ ବିଶେଷଜ୍ଞ, ରାଜନୈତିକ ସମୀକ୍ଷକଙ୍କ ଦୃଷ୍ଟି ଲାଗି ରହିଛି।

ଇତିହାସ ଦେଖିଲେ ଜାତି ରାଜନୀତି ହିଁ ନୂଆପଡ଼ା ରାଜନୀତିକୁ ସବୁବେଳେ ନିୟନ୍ତ୍ରଣ କରି ଆସିଛି। କୌଣସି ଜାତି ସମାଜ ଏକତ୍ରିତ ହେଲେ ନିର୍ବାଚନ ଫଳାଫଳ ଓଲଟାଇବାକୁ ସମର୍ଥ ହୋଇପାରନ୍ତି । ନୂଆପଡ଼ାରେ ୨ଲକ୍ଷ ୪୮ ହଜାର ମତଦାତା ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦% ହେଉଛନ୍ତି ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ। ସାଧାରଣ ଭାବରେ ଦେଖିଲେ ଏହି ବର୍ଗର ଭୋଟରଙ୍କ ସଂଖ୍ୟା ପ୍ରାୟ ୯୦ହଜାର । ସେହିପରି ୨୦ ପ୍ରତିଶତ ଯାଦବ ଭୋଟର (ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ) ଥିବାବେଳେ କୁଲତା ଭୋଟରଙ୍କ ସଂଖ୍ୟା ପ୍ରାୟ ୧୦ ହଜାର। ୨୦୦୦ ମସିହା ପୂର୍ବରୁ ଆଦିବାସୀ ସମ୍ପ୍ରଦାୟର ଭୋଟରେ ଜନତା ଦଳର ସ୍ୱର୍ଗତଃ ଘାସିରାମ ମାଝୀ ଏବଂ କଂଗ୍ରେସର ଓଁକାର ସିଂ ମାଝୀ ଦୀର୍ଘ ୨୫ବର୍ଷ ଧରି ଶାସନକୁ ଅକ୍ତିଆର କରି ରଖିଥିଲେ। ପରବର୍ତ୍ତୀ ସମୟରେ ଏହି ଭୋଟବ୍ୟାଙ୍କ ତିନି ଭାଗରେ ବିଭକ୍ତ ହୋଇଗଲା। ଖାମସିଂ ମାଝୀଙ୍କ ନେତୃତ୍ୱରେ ବିଜେପିକୁ କିଛି ଭୋଟ ଯାଇଥିବାବେଳେ ଘାସିରାମ ମାଝୀଙ୍କ ନେତୃତ୍ୱରେ କଂଗ୍ରେସ ପାଖରେ କିଛି ଭୋଟ ରହିଥିଲା ଓ ଅନ୍ୟଏକ ଅଂଶ ଭାନୁପ୍ରତାପ ମାଝୀଙ୍କ ନେତୃତ୍ୱରେ ବିଜେଡିକୁ ଯାଇଥିଲା। ୨୦୦୦ ମସିହା ପରବର୍ତ୍ତୀ ସମୟରେ ବିଜେପିର ବସନ୍ତ ପଣ୍ଡା ଏବଂ ସ୍ୱର୍ଗତଃ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ କବ୍‌ଜାରେ ରହିଥିଲା। ହେଲେ ୨୦୨୪ ନିର୍ବାଚନରେ କୌଣସି ଆଦିବାସୀ ନେତାଙ୍କୁ ଟିକଟ ନ ମିଳିବା କାରଣରୁ ଆଦିବାସୀ ଭୋଟର ଧ୍ରୁବୀକରଣ ହୋଇଥିଲା ଓ ଏହା ଜରିଆରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ଦ୍ୱିତୀୟସ୍ଥାନକୁ ଉନ୍ନୀତ ହୋଇଥିଲେ। ହେଲେ ବର୍ତ୍ତମାନର ଉପ-ନିର୍ବାଚନରେ ଆଦିବାସୀ ନେତାମାନେ ପୁଣିଥରେ ନିଜ ନିଜର ଦଳ ପାଇଁ କାର୍ଯ୍ୟ କରୁଥିବାରୁ ସ୍ଥିତି କ'ଣ ହେବ ତାହା ଏବେଠାରୁ ଆକଳନ କରାଯାଇ ପାରୁନାହିଁ।

ଅନ୍ୟପକ୍ଷରେ ଯାଦବ ସମାଜର ମଧ୍ୟ ଜିଲ୍ଲାରେ ବେଶ ପ୍ରଭାବ ରହିଥିଲେ ହେଁ ଏହି ବର୍ଗର କୌଣସି ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇ ନାହାନ୍ତି। ମାତ୍ର ପୂର୍ବରୁ ରାଜ୍ୟ ସରକାର ନୂଆପଡ଼ା ଜିଲ୍ଲାରେ ଯେପରି ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିଲେ, ଗତ ଦେଢ଼ ବର୍ଷ ମଧ୍ୟରେ ସେପରି କିଛି ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ଦେଖାଯାଉ ନାହିଁ। ଅନ୍ୟପକ୍ଷରେ ବିଏସ୍‌କେୱାଇରେ ଉପକୃତ ହୋଇଥିବା ଲୋକମାନେ ଏବେ ଆୟୁଷ୍ମାନ ସେବାରେ ଖୁସି ନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ଉତ୍କଳ ଯାଦବ ସମାଜର ପୂର୍ବତନ ମହାସଚିବ ଲମ୍ବୋଦର ନିଆଲ ନିଜ ଦଳ ପାଇଁ କେତେ ଯାଦବ ଭୋଟ ଟାଣି ପାରିବେ ତାହାର ପୂର୍ବ ଆକଳନ ସମ୍ପୂର୍ଣ୍ଣ ଅସ୍ପଷ୍ଟ। ସେହିପରି ଯାଦବ ସମାଜ ଜିଲ୍ଲା ସଭାପତି ଭରତ ଲାଲ ରାଉତ କଂଗ୍ରେସର ପ୍ରଚାରରେ ସାମିଲ ହୋଇଛନ୍ତି। ପୁନଶ୍ଚ କୁଲତା ସମାଜ ଏବଂ ସାହୁ ସମାଜ ମଧ୍ୟ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ବେଶ ପତିଆରା ରଖିଥାନ୍ତି। ମାତ୍ର ଚଳିତ ନିର୍ବାଚନରେ ସେମାନେ କେଉଁ ଆଡ଼କୁ ଢ଼ଳିବେ ତାହା ଏବେ ବି ଅସ୍ପଷ୍ଟ। ଏଭଳି ସ୍ଥିତିରେ ଜାତି ରାଜନୀତି ନିର୍ବାଚନ ସମୀକରଣକୁ କେତେ ପ୍ରଭାବିତ କରିବ ତାହା ପୂର୍ବାନୁମାନ କରିବା କଷ୍ଟ ମନେ ହେଉଛି।

**ବିଜେପି ବିରୋଧରେ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ**

# ସରକାରୀ ଯୋଜନା ଆଳରେ ଦଳୀୟ ପ୍ରଚାର: ବିଜେଡି

ଭୁବନେଶ୍ୱର,୨୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୂରୁପଯୋଗ ନେଇ ଶାସକ ବିଜେପି ବିରୋଧରେ ପୁଣିଥରେ ଅଭିଯୋଗ ଆଣିଛି ବିଜେଡି। ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ନେତୃବୃନ୍ଦ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ବିଜେପି ବିରୋଧରେ ଫେରାଦ୍ ହୋଇ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି।



ସିଇଓଙ୍କ ନିକଟରେ ଅଭିଯୋଗ କଲେ ବିଜେଡି ପ୍ରତିନିଧି

ବିଜେଡିର ଅଭିଯୋଗ ଅନୁଯାୟୀ ଚଳିତ ମାସ ୨୫ରେ ନୂଆପଡ଼ାରେ ବିଜେପି ପକ୍ଷରୁ ସୁଭଦ୍ରା ଶକ୍ତି ସମାବେଶ ନାମରେ ଏକ ସଭା ଆୟୋଜନ କରାଯାଇଥିଲା। ଏହାକୁ ସରକାରୀ ଯୋଜନାର ହିତାଧିକାରୀମାନଙ୍କ ସଭା ବୋଲି ଦର୍ଶାଯାଇଥିଲା। ଏହି ସଭାରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ଅନ୍ୟାନ୍ୟ ବିଜେପି ନେତାମାନେ ଉପସ୍ଥିତ ଥିଲେ। ବିଜେଡି ଅଭିଯୋଗ କରିଛି ଯେ ସରକାରୀ ଯୋଜନାର ନାମ ଓ ହିତାଧିକାରୀଙ୍କୁ ଦଳୀୟ ପ୍ରଚାର ପାଇଁ ବ୍ୟବହାର କରାଯାଇଛି, ଯାହା ନିର୍ବାଚନ ଆଚରଣବିଧିର ସ୍ପଷ୍ଟ ଉଲଂଘନ ଓ ସରକାରୀ ଯୋଜନାର ଦୂରୁପଯୋଗ । ତେଣୁ ଏହି ଘଟଣା ଉପରେ ତତ୍କାଳ ନିରପେକ୍ଷ ତଦନ୍ତ ଆରମ୍ଭ କରିବା ସହ ନିର୍ବାଚନ ଆଚରଣବିଧି ଓ ଜନପ୍ରତିନିଧି ଆଇନ ୧୯୫୧ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି।

ବିଜେଡି କହିଛି ଯେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସ୍ୱାଧୀନତା ରକ୍ଷା ହେବା ନିତ୍ୟାନ୍ତ ଆବଶ୍ୟକ। ସରକାରୀ ଯୋଜନାକୁ ଦଳୀୟ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଲୋକତନ୍ତ୍ର ପ୍ରତି ବଡ଼ ବିପଦ। ତେଣୁ ଆମ ଅଭିଯୋଗ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଜରୁରୀ। ବିଜେଡିର ଏହି ପ୍ରତିନିଧି ଦଳରେ ଡ.ଲେନିନ ମହାନ୍ତି, ସୁମିତ୍ରା ଜେନା, ମିହିର ରାୟ, ନାରାୟଣ ଜେନା, ସଂଗ୍ରାମ ମହାପାତ୍ର, ରୀତାଞ୍ଜଳି ପ୍ରଧାନ, ସୋଫିଆ ଆଲମ, ଜ୍ୟୋତ୍ସ୍ନାମୟୀ ପରିଡା, ଅଂଶୁ ତ୍ରିପାଠୀ, ଇଲା ସ୍ୱାଇଁ ଓ ପ୍ରଦୀପ ପଣ୍ଡା ସାମିଲ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ


ଭୁବନେଶ୍ୱର, ୨୬।୧୦(ସମିସ): ଶିକ୍ଷକଙ୍କ ଦାବି ଶୁଣୁ ନାହାଁନ୍ତି ସରକାର; ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ପାଳନ କରୁ ନାହାନ୍ତି। ବିଦ୍ୟାଳୟରେ ଶିକ୍ଷକଙ୍କୁ ଶିକ୍ଷାଦାନ କରିବାକୁ ଉପଯୁକ୍ତ ବାତାବରଣ ନଦେଇ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ପିଲାଙ୍କ ଅନୁପାତରେ ଶିକ୍ଷକ ନ ଥିଲେ ମଧ୍ୟ ଖାଲି ଥିବା ପଦ ପୂରଣ କରୁ ନାହାଁନ୍ତି। ତେଣୁ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଚେତାବନୀ ଦେଇଛି।

ରବିବାର ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ସଂଘ ପକ୍ଷରୁ କୁହାଯାଇଛି ଯେ ଗତ ସେପ୍‌ଟେମ୍ବର ୨୦ ତାରିଖରେ ସ୍କିମାଟିକ ଉଚ୍ଛେଦ, ୬ ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ୬ଟି ଇନକ୍ରିମେଣ୍ଟ ସହ ମୂଳ ଚାକିରିରେ ଗଣନା କରିବା, କ୍ୟାଡର ସଂଶୋଧନ, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ପ୍ରଦାନ ଆଦି ବିଭିନ୍ନ ଦାବିରେ ଆନ୍ଦୋଳନ କରାଯାଇଥିଲା। ବିଭାଗୀୟ ସଚିବ ଶିକ୍ଷକଙ୍କ ସହ ଆଲୋଚନା କରି ଏକମାସ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ସ୍କିମାଟିକ ଉଚ୍ଛେଦ କରିବା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ତାହାକୁ ଏଯାଏଁ କାର୍ଯ୍ୟକାରୀ କରାଯାଉନାହିଁ। ହେଲେ ଏଯାଏଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୁଣି ଥରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିବା ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, କୋଷାଧ୍ୟକ୍ଷ ଗୋପାଳ ସେନ, ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ, ସନ୍ତୋଷ ଦୁବେ, ଦାମୋଦର ପଣ୍ଡା, ଦେବକାନ୍ତ ମେହେର, ଶରତ ସେଠୀ ଓ ସରୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ସମସ୍ତ ପ୍ରତିଶ୍ରୁତି ପୂରଣ କରିବାକୁ ଦାବି କରିଛନ୍ତି।

**ନିୟତିର ନିଷ୍ଠୁର ଖେଳ**

# ଆଗପଛ ହୋଇ ଚାଲିଗଲେ ମା'-ପୁଅ





- ହସ୍ପିଟାଲ ଶଯ୍ୟାରେ ରୋଗାକ୍ରାନ୍ତ ମା'ଙ୍କ ମୃତ୍ୟୁ
- ମା' କଷ୍ଟ ସହି ନପାରି ଶନିବାର ପୁଅ ଆତ୍ମହତ୍ୟା କରିଥିଲେ

ସମ୍ବଲପୁର/ବଲାଙ୍ଗିର,୨୬।୧୦(ସମିସ): ଆଗପଛ ହୋଇ ଚାଲିଗଲେ ମା'-ପୁଅ। ହସ୍ପିଟାଲ ଶଯ୍ୟାରେ କଲବଲ ମା'ଙ୍କ ଅବସ୍ଥା ଦେଖିନପାରି ଗତ ଶନିବାର ପୁଅ ଆତ୍ମହତ୍ୟା କରିଥିଲେ। ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ପଡ଼ିଥିଲେ। ଆଜି ହସ୍ପିଟାଲରେ ଚିକିତ୍ସାଧୀନ ମା'ଙ୍କ ମୃତ୍ୟୁ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ମହାଲକ୍ଷ୍ମୀନଗର ପଡ଼ାର ଚାରୁପମା ମିଶ୍ରଙ୍କ ପରିବାର ସହ ନିୟତି ଏମିତି ନିଷ୍ଠୁର ଖେଳ ଖେଳିଛି। ଚାରୁପମା ଆଜି ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଗତକାଲି ଚିପିଲିମା ପାୱାର୍ କେନାଲରୁ ତାଙ୍କ ପୁଅ ସୌରଭ ସମ୍ବିତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ହୃଦୟବିଦାରକ ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଚାରୁପମା କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। କିଛି ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାରଲୋକ ତାଙ୍କୁ ବୁର୍ଲା ଭୀମସାର୍‌ରେ ଭର୍ତ୍ତି କରାଇଥିଲେ। ସେଠାରେ ପୁଅ ସୌରଭ ସମ୍ବିତ ତାଙ୍କ ଦେଖାଶୁଣା କରୁଥିଲେ। କିନ୍ତୁ ଚାରୁପମାଙ୍କ ଅବସ୍ଥା ଦିନକୁ ଦିନ ସଂକଟାପନ୍ନ ହେବା ସହ ତାଙ୍କ କଷ୍ଟ ବଢ଼ିବାରେ ଲାଗିଥିଲା। ପାଖାପାଖି ୧୦ ଦିନ ମା'ଙ୍କ ପାଖେ ରହିଥିବା ସୌରଭ ନିଜ ଆଖି ଆଗରେ ମା'ଙ୍କ ଏ ଅବସ୍ଥା ଆଉ ଦେଖିପାରୁ ନଥିଲେ। ଭିତରୁ ଭିତରୁ ସେ ପୂରା ଭାଙ୍ଗି ପଡ଼ିଥିଲେ। ତେବେ ଗତ ୨୨ ତାରିଖରେ ସେ ହଠାତ୍ ମେଡିକାଲରୁ ଗାୟବ୍ ହୋଇଯାଇଥିଲେ। ପରେ ମା'ଙ୍କ ନିକଟକୁ ସୌରଭ ଏକ ଭାବବିହ୍ୱଳ ମେସେଜ୍ ପଠାଇ ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲି ପୁଲିସ ଖୋଜାଖୋଜି କରି ସୌରଭଙ୍କ ମୃତ ଶରୀର ଚିପଲିମା କେନାଲରୁ ଉଦ୍ଧାର କରିଥିଲା। ଏହାର ଦିନକ ପରେ, ଆଜି ମା' ଚାରୁପମା ହସପିଟାଲ ବେଡ୍‌ରେ ଶେଷ ନିଃଶ୍ୱାସ ନେଇଛନ୍ତି।

**■ 'ମନ୍ କି ବାତ୍'ର ୧୨୭ତମ ସଂସ୍କରଣ**

# କୋରାପୁଟ୍ କଫିକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

କୋରାପୁଟ,୨୬ ।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସିଦ୍ଧ ରେଡିଓ ଶୋ 'ମନ କି ବାତ'ର ୧୨୭ତମ ପ୍ରସାରଣ ହୋଇଛି। ରବିବାର ହୋଇଥିବା ପ୍ରସାରଣରେ ସେ ଛଟ୍ ପୂଜା ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବ ତଥା ପର୍ବ ପାଳନରେ ସାମିଲ ହେବାକୁ ସେ ଦେଶବାସୀଙ୍କୁ ଅପିଲ କରିଥିଲେ। ସେ ଜିଏସ୍‌ଟି ସଂରକ୍ଷଣ ଉତ୍ସବ, ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ, ରନ୍ ଫର ୟୁନିଟି ଭଳି ଇଭେଣ୍ଟ ଆୟୋଜନ ନେଇ ମନ୍ତବ୍ୟ ଦେଇଥିଲେ। ସେହିପରି ସେ ଓଡ଼ିଶାର କୋରାପୁଟ ଜିଲ୍ଲାର ଉତ୍ପାଦନ ହେଉଥିବା କଫିକୁ ପ୍ରଶଂସା କରିଥିଲେ। ନିଆରା ସ୍ୱାଦ ଓ ବାସ୍ନା କାରଣରୁ କୋରାପୁଟ କଫି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ। କର୍ପୋରେଟ ଚାକିରି କରୁଥିବା ପେସାଦାର ଲୋକ ଏବେ ଏହି କଫି ଚାଷ କରିବାକୁ ଆଗଭର ହୋଇଛନ୍ତି ଓ ଏହି କଫି ଚାଷ ଦ୍ୱାରା ବହୁତ ଲାଭ ହେଉଥିବା କଥା ସେ କହିଛନ୍ତି। ଏଥର ବିଭିନ୍ନ ପର୍ବ ପର୍ବାଣୀ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ଜିଏସ୍‌ଟି ସଂରକ୍ଷଣ ଉତ୍ସବକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି ଓ ବଜାରରେ ସ୍ୱଦେଶୀ ଜିନିଷ କ୍ରୟରେ ଜବରଦସ୍ତ ବୃଦ୍ଧି ଘଟିଛି ବୋଲି ସେ କହିଥିଲେ। ନଭେମ୍ବର ୭ରେ 'ବନ୍ଦେ ମାତରମ'ର ୧୫୦ତମ ବର୍ଷ ପୂରଣ ହେବ ଓ ଏହାକୁ ସ୍ମରଣୀୟ କରିବାକୁ ସେ ଅପିଲ କରିଥିଲେ। ସେହିପରି ୬ଟି ପୋଖରୀ ଓ ୪୦ଟି କୂଅ ସଫା କରିଥିବା ବେଙ୍ଗାଲୁରୁର ଇଞ୍ଜିନିୟର କପିଲ ଶର୍ମାଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ।

# ପୁଣି ମୁଣ୍ଡ ନେଲା କୋଏଲ

ରାଉରକେଲା, ୨୬।୧୦ (ସମିସ): ହମିରପୁରସ୍ଥିତ କୋଏଲ ନଦୀରେ ଗାଧୋଇବା ବେଳେ ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ, ହମିରପୁର କୁମ୍ଭାର ବସ୍ତିର ସୁନୀଲ ସିଂ(୩୫)। ଆଜି ସକାଳେ ସୁନୀଲ ଗାଧୋଇବା ପାଇଁ କୋଏଲ ନଦୀକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ଗଭୀର ଜଳକୁ ଭାସି ଯାଇ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ପିଲା ଏହା ଦେଖି ସେକ୍ଟର୍-୧୯ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁନୀଲ ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର କୁମ୍ଭାରବସ୍ତିରେ ରହୁଥିଲେ। ତାଙ୍କ ମୃତଶରୀରକୁ ଆଇଜିଏଚ୍ ମର୍ଗରେ ରଖାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

# ହୀରାକୁଦ ଜଳସ୍ତର ୬୨୯.୩୧ ଫୁଟ୍

ସମ୍ବଲପୁର, ୨୬।୧୦ (ସମିସ): ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ବଜାୟ ରଖାଯାଉଛି। ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ରବିବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୧,୬୨୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୭,୦୩୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲରେ ୩୧,୮୪୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ୍, କେନାଲ ପାଇଁ ୪,୧୯୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୬.୫୨ଫୁଟ୍ ରହିଥିଲା ବୋଲି ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ୪ ଲକ୍ଷର ନକଲି ନୋଟ୍ ଜବତ, ୩ ଗିରଫ

ବିନିକା, ୨୬ ।୧୦(ସମିସ): ବେଧଡ଼କ ଚାଲିଛି ଜାଲ୍ ନୋଟ୍ କାରବାର। ସୁବର୍ଣ୍ଣପୁର ଜିଲ୍ଲାରୁ ଆଜି ୪ ଲକ୍ଷ ୧୫ଶହ ଟଙ୍କାର ନକଲି ନୋଟ୍ ଜବତ ହୋଇଛି। ଏହି ଘଟଣାରେ ବିନିକା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ବିନିକା ଥାନା ଫୁଲମୁଠି ଗ୍ରାମର ଅଭିଷେକ ହୋତା (୨୩), ବିନିକା ବେଟେରାପଡ଼ାର ଅଶୋକ ନାଏକ (୨୮) ଏବଂ ଲଛିପୁର ଥାନା ରେଙ୍ଗାଲି ଗ୍ରାମର ଜୟନାରାୟଣ ବସ୍ତିଆ (୨୭)। ବିନିକା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଜବତ ନକଲି ନୋଟ୍ ମଧ୍ୟରେ ୮୦୩ଟି ୫୦୦ ଟଙ୍କିଆ ରହିଛି। ଅଭିଷେକ ଓ ଅନିଲ ଏହି ନକଲି ଟଙ୍କା ଅନ୍ୟ କାହାକୁ ଦେବା ପାଇଁ ଫୁଲମୁଠି ଗ୍ରାମ ନିକଟରେ ଅପେକ୍ଷା କରିଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ସେଠାରେୟ ଚଢ଼ଉ କରି ସେମାନଙ୍କୁ କାବୁ କରିବା ସହ ଜାଲ୍ ନୋଟ୍ ଜବତ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ୩ଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ତେବେ ଏହି ଜାଲ୍ ନୋଟ୍ କାରବାରର ଚେର ପଡ଼ୋଶୀ ବରଗଡ଼ ଜିଲ୍ଲାକୁ ମଧ୍ୟ ଲମ୍ବିଥିବା ବେଳେ ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ତେଣୁ, ରାକେଟ୍‌ର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।



# ବାଘଛାଲ ଜବତ, ଦୁଇ ଗିରଫ

ମନମୁଣ୍ଡା, ୨୬ ।୧୦(ସମିସ): କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଆଜି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅଞ୍ଚଳରୁ ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ମନମୁଣ୍ଡା ଥାନା ଟୁନିଖମାର ଗ୍ରାମର ପ୍ରକାଶ କହଁର (୨୪) ଓ ବୁଢ଼ାଖମାର ଗ୍ରାମର ରଞ୍ଜିତ ଭୋକ୍ରା (୩୭)। ଅଭିଯୁକ୍ତଦ୍ୱୟ ମନମୁଣ୍ଡା-ବରପାଲି ରାସ୍ତା ଭାୟା ସୋନପୁର ଦେଇ ଏହି ବାଘଛାଲକୁ ଚାଲାଣ କରୁଥିବା ବେଳେ ଅର୍ଜୁନପୁର ଜଙ୍ଗଲ ନିକଟରେ ଏସଟିଏଫ୍ ସେମାନଙ୍କୁ ମାଡ଼ି ବସିଥିଲା। ଏକ ବ୍ୟାଗରେ ସେମାନେ ବାଘଛାଲ ନେଉଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି। ସେମାନେ କେଉଁ ଜଙ୍ଗଲରୁ ଏହି ବାଘଟିକୁ ଶିକାର କରିଛନ୍ତି ନା ଅନ୍ୟ କେଉଁ ଶିକାରୀଠାରୁ ଏହାକୁ ଆଣିଛନ୍ତି, ସେନେଇ ଏସ୍‌ଟିଏଫ୍ ସେମାନଙ୍କୁ ପଚରାଉଚରା କରୁଛି।



**■ ମରାମତି ଆଳରେ ଲୁଟ୍**

# ମୁଖ୍ୟ ଅଭିଯୁକ୍ତ ଗିରଫ, ୪ ସ୍କୁଟି ଜବତ



ରାଉରକେଲା, ୨୬।୧୦(ସମିସ): ମରାମତି ଆଳରେ ଇଭି ସ୍କୁଟର୍ ଲୁଟ୍ କରିବା ଅଭିଯୋଗରେ ସେକ୍ଟର୍-୩ ଥାନା ପୁଲିସ ଜଣେ ଧୂର୍ତ୍ତକୁ ଗିରଫ କରିଛି। ସେ ହେଲା, ସେକ୍ଟର୍-୫ କବି ସମ୍ରାଟପାଲି ବସ୍ତିର ମୁଖ୍ୟ ଅଭିଯୁକ୍ତ ଅମନ ଅଧିକାରୀ (୨୩)। ପୁଲିସ ତାକୁ ଆଜି କୋର୍ଟଚାଲାଣ କରିଛି। ତା'ଠାରୁ ୪ଟି ସ୍କୁଟର୍ ଜବତ କରାଯାଇଛି। ତେବେ ଜବତ ୪ଟି ସ୍କୁଟର୍‌କୁ କ୍ରୟ କରିଥିବା ୪ଜଣ କ୍ରେତାଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି।

ସୂଚନା ମୁତାବକ, ଏନ୍‌ଆଇଟିର ଜଣେ ଛାତ୍ର ଋଷିକେଶ ରାଜେଶ ଦାଣ୍ଡେ ଗତ ୨୦୨୩ ଜୁଲାଇ ୭ ତାରିଖରେ ଏକ କମ୍ପାନୀରୁ ସ୍କୁଟର କିଣିଥିଲେ। ସେଠାରେ ମିସ୍ତ୍ରି ଭାବେ କାମ କରୁଥିବା ଅମନ୍ ସହ ତାଙ୍କର ପରିଚୟ ହୋଇଥିଲା। ଉକ୍ତ ସ୍କୁଟର୍ ମରାମତି ପାଇଁ ଚଳିତ ସେପ୍ଟେମ୍ବର ୨୦ରେ ଅମନ ସହ ଯୋଗାଯୋଗ କରି ଅନ୍‌ଲାଇନ୍ ଯୋଗେ ଅଗ୍ରୀମ ୫୦୦ଟଙ୍କା ପୈଠ କରିଥିଲେ। ହେଲେ ଅମନ ବିଭିନ୍ନ କଥା କହି ସ୍କୁଟର ମରାମତି କରି ଆଉ ଦେଉନଥିଲେ। ଏନେଇ ଅଭିଯୋଗକାରୀ ଅକ୍ଟୋବର ୧୨ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଅମନ ମରାମତି ନାଁରେ ପ୍ରଥମେ ଅଗ୍ରୀମ ଟଙ୍କା ଗ୍ରାହକଙ୍କଠାରୁ ନେଇ ପରେ ଆଉ ଧରାଛୁଆଁ ଦେଉନଥିଲା। ଏହାରି ମଧ୍ୟରେ ସ୍କୁଟରଗୁଡ଼ିକୁ ରାଉରକେଲା ସହରରେ ୩୦ରୁ ୪୦ହଜାର ଟଙ୍କାରେ ବିକ୍ରି କରି ଦେଉଥିଲା ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ତା'ଠାରୁ ୪ଟି ସ୍କୁଟର୍ ଜବତ କରାଯିବା ସହ ଜବତ ୪ଟି ସ୍କୁଟରକୁ କ୍ରୟ କରିଥିବା ୪ ଜଣ କ୍ରେତାଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ରାତି ୧୨ରେ ବାଇଶିପାହାଚରେ ଅସମ୍ଭାଳ ସ୍ଥିତି




ପୁରୀ, ୨୬।୧୦(ସମିସ): ଶନିବାର ରାତି ପ୍ରାୟ ୧୨ଟା। ଶ୍ରୀମନ୍ଦିର ବାଇଶିପାହାଚରେ ଦେଖିବାକୁ ମିଳିଥିଲା ସଙ୍ଗିନ ସ୍ଥିତି। ଅଣାୟତ୍ତ ହୋଇଥିଲା ଭିଡ଼। ସୁରକ୍ଷାକର୍ମୀମାନେ କେବଳ ଦେଖଣାହାରୀ ସାଜିଥିଲେ। ଭିଡ଼ ଏମିତି ହୋଇଥିଲା ଯେ କିଛି ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିଂହଦ୍ୱାରରେ ଭକ୍ତ ମନ୍ଦିରକୁ ପ୍ରବେଶ କରୁଥିବା ବେଳେ ଦର୍ଶନ ସାରି ଶ୍ରଦ୍ଧାଳୁ ମଧ୍ୟ ସିଂହଦ୍ୱାରରେ ବାହାରୁଥିଲେ। ଯେଉଁଥିପାଇଁ ବାଇଶିପାହାଚରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଗହଳିରୁ ବାହାରିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମହାପ୍ରଭୁଙ୍କ କୃପାରୁ ଯଦିଓ ସେମିତି କିଛି ଅଘଟଣ ଘଟିନାହିଁ ତେବେ କାହିଁକି ଏଭଳି ଏକ ସ୍ଥିତି ଉପୁଜିଲା। ଏଠି ପ୍ରଶ୍ନଉଠୁଛି ଯଦି କିଛି ଅଘଟଣ ଘଟିଥାନ୍ତା, ତେବେ ଏଥିପାଇଁ କାହାକୁ ଦାୟୀ କରାଯାଇଥାନ୍ତା?

ଏବେ ଚାଲିଛି କାର୍ତ୍ତିକ ମାସ। ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ରହୁଛି। ତେବେ ୨୫ ତାରିଖ ଚତୁର୍ଥ ଶନିବାର ଯୋଗୁଁ ଲଗାତର ଦୁଇଦିନିଆ ଛୁଟି ଥିଲା। ତେଣୁ ଶନିବାର ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଦିନତମାମ୍ ମନ୍ଦିରରେ ଭିଡ଼ ଥିବାବେଳେ ରାତିରେ ଗହଳି ଆହୁରି ବଢିଥିଲା। ଅନେକ ଦିନରେ ଭିଡ଼ ଯୋଗୁ ନ ଆସି ରାତି ୧୦ଟା ପରେ ଦର୍ଶନ ପାଇଁ ଆସିବାକୁ ଯୋଜନା କରିଥିଲେ। ଏଥିସହ ପୁରୀବାସୀ ବି ପ୍ରତିଦିନ ଭଳି ରାତିରେ ଦର୍ଶନ କରିବାକୁ ଆସିଥିଲେ। ଏଥିପାଇଁ ମନ୍ଦିରରେ ରାତିରେ ଅଣନିଶ୍ୱାସୀ ହୋଇପଡିଥିଲେ। ଗହଳିରୁ ମୁକ୍ତି ପାଇବା ପାଇଁ ଠେଲାପେଲା ବି ହୋଇଥିଲା। ସୌଭାଗ୍ୟବଶତଃ ସେମିତି କିଛି ବଡ ଅଘଟଣ ଘଟି ନାହିଁ। କିନ୍ତୁ ଏଭଳି ଏକ ସ୍ଥିତିକୁ ଏଡାଇ ଦିଆଯାଇପାରିଥାନ୍ତା। ଦର୍ଶନ ସାରିଥିବା ଭକ୍ତଙ୍କୁ ଅନ୍ୟ ତିନିଦ୍ୱାରରେ ବାହାରକୁ ଛଡା ଯାଇଥିଲେ ଏମିତି

- ଠେଲାପେଲାରେ ଅଣନିଃଶ୍ୱାସୀ ଭକ୍ତ
- ଅଘଟଣ ଘଟିଥିଲେ ଦାୟୀ ହୋଇଥା'ନ୍ତା କିଏ?

ଗହଳି ଅସମ୍ଭାଳଳ ହୋଇଥିଲା। ଏହାରି ଭିତରେ ଏକ ଖାମଖିଆଲି ଦୃଶ୍ୟ ଦେଖିବାକୁ ମିଳିଥିଲା। ରାତି ୧୨ଟା ସମୟରେ ବାଇଶିପାହାଚରେ ଖୁଦ ପକାଇବା ପାଇଁ ଜାଗା ନ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭକ୍ତ ସିଂହଦ୍ୱାର ଦେଇ ଦର୍ଶନ ପାଇଁ ଯାଉଥିବା ବେଳେ ମନ୍ଦିରରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ବାହାରକୁ ଆସୁଥିଲେ। ଫଳରେ ବାଇଶିପାହାଚରେ ପ୍ରତିପକ୍ଷ ଭକ୍ତଙ୍କ ଭିଡ଼ ଏମିତି ହୋଇଥିଲା ଯେ, ଅନେକ ଅଣାୟତ୍ତ ସ୍ଥିତି ଉପୁଜି ନ ଥାନ୍ତା। ତେବେ ଏଠାରେ ପ୍ରଶ୍ନଉଠୁଛି ସୁରକ୍ଷା କର୍ମୀମାନେ କରୁଥିଲେ କ'ଣ? ସେମାନେ କାହିଁକି ସିଂହଦ୍ୱାର ଦେଇ ଭକ୍ତଙ୍କୁ ବାହାରକୁ ଛାଡୁଥିଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଆଗକୁ ପଞ୍ଚୁକ। ଶ୍ରୀମନ୍ଦିରରେ ଆହୁରି ଭିଡ଼ ଲାଗିବ। ବ୍ୟବସ୍ଥିତ ଢଙ୍ଗରେ ଭିଡ଼ ନିୟନ୍ତ୍ରଣ ନ କଲେ କୌଣସି ସମୟରେ ଅଘଟଣ ଘଟିପାରେ। ଏଥିପାଇଁ ପ୍ରଶାସନ ସଜାଗ ହେବା ଦରକାର ବୋଲି କହିଛନ୍ତି ପୁରୀର ବୁଦ୍ଧିଜୀବୀ ସ୍ୱାଧୀନ କୁମାର ପଣ୍ଡା।

### କୂଳ ଲଙ୍ଘୁଛି ଅଶାନ୍ତ ସମୁଦ୍ର

# ମୁକୁଳା ପଡ଼ିଛି ତଟବର୍ତ୍ତୀ ୧୨ କିମି, ପଥରବନ୍ଧ ଦାବି

ଭୋଗରାଇ, ୨୬।୧୦ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇର ବ୍ଲକର ନାରାୟଣ ମହାନ୍ତି ପଡିଆ ପଞ୍ଚାୟତଟି ବଙ୍ଗୋପସାଗର ଓ ସୁବର୍ଣ୍ଣରେଖାର ମିଳନ ସ୍ଥଳ କିର୍ତ୍ତନୀୟା, ଚନ୍ଦ୍ରାବାଲି, ନାରାୟଣ ମହାନ୍ତି ପଡିଆ, କାନ୍ଥଭଉଁରୀ ପଞ୍ଚାୟତର ବଡପାହି ଆଦି ବିସ୍ତୃତ ବେଳାଭୂମି ସନ୍ନିକଟ ଅଧିବାସୀ ଅଶାନ୍ତ ସମୁଦ୍ରର ଭୟରେ ଭୟଭୀତ । ଆମ୍ଫାନ ଓ ୟାସ ବାତ୍ୟା ସମୟରେ ସମୁଦ୍ର ପାଖାପାଖି ଦେଢ କିଲୋମିଟର କୂଳ ଲଙ୍ଘିଥିଲା। କିନ୍ତୁ ଗତ କିଛିଦିନ ତଳେ ରାତିରେ ତାଳସାରୀଠାରେ ଜୁଆର ଉଠି ଉପକୂଳ ଅଞ୍ଚଳରେ ନିର୍ମିତ ଶୌଚାଳୟ ସହିତ ୩ଟି କେବିନ୍ ସମୁଦ୍ରରେ ଲୀନ ହୋଇଯାଇଛି । ସେହିପରି ନାରାୟଣ ମହାନ୍ତି ପଡିଆର ଚନ୍ଦ୍ରାବାଲି ଠାରେ ଜୁଆର ପାଣି ଜନବସତି ନିକଟତର ହୋଇଥିଲା। ତେବେ ବର୍ଷକୁ ପାଖାପାଖି ୫୦୦ ମିଟରରୁ ୧ କିଲୋମିଟର ବେଳାଭୂମି ସମୁଦ୍ର ଗର୍ଭରେ ଲୀନ ହେବାରେ ଲାଗିଛି। ଅଶାନ୍ତ ସମୁଦ୍ର ଓ ଅସୁରକ୍ଷିତ ଝାଉଁ ବଣ ସହିତ ନିକଟବର୍ତ୍ତୀ ପଞ୍ଚାୟତ ବାସୀଙ୍କ ମନରେ ଆତଙ୍କ ଖେଳିବାରେ ଲାଗିଛି। ତେବେ କୀର୍ତ୍ତନୀୟା ମତ୍ସ୍ୟ ଅବତରଣ କେନ୍ଦ୍ର ଠାରୁ ମାତ୍ର ୯୦୦ ମିଟର ପଥରବନ୍ଧ ଚନ୍ଦ୍ରାବାଲି ଯାଏଁ ହୋଇ କାର୍ଯ୍ୟ ବନ୍ଦ ରହିଛି। ଯାହାଫଳରେ ତାଳସାରି ମତ୍ସ୍ୟ ଅବତରଣ କେନ୍ଦ୍ର ଯାଏଁ ପାଖାପାଖି ୧୨ କିଲୋମିଟର ଏପର୍ଯ୍ୟନ୍ତ ପଥରବନ୍ଧ ନ ହୋଇ ମୁକୁଳା ପଡିଛି। ପୂର୍ବରୁ ଧାନଚାଷ ହେଉଥିବା ନାରାୟଣ ମହାନ୍ତିପଡିଆ ମୌଜାର ଚାଷଜମି ସମୁଦ୍ରର କୂଅ ଲଙ୍ଘିବା ସହ ବାରମ୍ବାର ଲୁଣି ଜୁଆର ପାଇଁ ଏବେ ପଡିଆ ପଡିଛି। ତେବେ ତାଳସାରି ଠାରୁ ବଡପାହି ଯାଏଁ ବେଳାଭୂମି ସଂଲଗ୍ନ ବିସ୍ତୀର୍ଣ୍ଣ ଲୁଣି ଜଙ୍ଗଲ ଓ ଝାଉଁ ଜଙ୍ଗଲ ପରେ ଜନବସତି ଥିବା ବେଳେ ମାଟିକେଣ୍ଟା, କୀର୍ତ୍ତନୀୟା, ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରାବାଲି ନିକଟରେ ସମୁଦ୍ର ଜନବସତିର ଅଧିକ ନିକଟତର ଥିବାରୁ ସମୁଦ୍ରର ଜୁଆର ବୃଦ୍ଧି ପାଇଁ ଲୋକେ ଆତଙ୍କିତ। ବର୍ତ୍ତମାନ ନିକଟରେ ଆସୁଥିବା ଭୟଙ୍କର ବାତ୍ୟା ବାବଦରେ ଲୋକେ ସୂଚନା ପାଇବାରୁ ସମୁଦ୍ର କୂଳବାସୀ ଏବେ ଆତଙ୍କରେ ଅଛନ୍ତି। ଏ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ତାଳସାରିଠାରୁ କୀର୍ତ୍ତନୀଆ ଯାଏଁ ସମୁଦ୍ର ତଟବର୍ତ୍ତୀ ପଥର ବନ୍ଧ ନିର୍ମାଣ ପାଇଁ କିର୍ତ୍ତନୀଆ ମତ୍ସ୍ୟ ବ୍ୟବସାୟୀ ସଙ୍ଘର ସଭାପତି ମାଧବ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ପ୍ରଦୀପ ବେହେରା, ଶିକ୍ଷାବିତ ନନ୍ଦଦୁଲାଲ ବେଜ, ମତ୍ସ୍ୟଜୀବୀ ବାଲଗୋବିନ୍ଦ ପାତ୍ର, ଶଶାଙ୍କ ବର, ଅଶୋକ ବେହେରା, ଖଡିବିଲ ବନ ସୁରକ୍ଷା କମିଟିର ସଭାପତି ନରତ୍ତୋମ ଦେ, କୋଷାଧ୍ୟକ୍ଷ ଗୋପାଳ ଗିରି ସମେତ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଦାବି କରିଛନ୍ତି।

## ସୁବର୍ଣ୍ଣରେଖା ପ୍ରେସ୍ କ୍ଲବ ବୈଠକ



କାଳିପଦା, ୨୬।୧୦ (ସମିସ): ବାଲିଆପାଳର ଅଗ୍ରଣୀ ସାମ୍ବାଦିକ ସଂଘ ସୁବର୍ଣ୍ଣ ରେଖା ପ୍ରେସ କ୍ଲବର ଏକ ବୈଠକ ରବିବାର ସନ୍ଧ୍ୟାରେ ବ୍ଲକ ଛକ ଏସକେଜି ଟ୍ରଷ୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ସନ୍ୟାସୀ ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଗତ ବର୍ଷର ଆୟବ୍ୟୟ ହିସାବ କରାଯାଇଥିଲା। ଆଗାମୀ ନଭେମ୍ବର ୧୬ ତାରିଖରେ ଜାତୀୟ ପ୍ରେସ ଦିବସ ପାଳନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏଥିପାଇଁ ବଜେଟ, ଅତିଥି ଚୟନ, ସମ୍ବର୍ଦ୍ଧନା ପର୍ବ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ନେଇ ମଧ୍ୟ ଆଲୋଚନା ହୋଇଥିଲା। କ୍ଲବର ମାର୍ଗଦର୍ଶକ ତଥା ଆବାହକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ପ୍ରେସ ଦିବସ ପାଳନର ରୂପରେଖ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସମ୍ପାଦକ ତଥା ଡିଏସ ଟିଭି ପରିଚାଳନା ନିର୍ଦ୍ଦେଶକ ସଦାଶିବ ସେଠୀ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶ୍ରୀହରି ଚରଣ ମଣ୍ଡଳ, ହରେକୃଷ୍ଣ ତ୍ରିପାଠୀ, ବିଷ୍ଣୁ ଚରଣ ମଲ୍ଲିକ, ସାମ୍ବାଦିକା ସୁଷମା ରାଣୀ ମହାନ୍ତି, ଉପଦେଷ୍ଟା ମନ୍ମଥ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ମହିଳା ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଚନ୍ଦନେଶ୍ୱର, ୨୬।୧୦ (ସମିସ): ଭୋଗରାଇର କାନ୍ଥଭଉଁରୀ କାଳିମାତା ପୂଜା କମିଟି ପକ୍ଷରୁ ଜାତୀୟ ମହିଳା ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଜେପି ନେତା ଆଶିଷ ପାତ୍ର ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଅବସରପ୍ରାପ୍ତ ଆୟକର ବିଭାଗର ଅଧିକାରୀ ରାଧାଶ୍ୟାମ ଗିରି,ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ପଶ୍ଚିମବଙ୍ଗର ମଗରା ଭଲିବଲ ଏକାଡେମୀ ଓ ଜଗଛା ଶକ୍ତିସଂଘ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ସାଉଥ ଇଣ୍ଡିଆ ରେଳବାଇ ଓ ଜାଗରଣ ସଂଘ ମୁହାଁମୁହିଁ ହୋଇଥିଲେ। ଆଜି ରବିବାର ଦିନ ସେମିଫାଇନାଲ ଓ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତା ଦୀର୍ଘ ବର୍ଷ ଧରି ହେଉଥିବା ବେଳେ ଚଳିତ ବର୍ଷ ଆକର୍ଷଣୀୟ ଭଲିବଲ ପ୍ରତିଯୋଗିତାକୁ ହଜାର ହଜାର ଦର୍ଶକ, ଦର୍ଶିକାମାନେ ଖେଳ ଉପଭୋଗ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଏହି ପୂଜା କମିଟିର ସଭାପତି ହେମନ୍ତ ସାମଲ, ସମ୍ପାଦକ ହରିହର ଜେନା, କୋଷାଧ୍ୟକ୍ଷ ବୈକୁଣ୍ଠ ନାଥ ପାତ୍ର, ସ୍ଥାନୀୟ ସମାଜସେବୀ, ଶଶିକାନ୍ତ ଦେ, ପ୍ରଦୀପ କଟୁଆଳ, ସଞ୍ଜିବ ଚାନ୍ଦ, ଶାଶ୍ୱତ ଜେନା, ଇଂ. ଦିଲ୍ଲୀପ ମାହାନା, ଜଗନ୍ନାଥ ପାତ୍ର, ଶମ୍ଭୁନାଥ ପାତ୍ର, ପ୍ରଫୁଲ୍ଲ ଜେନା, ଡ. ରହମାନ, ଇଂ. ବେନୁ ଚରଣ ବେହେରା, କାଳି ଚରଣ ପାତ୍ର, ଶିବ ଶଙ୍କର ମହାନ୍ତି ପ୍ରମୁଖ ଓ ଅନ୍ୟ ମାନେ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ଦିବସ ଓ ବାର୍ଷିକ ସାଧାରଣ ସଭା



ଭୋଗରାଇ,୨୬।୧୦(ସମିସ): ଭୋଗରାଇ ବ୍ଲକରେ ଥିବା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ଓ ବାର୍ଷିକ ସାଧାରଣ ସଭା ଦେହୁର୍ଦ୍ଧାସ୍ଥିତ ଚିତ୍ତରଞ୍ଜନ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଙ୍କଜାକ୍ଷ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ପରାମର୍ଶଦାତା ଇଂ ରବିନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ପ୍ରମଥ ଗିରି, ଗୋପବନ୍ଧୁ ମହାପାତ୍ର, ବିଜୟ ସିଂହ, ମୁରାରି ଗିରି, ହରେନ୍ଦ୍ର ଭୋଳ, ଜୟକୃଷ୍ଣ ରଣା, ପ୍ରଦୀପ ନାୟକ, କୃଷ୍ଣ ପ୍ରସାଦ ମଣ୍ଡଳ ପ୍ରମୁଖ ଯୋଗଦେଇ ସମାଜ ସୁଧାର ପାଇଁ ବରିଷ୍ଠ ନାଗରିକମାନଙ୍କ ଭୂମିକା ବୋଲି ଆଲୋଚନା କରିଥିଲେ। ତେଣୁ ବରିଷ୍ଠ ନାଗରିକମାନେ ସମାଜ ମନସ୍କ ହେବା ଆବଶ୍ୟକ ବୋଲି ଆହ୍ୱାନ ଦିଆଯାଇଥିଲା। ଏହି ସଂଗଠନକୁ ଆହୁରି ବ୍ୟାପକ କରିବା ସହିତ ଏକ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜାଗା ଯୋଗାଇ ଦେବାକୁ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାର ସିଦ୍ଧାନ୍ତ ନିଆଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବୟସ୍କ ଶିକ୍ଷକ ଓ ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ବ୍ୟକ୍ତିତ୍ୱ ରାଧାଶ୍ୟାମ ମହାନ୍ତିଙ୍କୁ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚର ସମ୍ପାଦକ ରଘୁନାଥ ନାଥ ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲା ବେଳେ ମଞ୍ଚର କୋଷାଧ୍ୟକ୍ଷ ପରିମଳ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ବସ୍ତାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ବାଲେଶ୍ୱର/ବସ୍ତା/ରାଜଘାଟ,୨୬।୧୦(ସମିସ): ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବର୍ଷ ଭଳି ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେଉଥିବା ଜନସମ୍ପର୍କ ପଦଯାତ୍ରା ଚଳିତବର୍ଷ ସମଗ୍ର ରାଜ୍ୟର ପ୍ରତି ନିର୍ବାଚନ ମଣ୍ଡଳୀରେ ଗତ ଅକ୍ଟୋବର ୯ରୁ ଆରମ୍ଭ ହୋଇ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ରବିବାର ଦିନ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଜନସମ୍ପର୍କ ପଦଯାତ୍ରା ପ୍ରଥମେ ଦରଡା ଛକଠାରୁ ବାହାରି ଏକ ବିଶାଳ ଶୋଭାଯାତ୍ରାରେ ଚାଲି ଚାଲି ମୁକୁଳିଶି ଚନ୍ଦନ ପଡିଆଠାରେ ପହଞ୍ଚିଥିଲା। ସେଠାରେ ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନିଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେଇଥିଲା। ଏଥିରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଗତ ନିର୍ବାଚନରେ ତାଙ୍କ ପ୍ରତି ଆଶୀର୍ବାଦ କରିଥିବା ବସ୍ତା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଏବଂ ଦଳୀୟ କର୍ମୀମାନଙ୍କୁ ସାଧୁବାଦ୍ ଦେବା ସହିତ ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ବସ୍ତା ଜନସାଧାରଣଙ୍କ ସେବା ଜାରୀ ରଖିବି ବୋଲି କହିଥିଲେ। ଏଥି ସହିତ ନିଜ ଅଞ୍ଚଳର ସାଧାରଣ ଲୋକଟିଏ ଯେପରି ନ୍ୟାୟ ପାଇପାରିବ ସେଥିପାଇଁ ଲଢ଼ାଇ ଜାରୀ ରଖିବାର ବଜ୍ର

### ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ବସ୍ତା ଜନସାଧାରଣଙ୍କ ସେବା ଜାରୀ ରଖିବି: ସୁବାସିନୀ

ଶପଥ ନେବାକୁ ବା ପଣ କରିବାକୁ ସମସ୍ତ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ସେହିପରି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଉପସ୍ଥିତ ସମସ୍ତ ନେତୃ ମଣ୍ଡଳୀ ଏବଂ କର୍ମୀମାନଙ୍କୁ ଆହ୍ୱାନ କରି କହିଥିଲେ ଆସନ୍ତୁ, ଆଜିର ଦିନରେ ସମସ୍ତେ ସଂକଳ୍ପ ନେବା ଓ ସମସ୍ତେ ମିଳିମିଶି କାମକରିବା ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉଭୟ ବସ୍ତା ଓ ବାଲିଆପାଳ ପଞ୍ଚାୟତ ସମିତି ଏବଂ ତତ୍ ସହିତ ନୂତନ ଭାବେ ଘୋଷଣା ହୋଇଥିବା ବସ୍ତା ଏନ.ଏ.ସି.କୁ ବିଜୁ ଜନତା ଦଳ କିପରି ଦଖଲ କରିବ ସେଥିପ୍ରତି ଚେଷ୍ଟିତ ହେବା। ଆଜିର ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ବିଜେଡ଼ି ବରିଷ୍ଠ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ସଭାପତି ଗଣେଶ ମହାପାତ୍ର, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ନିଶାକର ସେଠୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ସୁବ୍ରତ ପଣ୍ଡା, ଅଜୟ ସାମଲ, ମହେଶ୍ୱର ଜେନା, ମହାଦେବ ଦାସ, ଶରତ ପ୍ରଧାନ, ଭଗବାନ ଗିରି, ଦେବ କୁମାର ଦେ, ଅଞ୍ଜନ ଦଣ୍ଡପାଟ, ଦେବୀ ପ୍ରସାଦ ଭଞ୍ଜ, ବ୍ଲକ ମହିଳା ବିଜେଡ଼ି ସଭାପତି ଲିପିକା ରାଉଳ, ମହିଳା ବିଜେଡି ନେତ୍ରୀ ଦିପେନ୍ଦୁବାଳା ବିଶ୍ୱାଳଙ୍କ ପ୍ରମୁଖ ଯୋଗଦେଇ ଦେଢ଼ ବର୍ଷର ବିଜେପି ସରକାର ବିଫଳତା ବିରୋଧରେ ବର୍ଷି ଥିଲେ। ଆଜିର କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଯୁବ ଛାତ୍ର ଓ ମହିଳା ବିଜେଡ଼ିର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ବିଜେଡ଼ି ନେତା ରଞ୍ଜନ କୁମାର ଧଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନୀଳଗିରି, ୨୬।୧୦ (ସମିସ): ବରହମପୁର ଥାନା ତେଲିପାଳ ପଞ୍ଚାୟତ ହୁଡ଼ିସାହି ଗ୍ରାମର ବାପି ସିଂ କିଛି ଗାଁ ଲୋକଙ୍କ ସହ ଘର ପାଖ ଜଙ୍ଗଲକୁ ଛତୁ ତୋଳିବା ପାଇଁ ଯାଇଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ବାପି ସିଂ ର ଡାହାଣ ଗୋଡ଼ ଜଂଘରେ ଗଭୀର କ୍ଷତ ହୋଇଛି। ବାପିକୁ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ତାଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ● ପୁଣି ଆତଙ୍କ ସୃଷ୍ଟି କଲେ ଦୁର୍ବୃତ୍ତ

## ମହିଳାଙ୍କ ହାତଗୋଡ଼ ବାନ୍ଧି ଆକ୍ରମଣ କରି ଲୁଟିଲେ

ସୋର, ୨୬।୧୦(ସମିସ): ସୋର ଥାନା ବେଲପୁର ଗ୍ରାମରୁ ଗତକାଲି ରାତିରେ ଜଣେ ମହିଳାଙ୍କୁ



ଦୁର୍ବୃତ୍ତମାନେ ହାତଗୋଡ ବାନ୍ଧି ମାଡ଼ ମାରି ମାରଣାସ୍ତ୍ରରେ ଆକ୍ରମଣ କରି ୫ ଲକ୍ଷ ଟଙ୍କାର ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଏହି ଗ୍ରାମର ଶେଖ ଆଲ୍ଲା ଉଦ୍ଦିନ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଆମିନା ବିବି ଓ ମା' ହାଲିମାନ ବିବି ତିନି ଜଣ ପିଲାଙ୍କୁ ନେଇ ଘରେ ଥିଲେ। ଗତକାଲି ବିଳମ୍ବିତ ରାତିରେ ୫ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ତାଙ୍କ ଘର ପଛପଟ ଗ୍ରୀଲ କାଟି ଘର ଭିତରକୁ ପଶିବା ସହିତ ଆମିନା ଓ ତାଙ୍କ ଶାଶୂ ହାଲିମାନଙ୍କୁ ହାତ ଗୋଡ଼ ବାନ୍ଧି ମାଡ଼ ମାରିଥିଲେ। ସେମାନେ ଆମିନା ଏବଂ ଛୁଆଙ୍କ ବେକରେ ଛୁରୀ ଲଗାଇ ଭୟଭୀତ କରି ଆସବାବପତ୍ରକୁ ଭଙ୍ଗାରୁଜା କରି ୫ ଲକ୍ଷ ଟଙ୍କାର ଗହଣା ଓ ନଗଦ ୬୫ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଆଜି ସକାଳେ ଖବର ପାଇ ସୋର ଏବଂ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାର ତଦନ୍ତ କରି ଫେରିଥିଲେ। ଏ ବାବଦରେ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।

# ଜଳେଶ୍ୱରକୁ ଜିଲ୍ଲା ଘୋଷଣା ଦାବି ଜୋର ଧରିଲା

ଜଳେଶ୍ୱର, ୨୬।୧୦ (ସମିସ)




ମୋଗଲବନ୍ଦୀ ସାମ୍ରାଜ୍ୟ ବେଳେ ଜଳେଶ୍ୱର ଏକ ରାଜ୍ୟ ଥିଲା। ଏବେ ସାମ୍ପ୍ରତିକ ପରିସ୍ଥିତିରେ ଜଳେଶ୍ୱର ରାଜ୍ୟର ଉତ୍ତର ପ୍ରବେଶପଥ ହୋଇଥିବାରୁ ଏହା ଏକ ଜିଲ୍ଲା ଘୋଷଣା ଜରୁରୀ ହୋଇଛି। ଏହା ହୋଇ ପାରିଲେ ଉତ୍ତର ବାଲେଶ୍ୱର ବିକଶିତ ହୋଇ ପାରିବ। ଏଥିଲାଗି ନିକଟରେ ସମାଜ କଲ୍ୟାଣ ବିକାଶ ପରିଷଦର ଏକ ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସ୍ଥିର ହୋଇଛି। ଜଳେଶ୍ୱରକୁ କେନ୍ଦ୍ରକରି ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକର ୧୦ ଲକ୍ଷ ଲୋକଙ୍କୁ ନେଇ ଏକ ଜିଲା ପରିକଳ୍ପନା କରାଯାଇଛି। ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଦୀର୍ଘବର୍ଷ ଧରି ଜଳେଶ୍ୱରକୁ ଜିଲା ଘୋଷଣା ଦାବି କରି ଆସୁଛି। ଜଳେଶ୍ୱରରେ ଜିଲାସ୍ତରୀୟ କେତେକ କାର୍ଯ୍ୟାଳୟ ମଧ୍ୟ ରହିଛି। ନିକଟରେ ବିଜେପି ଜଳେଶ୍ୱରକୁ କେନ୍ଦ୍ରକରି ଏକ ସାଂଗଠନିକ ଜିଲା ଘୋଷଣା କରିଛି। ପୂର୍ବରୁ ବିଜେଡି, କଂଗ୍ରେସ ଓ ସିପିଏମ୍ ଦଳ ପକ୍ଷରୁ ସବ୍‌ଡିଭିଜନ୍ ଲାଗି ବିଧାନସଭାରେ ଓ ସରକାରଙ୍କଠାରେ ଦାବି ଉଠାଇ ଆସିଛି। ବାଲେଶ୍ୱରରୁ ୧୨୦କି.ମି ଦୂର ଜଳେଶ୍ୱର ଓ ଭୋଗରାଇ ସୀମାରେ ପ୍ରଶାସନିକ ଉଦାସୀନତା ଯୋଗୁଁ ବ୍ରାଉନ୍‌ସୁଗର ଓ ମାଦକଦ୍ରବ୍ୟର ପେଣ୍ଠ ପାଲଟିଛି। ସୁବର୍ଣ୍ଣରେଖା ନଦୀର ବାଲି ଚୋରାଚାଲାଣ ଫଳରେ କୋଟି କୋଟି ଟଙ୍କା ରାଜସ୍ୱ ସରକାର ହରାଉଛନ୍ତି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଓ ପ୍ରାକୃତିକ ବାତ୍ୟା ବେଳେ ଜନସୁରକ୍ଷା ଓ ପ୍ରଶାସନିକ ବ୍ୟବସ୍ଥା ଦୋହଲି ଯାଉଛି। ସୁବର୍ଣ୍ଣରେଖା ମୁହାଣରେ ବନ୍ଦର, କେମିକାଲ କାରଖାନା ପ୍ରତିଷ୍ଠା, ଜଳେଶ୍ୱରରୁ ଚନ୍ଦନେଶ୍ୱର ରେଳରାସ୍ତା, ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଞ୍ଚଳର ଉନ୍ନତି ଘଟିପାରୁ ନାହିଁ। ଜଳେଶ୍ୱରକୁ ଜିଲା ଦାବିରେ କାଳିମନ୍ଦିର ପରିସରରେ ସମାଜ କଲ୍ୟାଣ ବିକାଶ ପରିଷଦର ସାଧାରଣ ସଂପାଦକ ତଥା ଆଇନ୍‌ଜୀବୀ ରାମଚନ୍ଦ୍ର ଜେନାଙ୍କ ଆହ୍ୱାନରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କୁ ଭେଟିବା ଲାଗି ଏକ ଟିମ୍ ଗଠିତ ହୋଇଛି। ଟିମ୍ ଦ୍ୱାରା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସହ ଆଲୋଚନା ଓ ବିଚାର ବିମର୍ଷକରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ ଲାଗି କାର୍ଯ୍ୟପନ୍ଥା ସ୍ଥିର ହୋଇଛି। ଜଳେଶ୍ୱରକୁ ଦେଶର ପ୍ରଥମ ପର୍ଯ୍ୟାୟରେ ଅମୃତ ଭାରତ ଯୋଜନାରେ ସଂଶ୍ଲିଷ୍ଟ କରାଯାଇଥିଲେ ମଧ୍ୟ ଏବେ ସୁଦ୍ଧା ଆଖିଦୃଶିଆ ବିକାଶ ହୋଇନାହିଁ। ରେଳ ଷ୍ଟେସନ ସମ୍ମୁଖରେ ଥିବା ବଗିଚାରେ ଏ ମାଟିର ପୁଅ ତଥା ଓଡିଆଙ୍କ ସ୍ୱାଭିମାନ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହିତ ହୋଇଛି। ଏଥିଲାଗି ଡିଆର୍‌ଏମ୍, ଜିଏମ୍ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ ଲାଗି ସ୍ଥିର ହୋଇଛି। ରେଳ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ପୂର୍ବରୁ ଥିବା ରେଳ ଓଭରବ୍ରିଜ୍‌କୁ ୮ ମାସ ହେଲା ଭଙ୍ଗାଯାଇଛି। ବହୁ ଦୂରରେ ଥିବା ଅନ୍ୟ ଏକ ଓଭରବ୍ରିଜ୍‌ରେ ଯାତାୟାତ ସମ୍ଭବ ହୋଇପାରୁନଥିବାରୁ ଯାତ୍ରୀମାନେ ରେଳ ଧାରଣା ପାରିହେବାକୁ ବାଧ ହୋଇ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଜଳେଶ୍ୱରରେ ବଜାରରୁ ୪ନଂ ପ୍ଲାଟଫର୍ମ ପଶ୍ଚିମବାର୍ଡ ରୋଡ ଯାଏ ଏକ ଫୁଟ ଓଭରବ୍ରିଜ୍ ନିର୍ମାଣ ଦାବିକରି ଅନ୍ୟ ଏକ ଟିମ୍ ଜି.ଏମ୍ ଓ ରେଳ ମନ୍ତ୍ରୀଙ୍କ ସହ ସାକ୍ଷାତ କରିବାର ସ୍ଥିର ହୋଇଛି। ଏହି ସଭାରେ କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜ, ଡ. ଅଜିତ୍ ମହାନ୍ତି, ବଣିକ ସଂଘ ସଭାପତି ସୁଧିର ମହାନ୍ତି, କମଳ ଚକ୍ରବର୍ତ୍ତୀ, ଡ. ପ୍ରଭାସ ଗିରି, ଅବନୀ ଚାନ୍ଦ, ମୁରଲୀଧର ପ୍ରଧାନ, ସତ୍ୟରଂଜନ ଦାସଙ୍କ ସହିତ ବହୁସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

● ରେଳଷ୍ଟେସନ ସମ୍ମୁଖରେ ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

● ଉଡନ୍ତା ଚଲାସେତୁ ନିର୍ମାଣ ଲାଗି ସମାଜ କଲ୍ୟାଣ ବିକାଶ ପରିଷଦର ଜରୁରୀ ବୈଠକ

C-1314

OFFICE OF THE MUNICIPAL COUNCIL, ANANDAPUR
email:-executiveofficer_andp@rediffmail.com
Phone No:- 06731-24088
E-PROCUREMENT NOTICE
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26
INVITATION FOR BID

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526

Executive Officer,
Anandapur Municipality

# ଜିଲ୍ଲାସ୍ତରୀୟ ରଗ୍‌ବୀ ଫୁଟ୍‌ବଲ୍ ପ୍ରତିଯୋଗିତା

**ବାରିପଦା, ୨୬।୧୦(ସମିସ)**



ସ୍ଥାନୀୟ ବାରିପଦା ପୌରାଞ୍ଚଳ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବିଭାଗର ରଗ୍‌ବୀ ଫୁଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ପୌରାହିତ୍ୟରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଆୟୋଜକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ, ଓଷ୍ଟା ଶିକ୍ଷକ ସଂଘର ସଭାପତି ଚିତ୍ତରଞ୍ଜନ ପଲତା ଯୋଗଦେଇଥିଲେ। ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, କ୍ରିଷ୍ଣା ଟୁଡୁ, ରାଇମୋହନ ନାଏକ, ପ୍ରକାଶ ଚନ୍ଦ୍ର ସୋଏ, ମାଳିନ ସୋଏ ଓ ବୁକାଏ ହାଁସଦା ପ୍ରମୁଖ ଯୋଗଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ ଓ ପ୍ରଦୀପ ଚୌଧୁରୀ ଯୋଗଦେଇଥିଲେ। ଜିଲ୍ଲାସ୍ତରରୁ ଚୟନ ହୋଇଥିବା ୪୮ ଜଣ କ୍ରୀଡ଼ାବିତ ଚଳିତ ଅକ୍ଟୋବର ୩୦ରୁ ନଭେମ୍ବର ୧ତାରିଖ ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ରଗ୍‌ବୀ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରୋହିଦାସ ସିଂ ସ୍ଥାନ ପାଇଛନ୍ତି। ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦେଷ୍ଣା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ ଓ ପଦ୍ମାବତୀ ସିଂ ସ୍ଥାନ ପାଇଛନ୍ତି। ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦା, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ ଓ ବାଳିକା ବିଭାଗରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ବାଲେ ହୋ, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଡୁଡୁ ମାରାଣ୍ଡି ଓ ରଞ୍ଜିତା ସିଂ ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପିଇଟି ଅଭିଷେକ ବେହେରା, ଛାତ୍ର ନିବାସର ୱାର୍ଡେନ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ 'ସୁରଭି'



**ବାରିପଦା, ୨୬।୧୦(ସମିସ):** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିସିପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୨ଟି ବିଦ୍ୟାଳୟର ପ୍ରାୟ ୨୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଭିନ୍ନ ବିଭାଗରୁ ମୋଟ ୧୮ ଜଣ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୯ ତାରିଖ ଦିନ ସହିଦ ସ୍ମୃତିଭବନରେ ବ୍ଲକସ୍ତରୀୟ 'ସୁରଭି' ଅନୁଷ୍ଠିତ ହେବ। ତତସହିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଂସ୍କୃତିକ ଦଳ ମଧ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ସିଆରସିସି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବରେ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବ୍ରଜମୋହନ ମୁର୍ମୁ, ପ୍ରଧାନ ଶିକ୍ଷୟତ୍ରୀ ରଶ୍ମି ଦେବୀ ସାୟନ, ପ୍ରମିତାରାଣୀ ଦାଶ, ସୌମ୍ୟ ଦାଶ, ଦେବ କୁମାର ପାତ୍ର ଓ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପୁରସ୍କାର ବିତରଣ କରିଥିଲେ। ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତ୍ରା ରାଉତ ଓ ପ୍ରିୟଙ୍କା ସାହୁ ତଥା ସରୋଜ କୁମାର ସାବତ, ବାମା ଚରଣ ବାନରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ବାରିପଦା:** ବାରିପଦା ମୁନିସିପାଲିଟି ଅଧୀନ ବେଲଗଡ଼ିଆ ସରକାରୀ ଉପ୍ରା ଓ ଭଞ୍ଜଭୂମି ଉଚ୍ଚ ବିଦ୍ୟାଳୟରେ ଠାକୁରାଣୀସାହି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୫ଟି ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଭିନ୍ନ ବିଭାଗରୁ ମୋଟ ୨୬ ଜଣ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ତତ୍‌ସହିତ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ସାଂସ୍କୃତିକ ଦଳ ମଧ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ସିଆରସିସି ପୂଜାରିଣୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ମହୋତ୍ସବରେ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ କାଉନ୍‌ସିଲର ସୁକେଶିନୀ ସେଠୀ, ସମଗ୍ର ଶିକ୍ଷାର ସପନ ପୃଷ୍ଟି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ପ୍ରଧାନଶିକ୍ଷକ ଅନିତା କୁଅଁର ଓ ଧରିତ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ କାଉନସିଲର ଶ୍ରୀମତୀ ସେଠୀ ସମସ୍ତ ଗାଇଡ୍ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଡମ୍ପିଂୟାର୍ଡରେ ଅଗ୍ନିକାଣ୍ଡ

**ବାରିପଦା, ୨୬।୧୦(ସମିସ):** ବାରିପଦା ପୌରପାଳିକାର ରଘୁନାଥପୁର ଡମ୍ପିଂୟାର୍ଡରେ ଅଗ୍ନିକାଣ୍ଡ ଘଟିଛି। ତେବେ ଦୀର୍ଘ ସମୟ ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରିଛନ୍ତି। ସୂଚନାନୁଯାୟୀ, ବାରିପଦା ସହରର ବର୍ଜ୍ୟବସ୍ତୁ, ଅଳିଆ ଆବର୍ଜନା ଏଠାରେ ନଷ୍ଟ ପାଇଁ ଠୁଳ କରାଯାଇଥାଏ। ତେବେ ଶନିବାର ରାତିରେ କୌଣସି କାରଣ ପାଇଁ ନିଆଁ ଲାଗି ଯାଇଥିଲା। ଉକ୍ତ ନିଆଁ ଅଳ୍ପ ସମୟ ମଧ୍ୟରେ ଅନ୍ୟ ଆଡ଼କୁ ବ୍ୟାପିବା ଆରମ୍ଭ କରିଥିଲା। ଅଗ୍ନିକାଣ୍ଡ ଯୋଗୁଁ ଜୋରରେ ଧୂଆଁ ନିର୍ଗତ ହେବା ସହ ଅନେକ ଦୁର୍ଗନ୍ଧ ହୋଇଥିଲା। ଯାହାକୁ ନେଇ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ଜାଣି ପାରି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଁଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ପ୍ରାୟ ୩୦ ମିନିଟରୁ ଅଧିକ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଅଗ୍ନିକାଣ୍ଡର ବଳୟ ମଧ୍ୟରେ ପୌରପାଳିକାର ଅନେକ ଅଳିଆ ସଂଗ୍ରହ ଗାଡ଼ିଗୁଡ଼ିକ ଠିଆ ହୋଇଥିଲା। କିନ୍ତୁ ଭାଗ୍ୟବଶତଃ ସେଥିରେ ଅଗ୍ନି ସଂଯୋଗ ହୋଇ ପାରିନଥିଲା। ଅଳ୍ପକେ ବଡ଼ ଅଘଟଣ ଘଟିବାରୁ ବର୍ତ୍ତି ଯାଇଥିଲା। ଅଗ୍ନିକାଣ୍ଡ ଯୋଗୁଁ କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ସୂଚନା ମିଳିଛି। ଅଳିଆ ମଧ୍ୟରୁ ପ୍ଲାଷ୍ଟିକ ସଂଗ୍ରହ କରୁଥିବା ଲୋକଙ୍କ ଭୁଲ ପାଇଁ ଉକ୍ତ ଅଗ୍ନିକାଣ୍ଡ ହୋଇଛି ବୋଲି ସନ୍ଦେହ କରାଯାଉଛି।

**ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ପ୍ରସଙ୍ଗ**

## ମାଇନିଂ ବିଭାଗ ଓ ପୁଲିସର ମିଳିତ ପାଟ୍ରୋଲିଂ

**ବାରିପଦା, ୨୬।୧୦(ସମିସ):** ଶ୍ୟାମାଖୁଣ୍ଟା ବ୍ଲକ ଲଘୁ ଖଣିଜ ମାଫିଆଙ୍କ ପାଇଁ ଭୂସ୍ୱର୍ଗ ସାଜିଥିବା ବେଳେ ନିୟମିତ ଭାବେ ଚୋରା ଚାଲାଣ ହେଉଛି। ଏନେଇ 'ସକାଳ'ରେ ଖବର ପ୍ରକାଶ ହେବା ପରେ ମୟୂରଭଞ୍ଜ ପୁଲିସ ପ୍ରଶାସନ ଚେତିଛି। ଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ମାଇନିଂ ବିଭାଗ ଓ ପୁଲିସର ମିଳିତ ପାଟ୍ରୋଲିଂ ହେବ। ବାଲି, ମୋରମ ଓ ପଥର ଚୋରା ଚାଲାଣକୁ ରୋକିବା ପାଇଁ ପାଟ୍ରୋଲିଂ ତୀବ୍ରତର କରାଯିବ ତତ୍‌ସହିତ ବେଆଇନ ଉତ୍ତୋଳନ ଓ ଚୋରା ଚାଲାଣରେ ସମ୍ପୃକ୍ତଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ସୂଚନା ଦେଇଛନ୍ତି। ଜିଲ୍ଲାର ରାଇରଙ୍ଗପୁର, ତିରିଂ, ବହଳଦା, ରରୁଆଁ, ବାଙ୍ଗିରିପୋଷି, ବାରିପଦା ଟାଉନ, ସଦର, କୁଳିଅଣା, ଚାନ୍ଦୁଆ, ଝାରପୋଖରିଆ, ରାସଗୋବିନ୍ଦପୁର, ମୋରଡା, ବଡସାହି, ବୈଶିଙ୍ଗା ଓ ବେତନଟୀ ଥାନା ଅଞ୍ଚଳରେ ଚଢ଼ାଉ ପ୍ରକ୍ରିୟା ଅଧିକ କ୍ରିୟାଶୀଳ କରାଯିବା ନେଇ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ଉପରୋକ୍ତ ଅଞ୍ଚଳରେ ଲଘୁ ଖଣିଜ ମାଫିଆ ମାନଙ୍କ ପ୍ରାଦୁର୍ଭାବ କମିବ ବୋଲି ଆଶା ପ୍ରକାଶ କରାଯାଇଛି।

**ଆନ୍ତଃମହାବିଦ୍ୟାଳୟ ମହିଳା ଭଲିବଲ୍ ପ୍ରତିଯୋଗିତା**

## ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିଅନ

**ବାରିପଦା, ୨୬।୧୦(ସମିସ):** ସ୍ଥାନୀୟ ଭଞ୍ଜପୁର ସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃମହାବିଦ୍ୟାଳୟ ମହିଳା ଭଲିବଲ ପ୍ରତିଯୋଗିତା ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରବୋଧ କୁମାର ଦେ ଉଦ୍‌ଘାଟନ କରିଥିଲେ। ଏଥିରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୮ଟି ଦଳ ଭାଗ ନେଇଥିଲେ। ସେମିଫାଇନାଲକୁ ଉନ୍ନିତ ରାଇରଙ୍ଗପୁର ମହାବିଦ୍ୟାଳୟ ଓ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଆୟୋଜିତ ହୋଇଥିଲା। ଶେଷରେ ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ଓ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଆୟୋଜିତ ଫାଇନାଲ ମ୍ୟାଚରେ ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼ଃ ଦେ ଅଧ୍ୟକ୍ଷତା କରିଥିବା ବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସୁବ୍ରତ କୁମାର ରଣା ମୁଖ୍ୟଅତିଥି ଓ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ କୃତିତ୍ୱ ଅର୍ଜନ କରିଥିବା ଦଳ ଓ ଶ୍ରେଷ୍ଠ ଖେଳାଳି ଭାବେ ଯୋଗ୍ୟ ବିବେଚିତ ହୋଇଥିବା ଦମୟନ୍ତୀ ମୁର୍ମୁଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ମହାବିଦ୍ୟାଳୟର କ୍ରୀଡ଼ା ସଂସଦର ଉପସଭାପତି ସଞ୍ଜୀବ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଞ୍ଜସେନାର ହରତାଳ ସ୍ଥଗିତ

**ବାରିପଦା, ୨୬।୧୦(ସମିସ):** ଭଞ୍ଜସେନା ଆନ୍ଦୋଳନର ଡାକାରା ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ ନୂଆଗାଁ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ଏଣୁ ଅକ୍ଟୋବର ୨୭ ତାରିଖରେ ସଂଗଠନ ପକ୍ଷରୁ ଜିଲ୍ଲା ମଧ୍ୟଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ରାସ୍ତା ଉପରେ ହେବାକୁ ଥିବା ହରତାଳ କାର୍ଯ୍ୟକ୍ରମ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ମାତ୍ର ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପ୍ରାଥମିକ ଶିକ୍ଷାରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ଜାରୀ ରହିବ ବୋଲି ସଂଗଠନ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଇଲେକ୍ଟ୍ରୋ ହୋମିଓପାଥ୍ ଚିକିତ୍ସା ଶିବିର



**ବାରିପଦା, ୨୬।୧୦(ସମିସ):** ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ଡ. ନାୟକ ଇଲେକ୍ଟ୍ରୋ ହୋମିଓପାଥ୍ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୋଟ ୩୨ଜଣ ରୋଗୀଙ୍କ ଚିକିତ୍ସା, ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କେନ୍ଦ୍ରର ଉପଦେଷ୍ଟା ଡା ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବରିଷ୍ଠ କବି ଅମିତାଭ ମିଶ୍ର, ଅଜିତ ପାଣିଗ୍ରାହୀ ସମାଜ ସେବୀ ପ୍ରଦୀପ ଭଞ୍ଜଦେଓ, ଶିକ୍ଷକ ନିହାର ରଞ୍ଜନ ମହାନ୍ତ ଅଧ୍ୟାପକ ଅଶୋକ ପୃଷ୍ଟି ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଏସ ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିମାସ ଶେଷ ରବିବାର ନିଶୁଳ୍କ ଚିକିତ୍ସା ଶିବିର ଆୟୋଜନ ପାଇଁ କେନ୍ଦ୍ର ତରଫରୁ ବ୍ୟବସ୍ଥା ହୋଇଥିବା ଉପଦେଷ୍ଟା ଡା. ନାୟକ ପ୍ରକାଶ କରିଛନ୍ତି।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | NA | NA | NA |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ସମ୍ପାଦକୀୟ



ମୋ ବ୍ୟକ୍ତିଗତ ଉନ୍ନତି ଦେଶର କର୍ତ୍ତବ୍ୟ ନୁହେଁ, କିନ୍ତୁ ମୋ ଦେଶର ଉନ୍ନତି ମୋର କର୍ତ୍ତବ୍ୟ।
-ମେଜର ଧ୍ୟାନଚାନ୍ଦ

ସକାଳ
THE SAKALA

## ପାପୁଲିର ଫଳ

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଈପ୍‌ସିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚରା ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀଙ୍କୁ ତା' ଜୀବନକାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟକଚେରି ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତା'ର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା' ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉ ନାହାନ୍ତି। କିନ୍ତୁ ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ କେବଳ ବିଚାର ବ୍ୟବସ୍ଥା ନୁହେଁ, ରାୟ ବା ଅଦାଲତ ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ମଧ୍ୟ ଏତେ ବିଳମ୍ବିତ ଓ ମନ୍ଥର ଯେ ହାତରେ ଫଳଟିକୁ ଧରି ମଧ୍ୟ ନଖାଇପାରିବା ପରି ପରିସ୍ଥିତି ସୃଷ୍ଟି ହେଉଛି।

ଆଇନ କାନୁନ, ଅଦାଲତୀ ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ଧାରଣା ନଥିବା ଆମ ଭିତରୁ ଅନେକେ ହୁଏତ ଜାଣି ନଥିବେ ଯେ ବିଚରପତିଙ୍କ ଚୂଡ଼ାନ୍ତ ରାୟ ବାଦୀ କିମ୍ବା ପ୍ରତିବାଦୀ ବା ପକ୍ଷଭୁକ୍ତ ବ୍ୟକ୍ତିଙ୍କ ପାଇଁ ଚୂଡ଼ାନ୍ତ ଆଶ୍ୱସ୍ତି ନୁହେଁ। ବିଚାରପତିଙ୍କ ରାୟ ଆସିବା ପରେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଉ ଏକ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼େ, ଯାହାକୁ ଆଇନ ଭାଷାରେ 'ଏକ୍‌ଜିକ୍ୟୁସନ୍ ପିଟିସନ୍' ବା 'କାର୍ଯ୍ୟାନ୍ୱୟନ ଆବେଦନ' କୁହାଯାଏ। ଏକ୍‌ଜିକ୍ୟୁସନ୍ ପିଟିସନ୍ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଅଦାଲତୀ ରାୟ ଅର୍ଥହୀନ ଓ ଗୁରୁତ୍ୱବିହୀନ। ବିଡ଼ମ୍ବନାର ବିଷୟ ଯେ ବିଚାରାଧୀନ ମାମଲା ପରି ନ୍ୟାୟିକ ପ୍ରକ୍ରିୟାର ଏହି ଚୂଡ଼ାନ୍ତ ସୋପାନଟି ମଧ୍ୟ ମାମଲା ବୋଝରେ ଭାରାକ୍ରାନ୍ତ। ଅପରପକ୍ଷରେ ଜିତା ପଟରେ ଥାଇ ମଧ୍ୟ ପକ୍ଷବାଦୀମାନେ ହକ୍ ପାଇବାରୁ ଦୀର୍ଘବର୍ଷ ଧରି ବଞ୍ଚିତ ହେଉଛନ୍ତି ଏବଂ କୋର୍ଟକଚେରି ଦୌଡ଼ି ଦୌଡ଼ି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଛନ୍ତି।

ବିଶେଷକରି ଅଧସ୍ତନ ଅଦାଲତମାନଙ୍କରେ ବଢ଼ିଚାଲିଥିବା ଏଭଳି କାର୍ଯ୍ୟାନ୍ୱୟନ ଆବେଦନ ବୋଝକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଗତ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଅଦାଲତ ଆଦେଶ କାର୍ଯ୍ୟକାରୀ କରିବାରେ ଏଭଳି ମନ୍ଥରତାର ସମୀକ୍ଷା କରିବା ଅବସରରେ ଦେଶର ସାମଗ୍ରିକ ଭାବେ ତଳକୋର୍ଟମାନଙ୍କରେ ୮ ଲକ୍ଷ ୮୨ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟାନ୍ୱୟନ ଆବେଦନ ପଡ଼ିରହିଥିବା ଜାଣି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ରାୟ ପ୍ରକାଶ ପାଇସାରିବା ପରେ ମଧ୍ୟ ତାହା ଯଦି ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁନାହିଁ ତେବେ ସେ ରାୟ ଓ ବିଚାର ଏକ ପ୍ରହସନ ବୋଲି ଖଣ୍ଡପୀଠ କ୍ଷୋଭ ପ୍ରକାଶ କରି କହିଛନ୍ତି। 'ନ୍ୟାଶ୍‌ନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍' ପକ୍ଷରୁ ଜାରି ସୂଚନା ଅନୁଯାୟୀ ଗୋଟିଏ ଦେୱାନି ମାମଲାର ଫଏସଲା ହେବା ପାଇଁ ହାରାହାରି ୪.୯୧ ବର୍ଷ ଲାଗୁଥିବା ବେଳେ ଏକ୍‌ଜିକ୍ୟୁସନ୍ ପିଟିସନ୍‌ର କାର୍ଯ୍ୟକାରୀ ହେବା ପାଇଁ ହାରାହାରି ୩.୯୭ ବର୍ଷ ଲାଗୁଛି। ଏଭଳି ବିଳମ୍ବର କାରଣ ମଧ୍ୟରେ ପେସାଦାର ସହାୟକଙ୍କ ଅଭାବ, କୋର୍ଟ ଆଦେଶ ଉପରେ ଆଉ ଏକ କୋର୍ଟର ରହିତାଦେଶ, ମାମଲା ହାରି ଯାଇଥିବା ପକ୍ଷଙ୍କୁ ପୁନଃଆବେଦନର ସୁଯୋଗ ବ୍ୟବସ୍ଥା, ଆବଶ୍ୟକ ନଥିପତ୍ରର ଅନୁପସ୍ଥିତି ଆଦି ରହିଛି। ବିଶେଷକରି ଜମିବାଡ଼ି, ଅର୍ଥ, ସମ୍ପତ୍ତି ମାମଲାରେ ଏଭଳି ବିଳମ୍ବିତ ପ୍ରକ୍ରିୟାର ଉଦାହରଣ ଅଧିକ।

୨୦୨୧ରେ ପ୍ରଧାନ ବିଚାରପତି ଏସ୍ ଏ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତିନିଜଣିଆ ଖଣ୍ଡପୀଠ ଏକ୍‌ଜିକ୍ୟୁସନ୍ ପିଟିସନ୍‌ଗୁଡ଼ିକର ତୁରନ୍ତ ଫଏସଲ କରିବା ପାଇଁ ୧୪ଟି ବାଧ୍ୟତାମୂଳକ ମାର୍ଗଦର୍ଶିକା ଜାରି କରିବା ସହିତ ମାମଲା ଦାଖଲ ହେବାର ଛଅ ମାସ ମଧ୍ୟରେ ଫଏସଲା କରିବା ପାଇଁ ତଳକୋର୍ଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଆଶାନୁରୂପ ସଫଳତା ମିଳିପାରିନାହିଁ। ସର୍ବୋଚ୍ଚ ନ୍ୟାୟାଳୟର ସଦ୍ୟତମ ଦୁଇଜଣିଆ ଖଣ୍ଡପୀଠ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟମାନଙ୍କର ତତ୍ତ୍ୱାବଧାନରେ ସମାଧାନ ପାଇଁ ଆଉ ଛଅମାସ ସମୟ ଦେଇଥିବା ବେଳେ ଆସନ୍ତା ବର୍ଷ ପୁନଃସମୀକ୍ଷା କରିବେ ବୋଲି କହିଛନ୍ତି।

ଆମ ମତରେ ଦେଶର ସବୁସ୍ତରୀୟ ଅଦାଲତରେ ପର୍ଯ୍ୟାପ୍ତ ବିଚାରପତି ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେବା ଏକପ୍ରକାର ଦୁରୁହ ବ୍ୟାପାର। ଏହାଛଡ଼ା ନ୍ୟାୟିକ ପ୍ରକ୍ରିୟା ଆହୁରି ସରଳ ଏବଂ ଏହାର ଭାଷା ସାଧାରଣ ଲୋକଟିଏ ବୁଝିପାରୁଥିବା ଭଳି ସାବଲୀଳ ହେବା ଆବଶ୍ୟକ। ଏକ ଅପ୍ରିୟ ସତ୍ୟ ଯେ ଅଦାଲତୀ ପ୍ରକ୍ରିୟାରେ ରାୟ ବା ନିଷ୍ପତ୍ତି କାର୍ଯ୍ୟାନ୍ୱୟନରେ ଅମଲାତନ୍ତ୍ରର ଏକ ବଡ଼ ଭୂମିକା ରହିଛି। ତେଣୁ ମାମଲା ବୋଝ କେତେଶୀଘ୍ର ହ୍ରାସ ପାଇବ ତାହା ସେମାନଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ଶୃଙ୍ଖଳା, ସାଧୁତା ଓ ସଚ୍ଚୋଟତା ଉପରେ ନିର୍ଭର କରୁଛି। ଆହୁରି ଏକ ବିଡ଼ମ୍ବନା ଯେ ଏଭଳି ବିଳମ୍ବିତ ଓ ବିଡ଼ମ୍ବିତ ନ୍ୟାୟିକ ପ୍ରକ୍ରିୟାରେ ଗରିବ ଜନତା ହିଁ ସବୁଠାରୁ ଅଧିକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେଉଛନ୍ତି। ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଯଦି ଦେଶର ଗରିବ ବର୍ଗର ଲୋକଟିଏ ଉଚିତ ସମୟରେ ନ୍ୟାୟ ନ ପାଇପାରିଲା ଏବଂ ନ୍ୟାୟ ପାଇ ମଧ୍ୟ ତାହା ଉପଭୋଗ ନ କରିପାରିଲା ତେବେ ସ୍ୱାଧୀନତା ଓ ଗଣତନ୍ତ୍ର ମୂଲ୍ୟହୀନ ହୋଇପଡ଼ିବ। ଏଭଳି ବ୍ୟବସ୍ଥାରେ ସମ୍ବିଧାନର ମୌଳିକ ମୂଲ୍ୟବୋଧର ସୁରକ୍ଷା ହୋଇପାରିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ମାର୍ମିକ ଅଭିବ୍ୟକ୍ତି ଅନୁଯାୟୀ ହାତ ପାପୁଲିରେ ଥିବା ଫଳଟିକୁ ସଢ଼ିଯିବା ପୂର୍ବରୁ ଉପଯୋଗ କରାଯାଇପାରିଲେ ହିଁ ଫଳର ସ୍ୱାଦ ଓ ମୂଲ୍ୟ ଅର୍ଥପୂର୍ଣ୍ଣ ହୋଇପାରିବ। ଏବେ ସମୟ ଆସିଛି ଗଣତନ୍ତ୍ରର ସବୁସ୍ତମ୍ଭ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଏ ଦିଗରେ ସକାରାତ୍ମକ ଉଦ୍ୟମ ଆରମ୍ଭ କରିବାର।

## ନୋବେଲ୍ ପୁରସ୍କାର: ବିବାଦ ଓ ବିଡ଼ମ୍ବନା

**ଡ. ପ୍ରଦୀପ କୁମାର ନାୟକ**

ଚଳିତବର୍ଷ ପାଇଁ ସମସ୍ତ କ୍ଷେତ୍ରରେ ନୋବେଲ୍ ପୁରସ୍କାର ଘୋଷଣା ସରିଛି। ଏଥର ସମସ୍ତଙ୍କ ଦୃଷ୍ଟି ଶାନ୍ତି ନୋବେଲ୍ ପୁରସ୍କାର ଉପରେ ରହିଥିଲା। ତେବେ ପ୍ରବଳ ଚାପ ଓ ପ୍ରଭାବ ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିରାଶ ହୋଇଛନ୍ତି, ଯାହା ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି। ଯଦି ଟ୍ରମ୍ପ ଏହି ପୁରସ୍କାର ପାଇଥା'ନ୍ତେ ତେବେ ନୋବେଲ୍ ପୁରସ୍କାରର ବିଡ଼ମ୍ବନା ତାଲିକାରେ ଆଉ ଏକ ଅଧ୍ୟାୟ ଲେଖି ହୋଇଯାଇଥା'ନ୍ତା। ନୋବେଲ୍ ପୁରସ୍କାର ଇତିହାସରେ ଏଭଳି ଅନେକ ଘଟଣା ରହିଛି, ଯାହା ବିବାଦ ସୃଷ୍ଟି କରିଛି; କିନ୍ତୁ ଅନିଚ୍ଛା ସତ୍ତ୍ୱେ ବିଶ୍ୱବାସୀ ମାନି ନେବାକୁ ବାଧ୍ୟ ହୋଇଛନ୍ତି।

ସ୍ୱିଡେନର ରସାୟନବିଜ୍ଞାନୀ ଆଲଫ୍ରେଡ ନୋବେଲ ୧୮୬୭ ସାଲରେ ଡିନାମାଇଟ ଉଦ୍ଭାବନ କରିବା ପରେ ଯେଉଁ ବିପୁଳ ପରିମାଣର ଅର୍ଥ ଓ ସମ୍ପତ୍ତି ଅର୍ଜନ କରିଥିଲେ ସେଥିରୁ ନୋବେଲ ପୁରସ୍କାର ଦେବା ପାଇଁ ଏକ ପାଣ୍ଠି ଗଠନ ହୋଇଥିଲା ୧୮୯୫ ମସିହାରେ ତାଙ୍କର ଲିଖିତ ଇଚ୍ଛାପତ୍ର ଅନୁଯାୟୀ। ୧୮୯୬ ମସିହାରେ ତାଙ୍କର ଦେହାନ୍ତ ପରେ ସେହି ପାଣ୍ଠିର ପରିଚାଳନା ନୋବେଲ ଫାଉଣ୍ଡେସନ କରିଆସୁଛି ଏବଂ ୧୯୦୧ ମସିହାରୁ ନୋବେଲ ପୁରସ୍କାର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ପ୍ରଥମେ ୫ ଟି ବିଷୟରେ -ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ବିଜ୍ଞାନ ବା ଚିକିତ୍ସା ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଥିଲା। ୧୯୬୮ ମସିହାରେ ଅର୍ଥନୀତିକୁ ଏଥିରେ ସାମିଲ୍ କରାଗଲା। ପ୍ରତିବର୍ଷ ଅକ୍ଟୋବର ମାସରେ ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ବ୍ୟକ୍ତିମାନଙ୍କ ନାମ ଘୋଷଣା କରାଯାଏ। ୨୦୨୫ ମସିହାରେ ପ୍ରତି ନୋବେଲ ପୁରସ୍କାର ବିଜେତା ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୦ ଲକ୍ଷ ଟଙ୍କା ଲେଖାଏଁ ପାଇବେ।

ପ୍ରତ୍ୟେକ ବିଭାଗରେ ଚୟନକର୍ତ୍ତାଙ୍କ ଏକ ପାଞ୍ଚଜଣିଆ କମିଟି ରହିଛି, ଯେଉଁମାନେ କି କୌଣସି ବିଷୟରେ ନୋବେଲ ପୁରସ୍କାର ପାଇବାକୁ ଥିବା ବ୍ୟକ୍ତିର ଯୋଗ୍ୟତାକୁ ଗୁଣବତ୍ତାର ମାନଦଣ୍ଡରେ ମୂଲ୍ୟାଙ୍କନ କରି ତାଙ୍କ ନାମଟି ଚୟନ କରିଥା'ନ୍ତି। ଏହି ପୁରସ୍କାର ପୃଥିବୀର ସର୍ବଶ୍ରେଷ୍ଠ ଓ ସବୁଠାରୁ ସମ୍ମାନନୀୟ ପୁରସ୍କାର। ୧୯୦୧ ରୁ ୨୦୨୫ମସିହା ମଧ୍ୟରେ ସମୁଦାୟ ୧୦୨୨ (୯୮୬ ବ୍ୟକ୍ତି ଓ ୨୮ ଅନୁଷ୍ଠାନ) ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇଥିବା ବ୍ୟକ୍ତିମାନେ ପୃଥିବୀ ପ୍ରସିଦ୍ଧ ହୋଇଯା'ନ୍ତି ଏବଂ ନିଜ ନିଜ ଦେଶ ପାଇଁ ଗୌରବ ଆଣିଥା'ନ୍ତି। ସେଥିପାଇଁ ପୃଥିବୀର କୋଣ ଅନୁକୋଣରେ ଥିବା ଖ୍ୟାତନାମା ବ୍ୟକ୍ତିମାନେ ଏହି ପୁରସ୍କାର ପାଇବା ପାଇଁ ଆଶାୟୀ ଥା'ନ୍ତି। କିନ୍ତୁ ଅନେକ ସମୟରେ ନୋବେଲ ପୁରସ୍କାର ଚୟନ କମିଟିର ନିଷ୍ପତ୍ତି ବିବାଦୀୟ ହୋଇଥାଏ। ବୁଦ୍ଧିଜୀବୀମାନଙ୍କ ମନରେ ସେହିପରି ନିଷ୍ପତ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଥାଏ।

୧୯୧୮ ମସିହାରେ ଜର୍ମାନୀର ରସାୟନବିତ ଫ୍ରିଜ ହାବେର ଏମୋନିଆର ସଂଶ୍ଳେଷଣ ପଦ୍ଧତି ଉଦ୍ଭାବନ କରି ସାର ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବାରୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହା ଏକ ବଡ଼ ବିବାଦ ସୃଷ୍ଟି କରିଥିଲା। କାରଣ ଏହି ବୈଜ୍ଞାନିକ ହିଁ ମାନବ ବିଧ୍ୱଂସୀ ରାସାୟନିକ ଅସ୍ତ୍ର ଓ ବୋମା ଉଦ୍ଭାବନ କରିଥିଲେ। ସେଥିପାଇଁ ତାଙ୍କୁ ପୁରସ୍କାର ଦେବା ନିଷ୍ପତ୍ତି ଠିକ ନଥିଲା ବୋଲି ବୁଦ୍ଧିଜୀବୀମାନଙ୍କ ମତ ଥିଲା। ୧୯୪୯ ମସିହାରେ ପର୍ତ୍ତୁଗାଲର ଆଣ୍ଟନିଓ ଇଗାସ ମୋନିଜ ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମସ୍ତିଷ୍କ ଆଂଶିକ ଛେଦନ(ଲୋବୋଟୋମି) ଉଦ୍ଭାବନ କରି ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହି ପଦ୍ଧତି ଅତ୍ୟନ୍ତ ବିପଜ୍ଜନକ ଥିଲା। ତେଣୁ ସେ ଏହି ପୁରସ୍କାର ପାଇଁ ମନୋନୀତ ହେବା କଥା ନଥିଲା ବୋଲି ମତ ପ୍ରକାଶ ପାଇଥିଲା।

ପ୍ରସିଦ୍ଧ କୂଟନୀତିଜ୍ଞ ତଥା ଆମେରିକାର ତତ୍କାଳୀନ ଜାତୀୟ ନିରାପତ୍ତା ପରାମର୍ଶଦାତା(୧୯୬୯ ଠାରୁ ୧୯୭୫) ହେନେରି କିସିଞ୍ଜର ଓ ଭିଏତନାମର କୂଟନୀତିଜ୍ଞ ଲେ ଦୃକ ଥୋ ଙ୍କୁ ୧୯୭୩ ମସିହାରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ଦିଆ ଯାଇଥିଲା, ଯାହା କି ସାରା ବିଶ୍ୱରେ ଅସନ୍ତୋଷ ଓ ବିବାଦ ସୃଷ୍ଟି କରିଥିଲା। ସମାଲୋଚକଙ୍କ ମତରେ ହେନେରି କିସିଞ୍ଜର ଜଣେ ଯୁଦ୍ଧଖୋର ବ୍ୟକ୍ତି ଥିଲେ, ଯାହାଙ୍କର ଯୁଦ୍ଧମୁହାଁ ନୀତି ଯୋଗୁଁ ଆମେରିକା ଓ ଭିଏତନାମ ଯୁଦ୍ଧ ଦୀର୍ଘବର୍ଷ ଧରି ଚାଲିଥିଲା। ଏହାଛଡ଼ା ୧୯୬୫ ମସିହାଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ କାମ୍ବୋଡ଼ିଆରେ ଯେଉଁ ଭୟଙ୍କର ବୋମା ବର୍ଷଣ ହୋଇଥିଲା ତାହା ମଧ୍ୟ କିସିଞ୍ଜରଙ୍କ ପରାମର୍ଶରେ ହୋଇଥିଲା ବୋଲି ବୁଦ୍ଧିଜୀବୀମାନେ ବିଶ୍ୱାସ କରନ୍ତି। ଏପରିକି ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନଙ୍କୁ କିସିଞ୍ଜର ଉପଦେଶ ଦେଇଥିଲେ ପାକିସ୍ତାନ ସପକ୍ଷରେ ଯିବା ପାଇଁ ଏବଂ ବଙ୍ଗୋପସାଗରରେ ଭାରତକୁ ଭୟଭୀତ କରିବା ପାଇଁ ଇଉ.ଏସ .ଏସ ଏଣ୍ଟରପ୍ରାଇଜ ନାମକ ଏକ ପରମାଣୁ କ୍ଷମତାସମ୍ପନ୍ନ ଯୁଦ୍ଧଜାହାଜ ପଠେଇ ଥିଲେ। ତେଣୁ ଏହିପରି ବ୍ୟକ୍ତିଙ୍କୁ ଚୟନକର୍ତ୍ତା ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବା ଠିକ ନଥିଲା। ଅପରପକ୍ଷରେ ଭିଏତନାମର କୂଟନୀତିଜ୍ଞ ଲେ ଦୃକ ଥୋ ନିଜେ ନୋବେଲ ଶାନ୍ତି ପୁରସ୍କାରକୁ ଭିଏତନାମରେ ଯୁଦ୍ଧ ବନ୍ଦ ହୋଇନଥିବା କାରଣ ଦର୍ଶାଇ ପ୍ରତ୍ୟାଖାନ କରି ଦେଇଥିଲେ।

ସବୁଠାରୁ ବିଚିତ୍ର ନିଷ୍ପତ୍ତି ଥିଲା ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧ୍ୟକ୍ଷ ଓ ଜାତୀୟବାଦୀ ନେତା ୟାସେର ଆରାଫାତଙ୍କୁ ୧୯୯୪ ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପ୍ରଦାନ କରିବା। ହିଂସା, ଆତଙ୍କବାଦ ଓ ରକ୍ତପାତରେ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି ଏହି ମହାନ ସମ୍ମାନରେ ଭୂଷିତ ହେବା ପାଇଁ କିପରି ଯୋଗ୍ୟ ହେଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା। ଆମେରିକାର ୪୪ ତମ ରାଷ୍ଟ୍ରପତି ବାରାକ ଓବାମା ୨୦୦୯ ମସିହାରେ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବାର କିଛିମାସ ପରେ ସେହିବର୍ଷ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ, ଯାହାକି ବିଶ୍ୱବାସୀଙ୍କୁ ଚକିତ କରିଥିଲା। ପ୍ରଖ୍ୟାତ ଆମେରିକୀୟ ଗାୟକ ଓ ଗୀତିକାର ବବ ଡିଲାନଙ୍କୁ ୨୦୧୬ ମସିହାରେ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ନୋବେଲ ପୁରସ୍କାର ଦେବା ନିଷ୍ପତ୍ତି ବିଶ୍ୱ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରି ନଥିଲେ।

ନୋବେଲ ପୁରସ୍କାର ପ୍ରଦାନ କରିବା ପାଇଁ ଯେଉଁ ମାନଦଣ୍ଡ ରଖାଯାଇଛି ତାହାର ସମ୍ଭବତଃ ଉଲ୍ଲଙ୍ଘନ କରାଯାଇ କିଛିବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯିବା ନିଷ୍ପତ୍ତି ସଦାସର୍ବଦା ବିବାଦୀୟ ହୋଇଛି। ବିଡ଼ମ୍ବନାର କଥା ହେଲା କେତେକ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପୁରସ୍କାରରୁ ବଞ୍ଚିତ କରିବା ବା ଉପେକ୍ଷା କରିବା। ଭାରତର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ନୋବେଲ ପୁରସ୍କାର ଚୟନ କମିଟି ନିକଟକୁ ମନୋନୀତ କରିବା ପାଇଁ ୧୯୩୭, ୧୯୩୮, ୧୯୩୯, ୧୯୪୭ ଓ ୧୯୪୮ ମସିହାରେ ସୁପାରିସ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କୁ ଅଣଦେଖା କରାଯାଇଥିଲା। ସେହିପରି ରୁଷ ଲେଖକ ଲିଓ ଟଲଷ୍ଟୟ, ଆଇରିଶ ଲେଖକ ଯେମସ ଜୋଏସ, ଫ୍ରେଞ୍ଚ ଔପନ୍ୟାସିକ ମାରସେଲ ପ୍ରାଉଷ୍ଟ, ଆମେରିକାନ ଲେଖକ ମାର୍କ ଟ୍ୱାଇନ, ଆର୍ଜେଣ୍ଟିନା ଲେଖକ ଜର୍ଜ ଲୁଇ ବୋର୍ଜେସ, ନରୱେର ନାଟ୍ୟକାର ହେନେରି ଇବସେନ, ପୋଲାଣ୍ଡ- ବ୍ରିଟିଶ ଲେଖକ ଯୋସେଫ କନରାଡ଼, ରୁଷ ଲେଖକ ବ୍ଲାଦିମିର ନବକଭ, ବ୍ରିଟିଶ ଲେଖିକା ଭରଜିନିଆ ଉଲଫ ଓ ଗ୍ରହାମ ଗ୍ରୀନ, ଭାରତୀୟ ବଂଶୋଦ୍ଭବ ଔପନ୍ୟାସିକ ସଲମାନ ରସଦି ପରି ଖ୍ୟାତନାମା ଲେଖକଗଣ, ଯେଉଁମାନେ ସେମାନଙ୍କ ଲେଖା ଦ୍ୱାରା ପାଠକ/ପାଠିକାମାନଙ୍କୁ ସମ୍ମୋହିତ କରି ଆସିଛନ୍ତି, ସେଭଳି ଯୋଗ୍ୟ ବ୍ୟକ୍ତିମାନେ ନୋବେଲ୍ କମିଟି ଦ୍ୱାରା ଉପେକ୍ଷିତ ହୋଇଛନ୍ତି।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## ଅପମିଶ୍ରିତ କଫ୍‌ସିରପ୍ ଓ ଶିଶୁମୃତ୍ୟୁ

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ଏକ ଜନକଲ୍ୟାଣକାରୀ ଶାସନ ବ୍ୟବସ୍ଥାର ଅନ୍ୟତମ ପ୍ରଧାନ କର୍ତ୍ତବ୍ୟ ହେଲା ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବା। ଅନ୍ୟପକ୍ଷରେ, ଏହି କାର୍ଯ୍ୟକ୍ରମ ସହିତ ଜଡ଼ିତ ଡାକ୍ତର, ଔଷଧ ନିୟନ୍ତ୍ରକ ପ୍ରମୁଖ ବିଭିନ୍ନ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କର ମଧ୍ୟ ଏହା ହେଉଛି ପ୍ରଥମ ନୈତିକ ଦାୟିତ୍ୱ, କିନ୍ତୁ ସେମାନେ ବେଳେ ବେଳେ ଅପମିଶ୍ରଣକାରୀ ଲାଭଖୋର ଅସାଧୁ ଔଷଧ କମ୍ପାନୀମାନଙ୍କର ଅମାନୁଷିକ ଷଡ଼ଯନ୍ତ୍ରର ଅଂଶୀଦାର ପାଲଟି ଯିବାର ଦେଖାଯାଏ। ଏହାର ଭୟାନକ ପରିଣାମ କିପରି ନିରୀହ ଜନସାଧାରଣ ଭୋଗିଥା'ନ୍ତି ତାହାର ଭୁରିଭୁରି ଦୃଷ୍ଟାନ୍ତ ମଧ୍ୟରୁ ଅନ୍ୟତମ ରୂପେ ଏବେ ଉଭା ହୋଇଛି ତାମିଲନାଡୁର କାଞ୍ଚିପୁରମ୍ ସ୍ଥିତ ଶ୍ରେଷାନ ଫାର୍ମାସ୍ୟୁଟିକାଲ ଦ୍ୱାରା ପ୍ରସ୍ତୁତ 'କୋଲ୍‌ଡରିଫ୍' ନାମକ କଫସିରପ୍(କାଶ ନିବାରକ ଔଷଧ) ସେବନ ଫଳରେ ବିଗତ କିଛିଦିନ ମଧ୍ୟରେ ମୃତ୍ୟୁବରଣ କରିଥିବା ମଧ୍ୟପ୍ରଦେଶର ପ୍ରାୟ ୩୦ ଜଣ, ରାଜସ୍ଥାନର ୮/୧୦ ଜଣ ଏବଂ ଅନ୍ୟକେତେକ ରାଜ୍ୟର କିଛି ଶିଶୁ।

ଇତିମଧ୍ୟରେ କରାଯାଇଥିବା ଅଧ୍ୟୟନରୁ ଏହାର ନମୁନାମାନଙ୍କରେ ଏକ ବିଷାକ୍ତ ପଦାର୍ଥ 'ଡାଇ-ଇଥିଲିନି ଗ୍ଲାଇକଲ' ବା ଡିଇଜି ପ୍ରାୟ ୪୮.୬ ଶତାଂଶ ପର୍ଯ୍ୟନ୍ତ ଥିବାର ଜଣାପଡ଼ିଛି। ତହିଁରେ ଅପମିଶ୍ରିତ କରାଯାଇଥିବା ଏହି ପଦାର୍ଥଟି କେବଳ ବିଭିନ୍ନ ଶିଳ୍ପରେ ହିମବିରୋଧୀ (ତରଳ ପଦାର୍ଥକୁ ଜମାଟ ବାନ୍ଧିବାକୁ ନଦେବା), ବ୍ରେକ୍‌କୁ ଚିକ୍କଣ ରଖିବା ତରଳ, ଦ୍ରାବକ ଆଦି ରୂପେ ଏବଂ ରଂଗ, ରେଜିନ ଆଦିର ପ୍ରସ୍ତୁତିରେ ବ୍ୟବହାର କରିବା ଲାଗି ଉଦ୍ଦିଷ୍ଟ। ଏହାର ବିଷାକ୍ତ ପ୍ରଭାବ ମୁଖ୍ୟତଃ ବୃକ୍‌କକୁ ଅକାମୀ କରିଦିଏ। ବିଶେଷକରି, ଶିଶୁମାନଙ୍କଠାରେ ଏହା ଅଧିକ ହୋଇଥାଏ। ସେଥିପାଇଁ ଏହି ଦୁଇରାଜ୍ୟ ସମେତ ଏହା ଉତ୍ପାଦନ ହେଉଥିବା ତାମିଲନାଡୁ ଏବଂ ଅନ୍ୟ କେତେକ ଅଞ୍ଚଳରେ ଏହାକୁ ନିଷେଧ କରାଗଲାଣି।

ସାଧାରଣତଃ ତରଳ ଔଷଧକୁ ବହଳିଆ କରିବା ପାଇଁ ତହିଁରେ ମିଶାଯାଏ ଗ୍ଲିସେରିନ୍ ବା ପଲିପ୍ରୋପିଲିନ ଗ୍ଲାଇକଲ୍। ଏହା ଏକ ରଙ୍ଗହୀନ, ଗନ୍ଧହୀନ, ମଧୁର ସ୍ୱାଦଯୁକ୍ତ ପଦାର୍ଥ। ପୁନଶ୍ଚ ଏହାର ଆକାର ଘନ ବା ସିରାପି। ବିଷାକ୍ତ ଡିଇଜିର ଏ ସମସ୍ତଗୁଣ ଅଛି। ଅନ୍ୟପକ୍ଷରେ ଏହା ଖୁବ୍ ଶସ୍ତା। ସେଥିପାଇଁ ଅସାଧୁ ଔଷଧ କମ୍ପାନୀମାନେ ଉତ୍ପାଦରେ ତାହାକୁ ଅପମିଶ୍ରଣ କରିଥା'ନ୍ତି। ବିଭିନ୍ନ ପ୍ରକାର କଫ୍‌ସିରପ୍‌ରେ ଥିବା ଉପାଦାନଗୁଡ଼ିକ ଥଣ୍ଡା କାଶ, ଶୁଖିଲାକାଶ ଏବଂ ଆଲର୍ଜିଜନିତ କାଶ ଲାଗି କିଛିମାତ୍ରାରେ ଭିନ୍ନ ଭିନ୍ନ ହୋଇଥାଏ। ଉଦାହରଣସ୍ୱରୂପ, ଥଣ୍ଡାକାଶରେ କଫକୁ ତରଳ କରି ଶ୍ୱାସକ୍ରିୟାକୁ ସହଜ କରିବାକୁ କେତେକ ଏକ୍ସପେକ୍ଟୋରାଣ୍ଟ ଏବଂ କାଶ ନିବାରକ ତତ୍ତ୍ୱମାନ ବ୍ୟବହାର କରାଯାଉଥିବା ବେଳେ ଶୁଖିଲା କାଶରେ ଭିନ୍ନପ୍ରକାର କାଶ ନିବାରକ ବ୍ୟବହୃତ ହୁଏ। ସେହିପରି ଆଲର୍ଜି ଯୋଗୁଁ ହେଉଥିବା କାଶ ପାଇଁ ଆଣ୍ଟିହିଷ୍ଟାମିନସର ଆବଶ୍ୟକ ପଡ଼େ। ଅନ୍ୟପକ୍ଷରେ ଏଥିରେ ଥିବା ଅନ୍ୟାନ୍ୟ ଉପାଦାନ ମଧ୍ୟରେ ଥାଏ ଗ୍ଲିସେରିନ ଭଳି ଦ୍ରାବକ ସୁକ୍ରୋଜ(ଚିନି), ସର୍ବିଟଲ ଆଦି ମିଷ୍ଟକାରୀ, ସୁରାସାର ଭଳି ଦୀର୍ଘକାଳ ସଞ୍ଚୟ ସହାୟକ ଏବଂ ବିବିଧ ସ୍ୱାଦ ଓ ରଙ୍ଗ ସୃଷ୍ଟିକାରୀ ପଦାର୍ଥ।

ନିର୍ଦ୍ଦିଷ୍ଟଭାବେ ବର୍ତ୍ତମାନର ଖଳନାୟକ କୋଲଡରିଫ୍‌ର ମୁଖ୍ୟ ସକ୍ରିୟ ଉପାଦାନଗୁଡ଼ିକ ହେଲା (୧) ଏସିଟାମିନୋଫେନ୍ ନାମକ ଜ୍ୱର ଓ ଯନ୍ତ୍ରଣା ଦୂରକାରୀ ଏକ ପାରାସିଟାମୋଲ (୨) ନାଶରନ୍ଧ୍ରକୁ ରୁଦ୍ଧାବସ୍ଥାରୁ ମୁକ୍ତ କରୁଥିବା ଫିନାଇଲ ଫ୍ରିନ୍ ହାଇଡ୍ରୋକ୍ଲୋରାଇଡ ଏବଂ (୩) ଆଲର୍ଜି ଦୂର କରୁଥିବା ଆଣ୍ଟିହିଷ୍ଟାମିନ୍। ପୁନଶ୍ଚ ଏଥିରେ ବ୍ୟବହୃତ ଦ୍ରବଣଟି ହେଲା ଗ୍ଲିସେରିନ୍। ତେବେ ଏହାର ଦାମ ବେଶି ହେଉଥିବାରୁ ଅସାଧୁ କମ୍ପାନୀ ଏଥିରେ ତା' ବଦଳରେ ମିଶାଉଛନ୍ତି ଡାଇ-ଇଥିଲିନି ଗ୍ଲାଇକଲ(ଡିଇଜି)।

ଏପରି ଡିଇଜିଯୁକ୍ତ କଫସିରପ୍‌ର ବ୍ୟବହାର ଏବଂ ତା'ର ଘାତକ ପ୍ରଭାବର ଇତିହାସ ନୂଆ ନୁହେଁ। ଆମେରିକାରେ ତାହା ପ୍ରଥମେ ଚିହ୍ନଟ ହୋଇଥିଲା ୧୯୩୭ ମସିହାରେ। ଏଣୁ ସେଠାରେ କର୍ତ୍ତୃପକ୍ଷ 'ଫେଡେରାଲ ଫୁଡ, ଡ୍ରଗ୍ ଆଣ୍ଡ କସ୍ମେଟିକସ୍ ଆକ୍ଟ' ପ୍ରୟୋଗ କରି ଏଥିରେ ପ୍ରତିବନ୍ଧକ ଲଗାଇବା ସହିତ ଔଷଧ କମ୍ପାନୀମାନଙ୍କୁ ସେମାନଙ୍କ ଉତ୍ପାଦରେ ଏହା ମିଶାଯାଇ ନଥିବାର ପ୍ରମାଣ ଉପସ୍ଥାପନ କରିବାକୁ ବାଧ୍ୟତାମୂଳକ କରିଥିଲେ। ଫଳରେ ସେଠରେ ଏ ସମସ୍ୟା ଆଉ ଦେଖାଯାଉ ନାହିଁ। କିନ୍ତୁ ଆମ ଦେଶରେ ଏହା ବାରମ୍ବାର ଘଟୁଥିଲେ ହେଁ ଏହାର ପ୍ରତିକାର ଲାଗି କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇ ନଥିଲା। ଉଦାହରଣ ସ୍ୱରୂପ, ୧୯୮୬ ମସିହାରେ ମୁମ୍ବାଇରେ ୧୪ ଜଣ ଶିଶୁଙ୍କର ଡିଇଜି ଯୁକ୍ତ କଫସିରପ ସେବନ ହେତୁ ମୃତ୍ୟୁ ଘଟିଥିବାର ଜଣାପଡ଼ିଥିଲା ବେଳେ ୧୯୯୮ ମସିହାରେ ଏହା ଯୋଗୁଁ ପୀଡ଼ିତ ହୋଇଥିଲେ ଦିଲ୍ଲୀର ପ୍ରାୟ ୧୫୦ ଶିଶୁ ଏବଂ ସେମାନଙ୍କ ମଧ୍ୟରୁ କିଛି ମୃତ୍ୟୁବରଣ କରିଥିଲେ। ଏହି କଫସିରପ ଗୁରୁଗାଓଁ ଠାରେ ଥିବା ଏକ କାରଖାନାରେ ପ୍ରସ୍ତୁତ ହୋଇଥିବାର କୁହାଯାଏ। ତେବେ ଆମର କର୍ତ୍ତୃପକ୍ଷ ବିରାଚରିତ ଭାବେ ଏଥିରେ ଆବଶ୍ୟକ ଗୁରୁତ୍ୱ ଆରୋପ କରିନଥିଲେ। ଫଳରେ ୨୦୨୦ ମସିହାରେ ଜାମ୍ମୁ-କାଶ୍ମୀରରେ ୬ଟି ଶିଶୁ ମୃତ୍ୟୁର ଏହା କାରଣ ହେଲା।

ସେହିଭଳି ୨୦୨୨ ମସିହା ଅଗଷ୍ଟ ମାସରେ ଉଜ୍‌ବେକ୍‌ରେ ୬୫ ଜଣ ଶିଶୁମୃତ୍ୟୁ ସହିତ ସେଠାକୁ ଭାରତରୁ ଆମଦାନୀ ହୋଇଥିବା କଫ୍‌ସିରପ୍‌ର ସଂପର୍କ ଥିବାର ଜଣାପଡ଼ିଥିଲା। ଏହାର ୪ ମାସ ପରେ ସମାନ ଘଟଣା ଘଟିଲା ଗାମ୍ବିଆରେ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଏଥିପାଇଁ ଦାୟୀ କରିଥିଲା ଭାରତରୁ ପ୍ରେରିତ ଡିଇଜି ମିଶ୍ରିତ କଫ୍‌ସିରପକୁ। ଏଣୁ ବିଶ୍ୱ ଦରବାରରେ ଆମ ଦେଶରେ ପ୍ରସ୍ତୁତ ଔଷଧଗୁଡ଼ିକର ମାନକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅତଏବ ଅନେକ ଦେଶ ଭାରତରୁ କଫସିରପ ଏବଂ ଅନ୍ୟ କେତେକ ଔଷଧ ଆମଦାନୀ ଉପରେ କଟକଣା ଲଗାଇଥିଲେ। କିନ୍ତୁ ଆମ ଡାକ୍ତରମାନେ ମୁକ୍ତ ଭାବେ ତାହା ବ୍ୟବହାର କରିବାକୁ ଦେଲେ। ଇତିମଧ୍ୟରେ ଡିଇଜି ସହିତ ଶିଶୁ ମୃତ୍ୟୁମାନ ଦେଖିବାକୁ ମିଳିଲା ଚୀନ, ବାଂଲାଦେଶ, ହାଇଥି, ଆର୍ଜେଣ୍ଟିନା, ନାଇଜେରିଆ ଆଦି ଦେଶରେ। ତେବେ ସେସବୁ ସ୍ଥାନରେ ସରକାର ଏହାର ପ୍ରତିକାର ଲାଗି ଯାଥସମୟରେ ଦୃଢ଼ ପଦକ୍ଷେପ ନେବାରୁ ତାହାର ପୁନରାବୃତ୍ତି ଘଟିଲାନାହିଁ। ଦୁର୍ଭାଗ୍ୟର ବିଷୟ ଯେ ସେଭଳି ଅଘଟଣ କ୍ରମାଗତଭାବେ ଘଟିଚାଲିଛି ଆମ ଦେଶରେ।

ଭାରତୀୟ କର୍ତ୍ତୃପକ୍ଷଙ୍କର ଏଥିପ୍ରତି ହୁଗୁଳା ମନୋଭାବର ଏକ ସଦ୍ୟତମ ଦୃଷ୍ଟାନ୍ତ ହେଲା ଯେ ବର୍ତ୍ତମାନ ଘଟିଥିବା ଘଟଣାଗୁଡ଼ିକ ପରେ ମଧ୍ୟ ସନ୍ଦେହଘେରରେ ଥିବା ୧୯ଟି ନମୁନା କଫସିରଫ ମଧ୍ୟରୁ ମାତ୍ର ୯ଟିକୁ ପରୀକ୍ଷା କଲା ପରେ ଏବଂ ସବୁଠାରୁ ବିପଦଜନକ ମନେ ହେଉଥିବା ଦୁଇଟିକୁ ଆଦୌ ପରୀକ୍ଷା ନ କରି ସବୁଗୁଡ଼ିକୁ ଅଭିଯୋଗମୁକ୍ତ ଘୋଷଣା କରିବା। କେବଳ ସମସ୍ୟା ଅଧିକ ଜଟିଳ ହେଲା ପରେ, ବିଶେଷକରି ତାମିଲନାଡୁରେ ଏହାକୁ ନେଇ ତନାଘନା ହେବାରୁ, କେନ୍ଦ୍ରସରକାରଙ୍କ ସମେତ ଅନେକ ରାଜ୍ୟ ସରକାର ଏ କଫସିରଫର ଉତ୍ପାଦନ, ବିତରଣ ଏବଂ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। କିଛି ଡାକ୍ତର ଏବଂ ସହକାରୀ ଔଷଧ ନିୟନ୍ତ୍ରକଙ୍କୁ ଏଥିପାଇଁ ପୁଲିସ ହେପାଜତକୁ ନେଇଛି। କୋଲଡରିଫ୍ ବ୍ୟତୀତ ଅନ୍ୟକିଛି କଫ୍‌ସିରପ୍‌ର ମଧ୍ୟ ପରୀକ୍ଷା କରାଯାଉଛି।

ଆମ ରାଜ୍ୟରେ ମଧ୍ୟ ଏ ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ତେବେ ଏହା ସାମଗ୍ରିକ ଭାବେ ସମସ୍ୟାଟିର ସମାଧାନ ନୁହେଁ। କାରଣ ଆଗରୁ ଅନେକଥର ଘଟିଲା ଭଳି କିଛିଦିନ ପରେ ଏ ଘଟଣାଟି ହୁଏତ ଥଣ୍ଡା ପଡ଼ିଯିବ। ତା'ପରେ ସବୁଚାଲିବ ଚିରାଚରିତ ଢଙ୍ଗରେ। ଏକ ଆକଳନ (୨୦୧୬-୨୦୧୮) ଅନୁସାରେ ଭାରତରେ ଅନେକ ଔଷଧରେ (ପ୍ରାୟ ୩%) କିଛି ନା କିଛି ଅପମିଶ୍ରଣ ବା ତ୍ରୁଟି ରହିଛି। ତେବେ ସଂବେଦନହୀନ ପ୍ରଶାସନ, ଡାକ୍ତର ଓ ଲାଭଖୋର କମ୍ପାନୀମାନଙ୍କର ଅସାଧୁ ମେଣ୍ଟ ହେତୁ ଏହାକୁ ସୁଧାରିବା ସମ୍ଭବ ହୋଇ ପାରୁନାହିଁ। ଅତଏବ ଦେଶର ହଜାର ହଜାର ନିରୀହ ଲୋକ ଉନ୍ମୁକ୍ତ ରହୁଛନ୍ତି ବିବିଧ ରୋଗଜନିତ ଅକ୍ଷମତା ଏବଂ ଅକାଳମୃତ୍ୟୁକୁ।

ଭୁବନେଶ୍ୱର, ମୋ : ୯୯୩୭୩୦୧୪୬୦

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଗୁଳୁଚିଲତା

**ସୌଭାଗ୍ୟସୁନ୍ଦର**

ଗୁଳୁଚିଲତା, ଗୁଳୁଚି କିମ୍ବା ଗିଲୋଇ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଏକ ମୂଳଜାତ ଉଦ୍ଭିଦ। ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ମିଆଁମାର, ଚୀନ୍, ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ଇଣ୍ଡୋନେସିଆ, ମାଲେସିଆ, ବୋର୍ଣ୍ଣିଓ, ଭିଏତନାମ ଏବଂ ଉତ୍ତର ଓ ଦକ୍ଷିଣ ଆଫ୍ରିକା ଇତ୍ୟାଦି ଦେଶମାନଙ୍କରେ ଏହା ସାଧାରଣତଃ ଦେଖାଯାଏ। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୬୦୦ ମିଟର ଉଚ୍ଚତା ଯାଏଁ ଉଷ୍ଣମଣ୍ଡଳୀୟ ଏବଂ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ଏକ ଉପକାରୀ ଆୟୁର୍ବେଦ ଓଷଧି ଲତା।

ଗୁଳୁଚିର କାଣ୍ଡ ଓ ଶାଖାଗୁଡ଼ିକର ଗଣ୍ଠିରୁ ଅନେକ ତାର ଭଳି ଚେର ଓହଳି ରହେ। କାଣ୍ଡ ଗଠନ ତନ୍ତୁମୟ, ରସାଳ। ଏହାର ଛାଲ ଧଳାରୁ ଧୂସର ରଙ୍ଗର। ପତ୍ରଗୁଡ଼ିକ ଆକାରରେ ବଡ଼, ହୃଦୟ ଆକୃତିର, ଗୋଲାକାର, ସରଳ, ବିକଳ୍ପ ଏବଂ ୧୫ ସେମି ଲମ୍ବା। ପତ୍ର ଅକ୍ଷରେ ପୁଷ୍ପଦଗମ ଧାରଣ କରିଥିବା ଫୁଲଗୁଡ଼ିକ ଏକ ଲିଙ୍ଗ ବିଶିଷ୍ଟ, ପୃଥକ ଗଛରେ ସନ୍ନିବିଷ୍ଟ ଥାଏ। ଫଳଗୁଡ଼ିକ ଗୋଟିଏରୁ ତିନୋଟି ଡ୍ରୁପ, ଲାଲ କିମ୍ବା କମଳା ରଙ୍ଗର କ୍ଲଷ୍ଟରରେ ଏକତ୍ରିତ ଥାଏ। ଏହାର ଫୁଲ ଗ୍ରୀଷ୍ମ ଋତୁରେ ଫୁଟେ ଏବଂ ଶୀତଋତୁରେ ଫଳ ଉତ୍ପାଦନ ହୁଏ।

ଗୁଳୁଚି ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଲତା, ଅନେକ ଆୟୁର୍ବେଦିକ ଔଷଧର ଉପାଦେୟ ଉପାଦାନ। ଆୟୁର୍ବେଦରେ ଏହାକୁ ରସାୟନ କୁହାଯାଏ। ଏହା ଶରୀରର ସାଧାରଣ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରେ, ଦୀର୍ଘଜୀବନ ନିଶ୍ଚିତ କରେ ଏବଂ ଚାପମୁକ୍ତ କରେ। ଏହା ପ୍ରଦାହ-ପ୍ରତିରୋଧୀ, ଇମ୍ୟୁନୋ-ମୋଡୁଲେଟୋରୀ, ଆଣ୍ଟି-ପାଇରେଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଡାଇବେଟିକ୍, ଆଣ୍ଟି-ଆଲରଜିକ୍ ଏବଂ ଆର୍ଥରାଇଟିକ୍-ପ୍ରତିରୋଧୀ। ଗୁଳୁଚି ଜ୍ୱର, ଦୀର୍ଘକାଳୀନ ଜ୍ୱର, ସଂକ୍ରମଣ, କର୍କଟ, ଶ୍ୱାସ, ଗଣ୍ଠି ବାତ, ରିମାଟୁଟେଡ୍ ଆର୍ଥ୍ରାଇଟିସ୍, ପୁନରାବୃତ୍ତି ସଂକ୍ରମଣ, ପୁନରାବୃତ୍ତି ସାଧାରଣ ଥଣ୍ଡା, ଦୀର୍ଘକାଳୀନ ଥକ୍କାପଣ, ଉଚ୍ଚ କୋଲେଷ୍ଟ୍ରଲ୍ ସ୍ତର, ଏଥେରୋସ୍କେଲରୋସିସ୍, ଗାଉଟ୍, ହୃଦୟ ଦୁର୍ବଳତା, ଏସିଡିଟି, କ୍ରନିକ୍ ଗ୍ୟାଷ୍ଟ୍ରିକ୍, କୋଷ୍ଠକାଠିନ୍ୟ, ଗ୍ରହଣୀ ଘା', ହାର୍ଟବର୍ଣ୍ଣ, ପେପ୍ଟିକ୍ ଘା', ମୁଖ ଘା', ଘା', ହେପାଟାଇଟିସ୍, ପିତ୍ତକୋଷର ପ୍ରଦାହ, ଭୋକ ହ୍ରାସ, ବଦହଜମୀ, ଗ୍ୟାସ୍ କିମ୍ବା ପେଟ ଫୁଲିବା, ଯକୃତ ରୋଗ, ଅଗ୍ନାଶୟ କ୍ଷତି, ବୃକକ୍ ଓ ମୂତ୍ରାଶୟ ରୋଗ, ପରିସ୍ରାରେ ଜଳାପୋଡ଼ା, ଡେଙ୍ଗୁ, ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ, ଅଜ୍ଞାତ ଉତ୍ପତ୍ତି ଜ୍ୱର, ଗଳା ସଂକ୍ରମଣ, ଛିଙ୍କ, କାଶ, ଶରୀର ଯନ୍ତ୍ରଣା ଇତ୍ୟାଦି ରୋଗର ଉପଶମ ପାଇଁ ଚିକିତ୍ସା କରାଯାଏ।

ଏହା ଏକ ମୃଦୁ ଆନାଲ୍ଜେସିକ୍, ଆଣ୍ଟାସିଡ୍, ଫେବ୍ରିଫିଜ୍, ଗାଉଟ୍-ନିରୋଧୀ, ମ୍ୟୁଟାଜେନିକ୍, ପ୍ରୁରିଟିକ୍ସ, ହେମାଟୋଜେନିକ୍ (ଲୋହିତ ରକ୍ତ କଣିକା ଗଠନରେ ସାହାଯ୍ୟ କରେ), ଡିଟକ୍ସିଫାୟର୍, ଡିମଲସେଣ୍ଟ, କାର୍ମିନେଟିଭ୍, ପାଚନ ପ୍ରେରକ, ହାଇପୋ-ଗ୍ଲାଇସେମିକ୍, ଡାଇୟୁରେଟିକ୍ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଆୟୁର୍ବେଦିକ ଔଷଧ। ଏହାର ପାକସ୍ଥଳୀ ସୁରକ୍ଷା ପ୍ରଭାବ ମଧ୍ୟ ଅଛି। କାଣ୍ଡ ତିକ୍ତ, ଏକ ମୁଖ୍ୟ ଔଷଧୀୟ ଅଂଶ। ଗୁଳୁଚି ପାଉଡର, ରସ କିମ୍ବା କ୍ୟାପସୁଲ୍ ଆକାରରେ ନିଆଯାଇପାରେ। ଗୁଳୁଚିରେ ଷ୍ଟେରଏଡ୍, ବିଭିନ୍ନ ଫାଇଟୋକେମିକାଲ୍ସ, ଯେପରିକି ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍ସ, ଗ୍ଲାଇକୋସାଇଡ୍ସ, ଟାଇନୋସ୍ପୋରାଇଡ୍ସ ଅନ୍ତର୍ଭୁକ୍ତ। ମୁଖ୍ୟ ଆଲକାଲଏଡ୍ ଏବଂ ଦ୍ୱିତୀୟ ମେଟାବୋଲାଇଟ୍ସ ହେଉଛି ଟାଇନୋସ୍ପୋରିନ୍, ଟାଇନୋସ୍ପୋରାଇଡ୍, ଟାଇନୋସ୍ପୋରାସାଇଡ୍, କର୍ଡିଫୋଲାଇଡ୍, କର୍ଡିଫୋଲ, ହେପ୍ଟାକୋସାନୋଲ୍ ଓ ଟାଇନୋସ୍ପୋରାଇଡିନ୍। ଭାରତରେ ୨୦୨୦-୨୨ କୋଭିଡ-୧୯ ପ୍ରକୋପ ସମୟରେ ଆୟୁଷ ମନ୍ତ୍ରଣାଳୟ ରୋଗ ପ୍ରତିରକ୍ଷା ସମର୍ଥନ ପାଇଁ ଗୁଳୁଚିକୁ ଘରୋଇ ଉପଚାର ଭାବରେ ବ୍ୟବହାର କରିବାକୁ ସୁପାରିସ କରିଥିଲା। କିନ୍ତୁ ପରେ ଏହା ହେପାଟାଇଟିସ୍ ସହିତ ଜଡ଼ିତ ଥିବା ଦେଖାଯାଇଥିଲା।

ମେ-ଜୁଲାଇ ମାସରେ ପୁରୁଣା କାଣ୍ଡରୁ ପ୍ରାପ୍ତ ତାଜା କଟା କାଣ୍ଡ ଦ୍ୱାରା ଏହି ଗଛ ଚାଷ କରାଯାଏ। ବଂଶବିସ୍ତାର ପାଇଁ ବିହନ ମଧ୍ୟ ବ୍ୟବହାର କରାଯାଏ। ଗୁଳୁଚି ଡାଳ ମାଳିବା ପାଇଁ ସାଧାରଣତଃ ନିକଟସ୍ଥ ନିମ୍ବ ଏବଂ ଆମ୍ବ ଗଛର ସହାୟତା ଆବଶ୍ୟକ ହୁଏ। ଏହା ପ୍ରାୟ ଯେକୌଣସି ପ୍ରକାରର ମାଟିରେ ଭଲ ବଢ଼ିପାରେ, ତଥାପି ଭଲ ଜଳ ନିଷ୍କାସନ ସହିତ ଜୈବିକ ପଦାର୍ଥରେ ଭରପୂର ହାଲୁକା ବାଲିଆ ଦୋରସା ମାଟି ଏହି ଫସଲ ପାଇଁ ଉପଯୁକ୍ତ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଡ଼ିଆସୁଛି ମୋନ୍ଥା...

କିମି ହୋଇପାରେ। ଯଦି ମାଲକାନଗିରି ହୋଇ ବାତ୍ୟା ଯାଏ, ତେବେ ଅବିଭକ୍ତ କୋରାପୁଟ, ଗଞ୍ଜାମ, ଗଜପତି, ଓ ନୂଆପଡ଼ା ସହିତ କଳାହାଣ୍ଡିରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ହୋଇପାରେ। ମାତ୍ର ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦ କିମି ପର୍ଯ୍ୟନ୍ତ ହୋଇପାରେ। ଏହି ବାତ୍ୟା ଯୋଗୁଁ ରାଜ୍ୟର ଦକ୍ଷିଣ ଉପକୂଳରେ ପ୍ରବଳ ବର୍ଷା ହେବ। ୨୭ ତାରିଖ ଅପରାହ୍ନରୁ ଗଜପତି, ରାୟଗଡ଼ା, ଗଞ୍ଜାମ, ଖୋର୍ଦ୍ଧାରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ସହ ନୟାଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୯ ସନ୍ଧ୍ୟା ଓ ୩୦ରେ ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ମଧ୍ୟମ ବର୍ଷା ହୋଇପାରେ। ଗଜପତି, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ୧୫୦ ମିମି, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଉପକୂଳ ଅଞ୍ଚଳରେ ୧୦୦-୧୨୦ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୭ରେ ଦକ୍ଷିଣ ଓଡ଼ିଶା ବିଶେଷ କରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ବର୍ଷା ଅଧିକ ରହିପାରେ। ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ମୋନ୍ଥାର ବାହ୍ୟ ବଳରେ ରହିଥିବା କିଛି କିଛି ମେଘ ଖଣ୍ଡ ଏବେ ଦକ୍ଷିଣ ଓଡ଼ିଶାରେ ପହଞ୍ଚିଛି ଓ କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ଆରମ୍ଭ ହୋଇଛି। ୨୭ରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୮ ଓ ୨୯ ତାରିଖରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତରେ ରହିଥିବା ପୂର୍ବଘାଟ ପର୍ବତମାଳା ଯୋଗୁଁ ଓଡ଼ିଶାରେ ବାତ୍ୟାର ପ୍ରଭାବ କମ୍ ରହିବ। ମାତ୍ର ଏହାର ପାଶ୍ୱର୍ ପ୍ରଭାବରେ ରାଜ୍ୟର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ସହ ଭୂସ୍ଖଳନ ଆଶଙ୍କା ରହିଛି ବୋଲି କୁହାଯାଉଛି। ପୂର୍ବରୁ ୨୦୧୮ ରେ 'ତିତ୍‌ଲି' ମଧ୍ୟ ସମାନ ଢାଞ୍ଚାରେ ଆନ୍ଧ୍ରରେ ସ୍ଥଳଭାଗ ଅତିକ୍ରମ କରି ଓଡ଼ିଶା ମୁହାଁ ହୋଇଥିଲା ଓ ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଯୋଗୁଁ ଗଜପତିରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ତେଣୁ ଏହାପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

### ୮ ଜିଲ୍ଲାକୁ ଗଲେ...

ଶ୍ରୀ ପୂଜାରୀ ଏସ୍ଆର୍‌ସି ଡିକେ ସିଂହଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହାପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଗଜପତି ଜିଲ୍ଲାରେ ସମ୍ଭାବ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ସେଠାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀଙ୍କୁ ଆଗୁଆ ମୁତୟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୮ଟି ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ୮ଟି ଜିଲ୍ଲାରେ ମୁତୟନ କରାଯାଇଛି। ଜିଲ୍ଲାପାଳମାନଙ୍କୁ ସୋମବାର ସନ୍ଧ୍ୟା ୫ଟା ସୁଦ୍ଧା ବିପଦ ଆଶଙ୍କା ଥିବା ସ୍ଥାନମାନଙ୍କରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡ଼ିକୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହାସହିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଶକ୍ତି ବିଭାଗ ସହ ଆଲୋଚନା ହୋଇଛି। ଡାକ୍ତରଖାନା, ଜରୁରୀ ସେବା, ପାନୀୟ ଜଳ ଯୋଗାଇଦେବା ପାଇଁ ବିକଳ୍ପ ଶକ୍ତିର ବ୍ୟବସ୍ଥା କରାଯାଇଛି। ବୟସ୍କ, ଶିଶୁମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆସନ୍ନ ପ୍ରସବାମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଭଳି ଉଚ୍ଚସ୍ଥାନରେ ଥିବା ଲୋକମାନଙ୍କୁ ସମତଳ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ରତଟକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଆନ୍ଧ୍ରକୁ ଗଲେ...

ଅନ୍ୟାନ ସାମଗ୍ରୀ ପ୍ରସ୍ତୁତି କରି ରଖିବାକୁ କୁହାଯାଇଛି। ବର୍ଷା ହେବାକୁ ଥିବା ଜିଲ୍ଲାରେ ୨ଶହ ଟିମ୍‌କୁ ସଜାଗ ରଖାଯାଇଛି। ବାତ୍ୟାର ଗତିପଥ ଏବଂ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କ୍ଷତିଗ୍ରସ୍ତ ହେବାକୁ ଥିବା ଜିଲ୍ଲାରେ ଅଧିକ ଟିମ୍

ମୁତୟନ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

### ୫ ଶିଶୁ ଏଚ୍ଆଇଭି...

ମାତ୍ରେ ହିଁ ଯାଞ୍ଚ୍ ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ଦିନେଶ କୁମାରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍‌କୁ ଚାଇବସା ହସ୍ପିଟାଲକୁ ପଠାଇ ଦିଆଯାଇଛି। ଶନିବାର ଏହି ଟିମ ଯାଞ୍ଚ କରିବା ପରେ ଆଉ ୪ ଜଣ ଥାଲାସେମିଆ ପୀଡିତ ଶିଶୁ ଏଚ୍ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଫଳରେ ଏହି ମାମଲା ଆହୁରି ଗମ୍ଭୀର ହୋଇଥିଲା। ସବୁ ୫ ଶିଶୁଙ୍କୁ ନିୟମିତ ଭାବେ ଏହି ହସ୍ପିଟାଲ୍‌ରେ ରକ୍ତ ଦିଆଯାଉଥିଲା। ଯାଞ୍ଚ ଅବସରରେ ବ୍ଲଡ ବ୍ୟାଙ୍କରେ କିଛି ଅନିୟମିତତା ଦେଖିବାକୁ ମିଳିଥିଲା ଓ ଏହାକୁ ଦୂର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପାଇଁ ଏହି ବ୍ଲଡବ୍ୟାଙ୍କକୁ ଜରୁରୀକାଳିନ ସ୍ଥିତିରେ ରଖାଯାଇଛି। ଅତି ଗମ୍ଭୀର ମାମଲା ନ ହେଲେ ସେବା ପ୍ରଦାନ କରାଯିବ ନାହିଁ ବୋଲି କୁହାଯାଇଛି। ମେଡିକାଲ ଟିମ୍ ବ୍ଲଡ ବ୍ୟାଙ୍କର ପେଡିଆଟ୍ରିକ୍ ଇଣ୍ଟେନସିଭ କେୟାର ୟୁନିଟ୍ (ପିଆଇସିୟୁ)ର ନୀରିକ୍ଷଣ କରିଛନ୍ତି ଓ ପ୍ରଭାବିତ ପିଲାଙ୍କ ପରିବାର ସହ କଥା ହୋଇଛନ୍ତି। ବ୍ଲଡ ବ୍ୟାଙ୍କରେ ଏକାଧିକ ଅନିୟମିତତା ହୋଇଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି। ବ୍ଲଡ ସାମ୍ପୁଲ ଟେଷ୍ଟିଂ, ରେକର୍ଡ ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରୋଟୋକଲ୍‌ରେ ଗମ୍ଭୀର ଭାବେ ଅବହେଳା ହୋଇଥିବା ଯାଞ୍ଚରୁ ଜଣାପଡିଛି। ଏ ନେଇ ସବିଶେଷ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି। ତେବେ ସଂକ୍ରମଣ କିପରି ବ୍ୟାପିଲା ସେ ନେଇ ଯାଞ୍ଚ ଚାଲୁ ରହିଛି ବୋଲି ଜିଲ୍ଲା ସିଭିଲ ସର୍ଜନ ଡା ସୁଶାନ୍ତ କୁମାର ମାଝି କହିଛନ୍ତି। ତେବେ କେବଳ ରକ୍ତ ନେବା କାରଣରୁ ପିଲାମାନେ ଏଚ୍ଆଇଭି ପଜିଟିଭ ହୋଇଛନ୍ତି ବୋଲି ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବନାହିଁ ଓ ଅନ୍ୟ କାରଣ ପାଇଁ ମଧ୍ୟ ଏପରି ହୋଇଥାଇପାରେ ବୋଲି ସେ କହିଛନ୍ତି। ପ୍ରଥମେ ସଂକ୍ରମିତ ହୋଇଥିବା ପିଲାର ପରିବାର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କଠାରେ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି। ଏବେ ଏହି ମାମଲା ଝାଡଖଣ୍ଡ ହାଇକୋର୍ଟରେ ପହଞ୍ଚିଛି।

### ୨୧ ଦିନ ପରେ...

କରିଥିଲେ। ଏ ସଂପର୍କରେ ତାଙ୍କ ପୁଅ ସତ୍ୟପ୍ରକାଶ ନନ୍ଦିପଦା ଥାନାରେ ଅଭିଯୋଗ କରିବାରୁ ପୁଲିସ ନମ୍ବର ୨୯୪/୨୫ରେ ଏକ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଶ୍ରୀ ଜେନା ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ସ୍ପେସାଲ ଟିମ୍ ଗଠନ ହୋଇଥିଲା। ପୁଲିସ ପଡ଼ୋଶୀ ଭଦ୍ରକ, ଯାଜପୁର, ବାଲେଶ୍ୱର ପ୍ରଭୃତି ଜିଲ୍ଲା ସହ ଅନ୍ୟ ସ୍ଥାନରେ ଚଢ଼ଉ ଜାରି ରଖିଥିଲା।


**AFFIDAVIT**

By virtue of an affidavit sworn before the Executive Magistrate, Jajpur on dtd.22.10.2025, I, Sri Abhiram Khandai, resident of Village-Kalaspur, Po- Hasinpur, Ps- Jajpur Sadar, Dist- Jajpur, do hereby declare that my correct name is Abhiram Khandai but in some records mentioned as Abhiram Panda i.e., myself. Henceforth, I shall be known as **Abhiram Khandai** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bolagarh, dated 21.04.2025 I, Priti Ranjan Swain, Address: At/Po: Manikagoda, Ps: Bolagarh, Dist: Khordha, Odisha, Pin: 752066, declare that I have changed my name from Priti Ranjan Swain (old name) to Pritiranjan Swain (new name). Henceforth, I shall be known as Pritiranjan Swain for all purposes.

**Pritiranjan Swain**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-EI-NORTH SEC-KUR-508, ତା.21.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଉପଯୋଗିତା ସ୍ଥାନାନ୍ତରଣ (Utility Shifting) ସହିତ ଏନ୍‌ଏଚ୍(NH)-200 (ନୂଆ ଏନ୍‌ଏଚ୍ (NH)-53)ରେ କି.ମି. 370/25-27 ଏବଂ ଲେଭେଲ କ୍ରସିଙ୍ଗ (LC)-182, JB-7, CP-09 ଠାରେ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ ସଂକେତ ଏବଂ ଦୂରସଂଚାର କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(₹):** 1,73,33,201.83, EMD (₹) : 2,36,700.00।

ବିକ୍ରି ଆରମ୍ଭ ହେବା ତାରିଖ : ତା.29.10.2025ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-723/Q/25-26

**WALK-IN-INTERVIEW**

**For B.Sc.-Nursing, GNM, ANM, Diploma (Mechanical, Electrical, Civil, C.S.E, Mining), PGDM (HR, Marketing, Finance), BBA, BCA, B.Sc-Biotech**

**Teaching Staff:** Nursing tutor (B.SC /M.SC), MCA, M.Sc. (Math, Chemistry, Physics, Statistics), & M.A-English, B.Tech./M.tech (Relevant Trades), Ph.D. (Completed/Pursuing), Principal, Associate Professor, Assistant Professor, Teaching Assistant, NCC (MALE & FEMALE). Lab Assistant

**Non-Teaching:** Admission/Marketing Officer, Placement Officer, Office Assistant, Front Desk/Tele caller (Female),Hostel Superintendent/Warden(Female/Male), Driver (Bus/Car), Security Guard, Librarian, Hardware Operator (Desktop/CCTV Camera), Accounts Assistant, Cook for Canteen, Peon.

Walk-in Interview on 28TH OCT 2025 at 10.30 A.M. to 4.30 P.M. in the Campus with copies of All Educational Documents. The applicants may attach CV & required testimonials within 3 days from the date of first advertisement:**akwect.new@gmail.com**

Contact No: 8249045044/9861031372.

**ASHAA KIRANN GROUP OF INSTITUTIONS,**
**Plot No-622, At/Po- Palasapur, Chhatabar, Dist- Khordha-752054**



**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

**I, Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| **1** | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| **2** | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **3** | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **4** | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**



OFFICE OF THE PRINCIPAL
**GETESWAR SANSKRIT COLLEGE, MATIGADA, OUPADA, BALASORE**

**ଅତିଥି ଅଧ୍ୟାପକ ଆବଶ୍ୟକ**

ଏତଦ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ପତ୍ର ସଂଖ୍ୟା- ୫୭୧୯୮, ତା-୨୩/୧୦/୨୦୨୫ ରିଖ ନିର୍ଦ୍ଦେଶ ଅନୁସାରେ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟ, ମାଟିଗଡା, ଔପଦା, ବାଲେଶ୍ୱର ରେ ଖାଲି ଥିବା ନିମ୍ନ ବିଷୟ ମାନଙ୍କ ରେ ଅତିଥି ଅଧ୍ୟାପକ ନିଯୁକ୍ତି କରାଯିବ।
(୧) ଇତିହାସ-୧ ଇଂରାଜୀ-୧
(୨) ଯୋଗ୍ୟତା: ଅବସରପ୍ରାପ୍ତ ଅଧ୍ୟାପକ (୪୮୮,୬୬୨) ଏବଂ ସଂସ୍କୃତ ବର୍ଗର)
(୩) ବୟସ ସୀମା: ୬୧ ରୁ ୬୯ ବୟସ ମଧ୍ୟରେ
(୪) ଆବେଦନ ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋର୍ଟାଲ ମାଧ୍ୟମରେ ବିଜ୍ଞାପନ ର ୭ ଦିନ ମଧ୍ୟରେ ଆବେଦନ କରିପାରିବେ।

Sd/- Principal Cum Secratary
Contact - 9937348089

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**CONVENING OF 107TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 107th Annual General Meeting (AGM) of the members of The Orissa Minerals Development Company Limited will be held on Tuesday, 18th November, 2025 at 11.00 A.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 107th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 107th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 25.10.2025

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: www.birdgroup.co.in

**CONVENING OF 98TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 98th Annual General Meeting (AGM) of the members of Eastern Investments Limited will be held on Tuesday, 18th November, 2025 at 12.30 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 98th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/ Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 98th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

**THE BISRA STONE LIME COMPANY LIMITED**
CIN: L14100OR1910GOI003904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

**CONVENING OF 114TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 114th Annual General Meeting (AGM) of the members of The Bisra Stone Lime Company Limited will be held on Tuesday, 18th November, 2025 at 12.00 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 114th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com.

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 114th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

# ସାଇବର ସଚେତନତା ଶିବିର




ବୈଶିଙ୍ଗା,୨୬।୧୦(ସମିସ): ମୟୂରଭଞ୍ଜ ପୁଲିସ ପକ୍ଷରୁ ବୈଶିଙ୍ଗା ଥାନା ପରିସରରେ ସାଇବର୍ ସଚେତନତା ଶିବର ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଯୋଗଦେଇ ଆର୍ଥିକ ସଚେତନତା ବାର୍ତ୍ତା ପ୍ରଦାନ କରିବା ପୂର୍ବକ ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାର ୩ଅତିରିକ୍ତ ଏସପି ସବିତା ମାଝୀ, ଦୀପକ କୁମାର ଗୋଛାୟତ, ଗୌତମ କିଷାନ ଓ ମୟୂରଭଞ୍ଜ ସାଇବର ଥାନା ଅଧିକାରୀ ପ୍ରଦୀପ କୁମାର ମାଝୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କେହି ସାଇବର ଠକେଇର ଶିକାର ହେଲେ ୧୯୩୦କୁ ଡାଏଲ କରିବାକୁ ସାଇବର ଥାନା ଇନ୍ସପେକ୍ଟର ପ୍ରଦୀପ ମାଝୀ ଲୋକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି, ସ୍କୁଲ କଲେଜ ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରିୟାଂଶି ରାଧେ ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଇବର ସଚେତନତା ଉପରେ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ସୁଶାନ୍ତ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଥାନା ଅଧିକାରୀ ବାରିଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦୨୫-୨୬ ଆର୍ଥିକ ବର୍ଷ ଅଧା ସରିଲାଣି

# ପ୍ରସ୍ତାବରେ ଅଟକିଛି ୨୪ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ବାରିପଦା,୨୬।୧୦(ସମିସ):

ଗମନାଗମନର ବିକାଶ ହେଲେ ଅଞ୍ଚଳର ବିକାଶ ହୋଇଥାଏ। ବିଶେଷ ଭାବରେ ଗ୍ରାମାଞ୍ଚଳରେ ଏହା ଏକାନ୍ତ ଜରୁରୀ। ଏଥିପାଇଁ ତତ୍କାଳୀନ କେନ୍ଦ୍ର ସରକାର ୨୦୦୦ମସିହା ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମଜିଏସୱାଇ) ଆରମ୍ଭ କରିଥିଲେ। ସମସ୍ତ ଋତୁରେ ଯୋଗାଯୋଗ ସମ୍ଭବ ରାସ୍ତା ନଥିବା ଗାଁକୁ ଗାଁ, ଗାଁରୁ ପଞ୍ଚାୟତ ଓ ପଞ୍ଚାୟତକୁ ବ୍ଲକ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ ପାଇଁ ଏହି ଯୋଜନା ବରଦାନ ସାଜିଥିଲା। ପରନ୍ତୁ ଦେଢ଼ବର୍ଷ ତଳେ ନୂତନ ସରକାର ରାଜ୍ୟର ଶାସନଭାର ନେବା ପରେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଓ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯୋଜନା ଆଗକୁ ବଢ଼ିପାରୁନି ବୋଲି ଅଭିଯୋଗ ହେଉଛି। ବିଗତ ଆର୍ଥିକ ବର୍ଷରେ ବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-ଫେଜ୍ ଥ୍ରୀରେ ୫୩ଟି ରାସ୍ତା ସାମିଲ ହୋଇଥିବା ବେଳେ ୪୯ଟି ସମ୍ପୂର୍ଣ୍ଣ ହୋଇଥିଲା ଏବଂ ୪ଟି ରାସ୍ତା



ଗ୍ରାମାଞ୍ଚଳରେ ଗମନାଗମନ ବିପର୍ଯ୍ୟସ୍ତ

ନିର୍ମାଣ ଚାଲିଛି। ସେଗୁଡ଼ିକ ହେଲା ବଣତାଳପଦାରୁ ଘୁଷୁରିଆ, ପ୍ରହରାଜପୁରରୁ ବାଲେଶ୍ୱର ସୀମାନ୍ତ ଭାୟା ମଙ୍ଗଳପୁର, ରଙ୍ଗାମାଟିଆରୁ ଶଙ୍କୁଚିଆମରା, ଭୁରଷାଣି ଛକରୁ କୁଳିଅଣା ବ୍ଲକ ସୀମାନ୍ତ ଭାୟା ଖଡିଶୋଳ ରାସ୍ତା। ସେହିଭଳି ପିଏମଜିଏସୱାଇ ଫେଜ୍ ଫୋର୍‌ରେ ୨୪ଟି ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ତାହା ପ୍ରସ୍ତାବରେ ରହିଛି। ସେଗୁଡ଼ିକ ମଧ୍ୟରେ ବଡ଼ସାହି ବ୍ଲକର ଚେଙ୍ଗୁଆମଙ୍ଗଳପୁର ସ୍କୁଲ ରାସ୍ତା, ବେଗୁନିଆ ବଣି ରାସ୍ତା, ମାଣତ୍ରୀ ହାଟଛକରୁ ମୂଷାଗଡିଆ ରାସ୍ତା ଓ ନରଣଗାଁରୁ ପାଳପାଟଣା ରାସ୍ତା ଥିବା ବେଳେ ଗୋପବନ୍ଧୁନଗରର କୁସୁମିଆପାଟପୁର, ଗହୀରାଡିହା, ପରଛିପୁର ରାସ୍ତା। କପ୍ତିପଦା ବ୍ଲକର ମାଙ୍କପଡା ହିଲ୍, ଦିଲ୍ଲିସାର୍, ପ୍ରଫୁଲ୍ଲଚନ୍ଦ୍ରପୁର, ରଥିପୁର, ସନଶିମଳା, ଶୁଖୁଆପଟା ହିଲ, ମାଛିଆ, ଛଣୁଆ ଓ ସିନ୍ଧୁପୁର-ଜୟଗୁଣ୍ଠିଆ ରାସ୍ତା ଥିବା ବେଳେ ମୋରଡ଼ା ବ୍ଲକର ଖୁରୁଣ୍ଟିଆ, ରାସଗୋବିନ୍ଦପୁର ବ୍ଲକର ମାଜଣଡିହା, ଧାନଶୁଳ, ପୂର୍ଣ୍ଣଚନ୍ଦ୍ରପୁର-ଦୁଆରଶୁଣି ରାସ୍ତା, ଶାମାଖୁଣ୍ଟା ବ୍ଲକର ଭୁଣ୍ଡାପାଳ-ଲକ୍ଷ୍ମୀପୋଷୀ, ଅସନବଣି ଓ ଭାଦୁଆ ରାସ୍ତା ଏବ ଶୁଳିଆପଦା ବ୍ଲକର କେଉଟୁଣିମାରୀ ରାସ୍ତା ପ୍ରସ୍ତାବରେ ରହିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଖୁଣ୍ଟା ବ୍ଲକର ସପଞ୍ଚୁଆ-ଅଗ୍ନିକୁମାରୀ ଓ ବଡ଼ସାହି ବ୍ଲକର ଚନ୍ଦନତୁରୀ-ଚମ୍ପାଗଡ଼ ରାସ୍ତା ଟେଣ୍ଡର ସରିଥିବା ବେଳେ କାର୍ଯ୍ୟାରମ୍ଭ ହେବାକୁ ଯାଉଛି। ତେବେ ୨୪ଟି ସଡ଼କ ନିର୍ମାଣ ବିଳମ୍ବର କାରଣ ସମ୍ବନ୍ଧରେ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନର ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରିବାରୁ, ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ରୀୟ ଅନୁମୋଦନ ଆବଶ୍ୟକ। ଏଣୁ ପଠାଯାଇଥିବା ୨୪ଟି ପ୍ରସ୍ତାବ ଅନୁମୋଦନ ହୋଇଆସିଲେ ଟେଣ୍ଡର ଆହ୍ୱାନ ପୂର୍ବକ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

### ■ କଳାଉତ୍ସବ ଓ ବାଦ୍ୟ ପ୍ରତିଯୋଗିତା

# ବିବେକାନନ୍ଦ ପବ୍ଲିକ ସ୍କୁଲ ପ୍ରଥମ

କରଞ୍ଜିଆ,୨୬।୧୦(ସମିସ): ଭୁବନେଶ୍ୱର ୟୁନିଟ୍ ୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ କଳା ଉତ୍ସବ ଓ ବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। କରଞ୍ଜିଆ ବିବେକାନନ୍ଦ ପବ୍ଲିକ୍ ସ୍କୁଲ୍‌ର ବାଳିକା ପାଇପ ବ୍ୟାଣ୍ଡ ବାଦକ ଦଳ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଛି। ଏ ନେଇ ବିଦ୍ୟାଳୟରେ ଏକ ସ୍ୱାଗତ ଉତ୍ସବ ଅଧ୍ୟକ୍ଷା ଇଲା



ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାପତି ବିଷ୍ଣୁ କୁମାର ଅଗ୍ରୱାଲ, ସମ୍ପାଦନ ରେଖା ଅଗ୍ରୱାଲା, ଉପଦେଷ୍ଟା ବିପିନ ବିହାରୀ ବାରିକ୍ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଦିବ୍ୟାଙ୍ଗ ଶିଶୁଙ୍କ ଚିହ୍ନଟ ଓ ଜୀବନଜୀବିକା ସମ୍ବନ୍ଧୀୟ କର୍ମଶାଳା

ରାଇରଙ୍ଗପୁର,୨୬।୧୦(ସମିସ): ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ ପରିସରରେ ଆଜି ୦ ର ୬ ବର୍ଷ ମଧ୍ୟରେ ଦି?ଯାଙ୍ଗ ଶିଶୁଙ୍କ ଚିହ୍ନଟ,ମନେରଗାରେ ଦି?ଯାଙ୍ଗମାନଙ୍କ ପାଇଁ କର୍ମ ସଂସ୍ଥାନ ଏବଂ 'ମିଶନ କ୍ଷମତା' ଯୋଜନାରେ ମହିଳାମାନଙ୍କ ଜୀବନ ଜୀବିକା ଏବଂ ଏସଓଜି ସଦସ୍ୟମାନଙ୍କୁ ଆର୍ଥିକ ସଶକତ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ଯ ଅତିଥି ଭାବେ ରାଜ୍ଯ ଦି?ଯାଙ୍ଗ ଶଶକ୍ତ କରଣ ବିଭାଗର ଡେପୁଟି ଡାଇରେକ୍ଟର ସନ୍ୟାସୀ ବେହେରା, ଅତିରିକ୍ତ ଉପଜିଲ୍ଲାପାଳ ?ସନ୍ତୀ ଲାକ୍ରା,,ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ ରଣଜିତ ସୋରେନ, ସିଡିପିଓ କୋଇଲି ମଣି ଟୁଡୁ,ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ସହକାରୀ ଜିଲ୍ଲାପାଳ ଅନିତା ମହାନ୍ତ,?ମନଘାଟୀ ଉପଖଣ୍ଡ ଭାରାପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରିଣୀ ସୋମ?ାରୀ ମୁର୍ମୁ ,କୁସୁମି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣୀ ରଜନୀଗନ୍ଧା ସିଂ, ,କନିଷ୍ଠ ବିଭାଗୀୟ ଅଧିକାରୀ ପ୍ରକାଶ ବେହେରା,ଏସଏସଇପିଡିର ପିଏ ଦେବାନନ୍ଦ କୁମ୍ଭକାର,ଆଇଟିଡିଏ ର ସ୍?ର୍ଣପ୍ରଭା,, ପ୍ରମୁଖ ଯୋଗ ଦେଇଥିଲେ।ରାଜ୍ୟ ଦି?ଯାଙ୍ଗ ସଶକ୍ତକରଣ ବିଭାଗ



ତରଫରୁ ଆଜି ଓଡ଼ିଶାର ପ୍ରଥମ କରି ମୟୂରଭଂଜ ଜିଲ୍ଲାର କୁସୁମି ବ୍ଲକ , ଯାମଦା ବ୍ଲକ ଏବଂ ରାଇରଙ୍ଗପୁର ବ୍ଲକର ଜନ୍ମରୁ ୬ ବର୍ଷ ମଧ୍ୟରେ ଥିବା ଦି?ଯାଙ୍ଗ ଶିଶୁମାନଙ୍କୁ ଚିହ୍ନଟ ପାଇଁ ଅଙ୍ଗନବାଡି ଦିଦି ମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଗଣ କହିଥିଲେ ବ୍ଲକର କୌଣସି ପ୍ରାନ୍ତରେ ଯେଭଳି ଦି?ଯାଙ୍ଗ ଶିଶୁ ଚିହ୍ନଟ ରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଅଙ୍ଗନବାଡ଼ି ଦିଦି ମାନେ ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଥିଲା।ରାଜ୍ୟ ସରକାର ଦି?ଯାଙ୍ଗ ଶିଶୁମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।ଚିହ୍ନଟ ଦି?ଯାଙ୍ଗ ଶିଶୁମାନଙ୍କୁ ସେମାନଙ୍କ ପାଇଁ ଯାହାର୍ ଯାହା କିଛି ଆବଶ୍ୟକୀୟ ଉପକରଣ ସେସବୁ ରାଜ୍ୟ ସରକାରଙ୍କ ତରଫରୁ ନିଃଶୁଳ୍କ ଯୋଗାଇ ଦିଆଯିବ।ବଡ଼ ହେଲେ ଯେମିତି ସେମାନେ ପରିବାରର କିମ୍ବା ସମାଜର୍ ?ଗୋଝ ହୋଇ ରହିବେ ନାହିଁ।ସେମାନେ ଯେଭଳି ସମାଜରେ ଅଲୋଡା ନ ହୁଅନ୍ତି।ସେମାନଙ୍କୁ ସହାୟତାର ହାତ ବଢ଼ାଇବା ସମସ୍ତଙ୍କର ଦାୟିତ୍? ।ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବ୍ଲକର ସମସ୍ତ ପଞ୍ଚାୟତ ଅଧିନରେ ଥିବା ସମସ୍ତ ଗ୍ରାମର ଶତାଧିକ ଅଙ୍ଗନବାଡ଼ି କର୍ମୀ ସାମିଲ ହେବା ସହ ପ୍ରଶିକ୍ଷିତ ହୋଇଥିଲେ।ଅଙ୍ଗନବାଡ଼ି ଦିଦିଙ୍କ ମୁଖ୍ୟ କାମ ହେଲା ତୃଣମୂଳ ସ୍ତରରୁ ଘରକୁ ଘର ବୁଲି ଦି?ଯାଙ୍ଗ ଶିଶୁମାନଙ୍କ ସଠିକ ଚିହ୍ନଟକରଣ କରିବା ସହ ସଠିକ ତଥ୍ୟ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦେବେ।ସେମାନେ ଜିଲ୍ଲା କାର୍ଯ୍ୟାଳୟକୁ ସମସ୍ତ ତଥ୍ୟ ପଠାଇବେ।

# କରଞ୍ଜିଆ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ

### ■ ବ୍ୟାପକ ଫସଲ ନଷ୍ଟ

କରଞ୍ଜିଆ,୨୬।୧୦(ସମିସ): କରଞ୍ଜିଆ ରେଞ୍ଜରେ ହାତୀ ଭୟ ଲୋକଙ୍କ ମନରୁ ଯାଉନି। କିଛି ଦିନ ଅନ୍ତରରେ ୩୩ଟି ହାତୀପଲକୁ ଦେଖି ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏହି ହାତୀପଲ ବିଭିନ୍ନ ସମୟରେ ବ୍ୟାପକ ଫସଲ ନଷ୍ଟ କରୁଥିବା ନଜିର ରହିଛି। ଗତକାଲି ୨୯ଟି ହାତୀ କେନ୍ଦୁଝରର ଆଦିପୁର ଅଞ୍ଚଳକୁ ପଳାଇଛନ୍ତି।ଆଗରୁ କିଛି ଦିନ ଧରି କରଞ୍ଜିଆ ରେଞ୍ଜରେ ବହୁ ଅଞ୍ଚଳରେ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବାରିଆ ପଞ୍ଚାୟତର ପୋଖରିଆ ଗ୍ରାମ ଜଙ୍ଗଲରେ ଗୋଟିଏ ବଡ଼ ମାଈ ହାତୀ ଓ ଏକ ଛୋଟ ହାତୀ ରହିଛନ୍ତି। ଫଳରେ ପୋଖରିଆ ଅଞ୍ଚଳରେ ହାତୀ ଭୟ ଦେଖାଦେଇଛି। କରଞ୍ଜିଆ ସହରର ସରସ୍ୱତୀ ଶିଶୁ ମନ୍ଦିର ନିକଟ ସରାଭାଡି ଜଙ୍ଗଲରେ ଏକ ବଡ଼ ଦନ୍ତା ଗୋଠ ଛଡା ହୋଇ ରହିଛି। ଫଳରେ ଏହି ରାସ୍ତା ଦେଇ ଲୋକେ ଯିବାଆସିବା କରିବାକୁ ଭୟ କରୁଛନ୍ତି। ସେହିଭଳି କାଡଡିହ ଜଙ୍ଗଲର ପଡଦିଆ ଗ୍ରାମ ପାଖରେ ଏକ ବଡ଼ ଦନ୍ତା ଏକୁଟିଆ ବିଚରଣ କରୁଛି। ଗତକାଲି ରାମଚନ୍ଦ୍ରପୁରର ମାତାଇ ହେମ୍ବ୍ରମଙ୍କ ଘରକୁ ହାତୀ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି।

# ତିରିଂ ଆସେକା ପକ୍ଷରୁ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବହଳଦା,୨୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ୍ ଅଧୀନ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତି ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ସାଲଇ ଗ୍ରାମର ସୁଇଟି ସୋରେନଙ୍କୁ ଓଏଏସ୍ ପରୀକ୍ଷାରେ ସଫଳତା ପାଇଁ ତିରିଂ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ପରିଷଦ (ଆସେକା) ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଏଏସ୍ ପରୀକ୍ଷାରେ ୨୦୨୨ ବ୍ୟାଚ୍‌ର ପ୍ରାର୍ଥୀ ସୁଇଟି ସୋରେନ୍ ପ୍ରଥମ ପ୍ରୟାସରେ ସଫଳତା ପାଇଛନ୍ତି। ସଫଳତା ପାଇଁ ଆସେକା ତିରିଂ ଶାଖାର ସଭାପତି ତଥା ପିଢ ପରଗଣା ଛଟରାୟ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ତିରିଂ ଆସେକାର ସମ୍ପାଦକ ରାମରାୟ ମାଝୀ, ରାଜମାଲ ହାଁସଦାଃ, କୁଆଁର ମୁର୍ମୁ, ସୁଗଦା ମୁର୍ମୁ ଏବଂ ଶିବା ବାଲାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ସୁଇଟିଙ୍କର ସଫଳତାରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯେପରି ଅନୁପ୍ରାଣିତ ହୋଇପାରିବେ ସେନେଇ ଆସେକା ସଭାପତି ଛଟରାୟ ହେମ୍ବ୍ରମଙ୍କ ଦ୍ୱାରା ପ୍ରସ୍ତୁତ ତିନିଦିନିଆ ଶୈକ୍ଷିକ ସଂକଳ୍ପ କାର୍ଯ୍ୟକ୍ରମରେ ତିରିଂ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ପରିଦର୍ଶନ କରାଯାଇଥିଲା। ସଂକଳ୍ପ ଯାତ୍ରାରେ ତିରିଂ ପିଏମଶ୍ରୀ ଉଚ୍ଚବିଦ୍ୟାଳୟ, ତିରିଂ ସୀମାନ୍ତ ଉଚ୍ଚବିଦ୍ୟାଳୟ, ଯଦୁନାଥପୁର, ରାଣୀସାହି ଏସଏସଡି ଉଚ୍ଚବିଦ୍ୟାଳୟ ଏବଂ ବଡଭଣ୍ଡୁ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ସୁଶ୍ରୀ ସୁଇଟିଙ୍କ ସଫଳତାରେ ଅନୁପ୍ରାଣିତ ହୋଇ ଉଚ୍ଚଭିଳାସୀ ହେବାକୁ ସଂକଳ୍ପ ନେଇଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ମଧ୍ୟ ଉତ୍ସାହିତ ହୋଇଥିଲେ। ଶୈକ୍ଷିକ ସଂକଳ୍ପ ଯାତ୍ରାରେ ଆସେକା ସଦସ୍ୟ ଓ ଓଏଏସ ସୁଇଟି ସୋରେନଙ୍କ ସହିତ ମଣିପୁର ରାଜଧାନୀ ଇମ୍ଫାଲରେ କେନ୍ଦ୍ରିୟ ସୁରକ୍ଷାବଳରେ କାର୍ଯ୍ୟରତ ଥିବା ତାଙ୍କ ପିତା ଅଦଗା ସୋରେନ ମଧ୍ୟ ଉପସ୍ଥିତ ଥିଲେ।

# ରୋଡ଼ଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

କରଞ୍ଜିଆ,୨୬।୧୦(ସମିସ): ଶିଶୁଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ କ୍ଲଷ୍ଟରସ୍ତରୀୟ ସୁରଭି ସମଗ୍ର ଶିକ୍ଷା ଅଭିଯାନ ସହଯୋଗରେ ସରକାରୀ କୁଶପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗ୍ୟବାନ ମହାନ୍ତ ଉଦଘାଟନ କରିଥିଲେ। ରୋଡଙ୍ଗ ସିଆରସିସି ଭୀଷ୍ମ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସଭାରେ କରଞ୍ଜିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ତରୁ ନାଏକ ମୁଖ୍ୟଅତିଥି ଓ ସରପଞ୍ଚ ସୁକୁମତୀ ସର୍ଦ୍ଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଖୋଜି ବାହାର କରିବାର ପ୍ରୟାସ ସୁରଭି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟଅତିଥି କହିଥିଲେ। ଏହି କାର୍ଯ୍ୟକ୍ରମରେ ୧୨୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

# ୨ ଚୋରା ବାଲି ବୋଝେଇ ହାଇୱା ଜବତ

ମହୁଲଡିହା,୨୬।୧୦(ସମିସ): ମହୁଲଡିହା ଥାନା ଅଧୀନ ଆନନ୍ଦପୁର-ଠାକୁରମୁଣ୍ଡା ନଂ ୫୩ ରାଜ୍ୟ ରାଜପଥ ଚିଆଁବେଡା ଛକରେ ଆନନ୍ଦପୁର ଆଡୁ ଚୋରାରେ ବାଲି ବୋଝେଇ କରି ଆସୁଥିବା ଦୁଇଟି ହାଇୱାକୁ ଜବତ କରିଛି ଖଣି ବିଭାଗ। ଜବତ ହାଇୱା ଦୁଇଟିକୁ ମହୁଲଡିହା ଥାନାରେ ଅଟକ ଥିବା ଥାନା ଆଇଆଇସି ଅରୁଣ କୁମାର ଟୁଡୁ କହିଛନ୍ତି।

# ଗୋ' ବନ୍ଦାଣ ମହୋତ୍ସବ ଓ ଚକ୍ଷୁ ଚିକିତ୍ସା ଶିବିର

ବଡସାହି,୨୬।୧୦(ସମିସ): ବଡ଼ସାହି ବ୍ଲକ ଅଧୀନ ଅସ୍ତପୁରା ଆଗୁଆଡ଼ ଗ୍ରାମରେ ଅ-ଆ' ଯୁବକ ସଂଘ ଆନୁକୂଲ୍ୟରେ ଗୋ ବନ୍ଦାଣ ମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବଟି କୁଡୁମି ସମ୍ପ୍ରଦାୟ ଦ୍ୱାରା ପାଳିତ ହେଉଥିବା ବାନ୍ଦଣା ପର୍ବ ଅବସରରେ ଅନୁଷ୍ଠିତ ହୋଇଛି। ଅ-ଆ' ଯୁବକ ସଂଘ ଓ ରାଇଜିଂ ଷ୍ଟାର ପରିବାରରର ମିଳିତ ପ୍ରଚେଷ୍ଟାରେ ଭୂମିକା ଚକ୍ଷୁ ଚିକିତ୍ସାଳୟ(ବାରିପଦା) ଦ୍ୱାରା ବିଶାଳ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ତଥା ମୟୂରଭଞ୍ଜ ଜିଲ୍ଲା କଣ୍ଟ୍ରାକ୍ଟର ଆସୋସିଏସନ ସଭାପତି



ପରେଶ ଚନ୍ଦ୍ର ମହାନ୍ତ ଯୋଗଦେଇ ଗୋରୁଖୁଣ୍ଟା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଜେପି ଛାତ୍ର ଯୁବ ମୋର୍ଚ୍ଚା ସଦସ୍ୟ ସୋମ୍ୟରଞ୍ଜନ ମିଶ୍ର, ଦାନ୍ତିଆମୁହାଁ ସମିତି ସଭ୍ୟ ସୁକୁଲ ମୁର୍ମୁ, ପୂର୍ବତନ ବେତନଟୀ ମଣ୍ଡଳ ସଭାପତି ରାଜକିଶୋର ସାହା, ବଡ଼ସାହି ବ୍ଲକ ଭାଇସ ଚେୟାରମ୍ୟାନ କାଞ୍ଚନ ପ୍ରଧାନ, ଅ-ଆ' ଯୁବକ ସଂଘର କାର୍ଯ୍ୟକାରୀ ସଭାପତି ଶରତ ମହନ୍ତ ଆଦି ଯୋଗଦେଇଥିଲେ। ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ କାଳିଚରଣ ମହାନ୍ତ ସଭା ପରିଚାଳନା କରିଥିବା ବେଳେ ସମାଜ ସେବୀ ତଥା ଶିକ୍ଷକ ଦୀପକ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାତିରେ କୁଡ଼ମାଲି ଝୁମର ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୟୂରଭଞ୍ଜ ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଅନେକ ସୁନାମଧନ୍ୟ ଝୁମର କଳାକାରମାନେ ଉପସ୍ଥିତ ହୋଇ ନିଜର କଳା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ଉପସ୍ଥିତ ହୋଇ କୁଡ଼ମାଲି ଝୁମର ତାଳେ ତାଳେ ନିଜକୁ ହଜାଇ ଦେଇଥିଲେ। ଗୋବନ୍ଦାଣ ମହୋତ୍ସବର ସମାପ୍ତ ପରେ ଅ-ଆ' ଯୁବକ ସଂଘର ସମ୍ପାଦକ ଗୌରହରି ମହାନ୍ତ ଓ ଦୁର୍ଗାପୁର ସରପଞ୍ଚ ପ୍ରତିନିଧି ସାଇବା ସୋରେନ, ସଂଘର କର୍ମକର୍ତ୍ତା ଭବାନୀ ଶଙ୍କର ମହାନ୍ତ, ପପୁନ ଚନ୍ଦ୍ର ମହାନ୍ତ, ରୋହିତ ମହାନ୍ତ, ଧିମନ୍ତ ମହାନ୍ତ, ରାଜକିଶୋର ମହାନ୍ତ, ବଦ୍ରିନାଥ ମହାନ୍ତ, ସଞ୍ଜିତ ମହାନ୍ତ, ସମୀର ମହାନ୍ତ, ବିଶ୍ୱଜିତ ମହାନ୍ତ, ରଜତ ମହାନ୍ତ, ହୁସେନ ମହାନ୍ତ, ବାପୁନ ମହାନ୍ତ ଓ ଅନ୍ୟ ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ ସାନ୍ତଳୀ ସମ୍ପ୍ରଦାୟର 'ସହରାଇ' ପରବ



ରାଇରଙ୍ଗପୁର,୨୬।୧୦(ସମିସ):

ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ପର୍ବ ହେଉଛି ସହରାଇ ପରବ। ଏହି ପର୍ବକୁ ଆଦିବାସୀ ସମ୍ପ୍ରଦାୟର ଲୋକେ ପାଞ୍ଚ ଦିନ ଧରି ପାଳନ କରିଥାନ୍ତି। ଦୀପାବଳୀ ଉତ୍ସବ ଅବସରରେ ୬୨ ପ୍ରକାର ଜନଜାତି ଆଦିବାସୀ ସମ୍ପ୍ରଦାୟର ଲୋକେ ଏହି ପର୍ବ ପାଳନ କରନ୍ତି। ଏହି ପର୍ବରେ ପରିବାର ସମସ୍ତେ ଯିଏ ଯେଉଁଠି ରହନ୍ତି ସମସ୍ତେ ଏକତ୍ର ହୁଅନ୍ତି। ଗ୍ରାମର ଜାହିରାଠାରେ ନାଇକେ ବାବା ପୂଜାର୍ଚ୍ଚନା କରିବା ପରେ ଉକ୍ତ ସ୍ଥାନରେ ଏକ ଅଣ୍ଡା ରଖିଥାନ୍ତି। ପରେ ଗ୍ରାମର ସମସ୍ତ ଗାଈଗୋରୁଙ୍କ ଗୋଠକୁ ଆଣି ଅଣ୍ଡା ସ୍ଥାପନା କରନ୍ତି। ସେଇ ଗୋଠରେ ଥିବା ଗୋରୁ ଗାଈ ମଧ୍ୟରୁ ଯେଉଁ ଗୋରୁଟି ଉକ୍ତ ଅଣ୍ଡାଟିକୁ ପାଦର ଖୁରାରେ ଆଘାତ କରେ କିମ୍ବା ମାଡ଼ି ଅଣ୍ଡାଟିକୁ ପଟେଇ ଦେଇଥାଏ। ପରେ ସେହି ବଳଦକୁ ଗୋମାତାର ମାନ୍ୟତା ଦିଆଯାଏ। ଦେହୁରୀ ଚିହ୍ନିତ ଗୋମାତାଙ୍କୁ ବନ୍ଦାପନା କରିବାପରେ ମାଲିକଙ୍କୁ ଭାଗ୍ୟବାନ କୃଷକ ବୋଲି କୁହାଯାଇଥାଏ। ଗ୍ରାମର ଦେହୁରୀ ମାଲିକଙ୍କୁ ନୂତନ ବସ୍ତ୍ର ମଥାରେ ସିନ୍ଦୂର ଟିପା ଓ ବେକରେ ଫୁଲମାଳ ପିନ୍ଧାଇ ଗୋଠାଣେ ଆଖଡାରୁ ତାଙ୍କୁ କାନ୍ଧରେ ବୋହି ଗୀତ ବାଦ୍ୟର ତାଳେ ତାଳେ ତାଙ୍କ ଘରକୁ ନିଆଯାଇଥାଏ। ଉକ୍ତ ଦିନ ଯେଉଁ ନୃତ୍ୟ ଗୀତ ଆସର ହୁଏ ଏବଂ ତାହାକୁ ଧିଙ୍ଗୁଆନ୍ ପରବ ମଧ୍ୟ କୁହାଯାଏ। ବର୍ଷକ ପରେ ସେ ଗ୍ରାମବାସୀଙ୍କୁ ଏକ ହାଣ୍ଡିଆ ହାଣ୍ଡି ଓ କୁକୁଡା ପ୍ରଦାନ କରିଥାଏ। ଗୋଠରେ ଏହି କାର୍ଯ୍ୟ ସମାପନ ହେବା ପରେ ଢୋଲ, ମାଦଳ, ଧମସା ବାଦ୍ୟରେ ପାରମ୍ପରିକ ସଙ୍ଗୀତରେ ମାଝୀ ବାବାଙ୍କୁ ଘରକୁ ଆଣି ପହଞ୍ଚାଇଥାନ୍ତି ଗ୍ରାମବାସୀ। ଏହାପରେ ଆରମ୍ଭ ହୋଇଥାଏ ଧିଙ୍ଗୁଆନ। ସେହିପରି ତୃତୀୟ ଦିନରେ ପ୍ରଥମେ ମାଝୀ ବାବା ନୂତନ ଶସ୍ୟ ଗଛ ଧାନକୁ ଆଣି ଘର, ଗାଈ, ଗୋରୁ ପାଇଁ ମାଳ ପ୍ରସ୍ତୁତ କରିଥାନ୍ତି। ଯାହାକୁ ସାନ୍ତାଳୀମାନେ ଗୁହାଳ ପୂଜା କହିଥାନ୍ତି। ଗୋରୁ ବନ୍ଦଣା ମଧ୍ୟ ଦୁଇଦିନ ଧରି ଅନୁଷ୍ଠିତ ହୋଇଥାଏ। ଶେଷ ଦିନରେ ବଣ ଭୋଜିର ଆସର ଜମେ ଓ ସହରାଇ ପରବ ସମାପନ ହୋଇଥାଏ।

## ସହରାଇ ପର୍ବ ଉପଲକ୍ଷେ ମାରାଥନ ଦୌଡ଼

ରାଇରଙ୍ଗପୁର/ବହଳଦା: ତିରିଂ ବ୍ଲକ ଅନ୍ତର୍ଗତ ନାରାନପୁର ଗ୍ରାମପଞ୍ଚାୟତ ବଡସାଦମ ଗ୍ରାମରେ ହିସିତୁକା କ୍ଲବ ପକ୍ଷରୁ ସହରାଇ ପର୍ବ ଉପଲକ୍ଷେ ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବଡସାଦମ ମାଝୀବାବା (ଗ୍ରାମମୁଖ୍ୟ)ଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିରିଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ପରେଶ ଚନ୍ଦ୍ର ମୁଣ୍ଡା, ଡାକ୍ତର ପାୟଲ ପୂର୍ତ୍ତି, ଡାକ୍ତର କମଳା ହେମ୍ବ୍ରମ, ପୂର୍ବତନ ସରପଞ୍ଚ ଛଟରାୟ ଟୁଡୁ, ହିନ୍ଦୁରାଇ ଟୁଡୁ, ସୀତାରାମ ମୁର୍ମୁ, କାଲୁରାମ ହାଁସଦାଃ, ଦୁଲାରାମ ମୁର୍ମୁ ଏଙ୍ଗ ବ୍ରଜମୋହନ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋଟ ୨୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଇନିସ୍ପେକ୍ଟର ପ୍ରଶାନ୍ତ କୁମାର ଜେନାଙ୍କ ସହିତ ଡାକ୍ତର ପାୟଲ ପୂର୍ତ୍ତି ଓ ଜିଲ୍ଲା ପରିଷଦ ପରେଶ ଚନ୍ଦ୍ର ମୁଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୁରସ୍କାର ବଣ୍ଟନ ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆସମାନ ପୂର୍ତ୍ତି (କୁଚାଇ, କରଞ୍ଜିଆ), ଦ୍ୱିତୀୟ ଚିରଞ୍ଜିତ ପୂର୍ତ୍ତି (ଗୁମଦାବାସା), ଓ ତୃତୀୟ ସ୍ଥାନରେ ରହିଥିବା ରାଜଶ କେରାଇ (ଖୁଟିଂ)ଙ୍କୁ ଗୋଟିଏ ଲେଖାଏଁ ସାଇକଲ ପ୍ରଦାନ କରାଯାଇଥିଲା। ଏଥିସହିତ ସାନସାଦମ ଗ୍ରାମରୁ ବଡସାଦମ ଗ୍ରାମ ପର୍ଯ୍ୟନ୍ତ ମହିଳାଙ୍କ ମଧ୍ୟରେ ବି ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତହୋଇଥିଲା। ଏଥିରେ ୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।



# ଆନ୍ତଃରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ମାଣତ୍ରୀ,୨୬।୧୦(ସମିସ): ବଡ଼ସାହି ବ୍ଲକ୍ ଦୁର୍ଗାପୁରର ତ୍ରିବେଣୀ କ୍ଲବ୍ ପକ୍ଷରୁ ଡମ ସମ୍ପ୍ରଦାୟର ଆନ୍ତଃରାଜ୍ୟ ୨୦ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୋବରାଶୋଳ ଗାଁପଡ଼ିଆରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଅନୁସୂଚିତ ଜାତି କଲ୍ୟାଣ ସମିତି ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ ଯୋଗଦେଇଥିଲେ। ଏହାସହିତ ତାଙ୍କ ଧର୍ମପତ୍ନୀ ମଧୁମିତା କାଳନ୍ଦୀ, କ୍ଲବ୍ ସଭାପତି ଲହିତ କାଳନ୍ଦୀ, ସମ୍ପାଦକ ସନ୍ତୋଷ କାଳନ୍ଦୀ, ଉପଦେଷ୍ଟା ଅନିଲ ବେହେରା, ଦୁର୍ଗାପୁର ସରପଞ୍ଚ ସେବତୀ ଟୁଡୁ, ସେନା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସିଂ, କୋଷାଧ୍ୟକ୍ଷ ପବିତ୍ର ମୋହନ ସିଂ, ଜିଲ୍ଲା ସମ୍ପାଦକ ହାଡ଼ିବନ୍ଧୁ କାଳନ୍ଦୀ ପ୍ରମୁଖ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟଟି କେବଳ ଡମ ସମ୍ପ୍ରଦାୟର ଖେଳାଳିଙ୍କୁ ନେଇ ୨୦ବର୍ଷ ଧରି ଆୟୋଜନ କରାଯାଉଛି। ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଓଡିଶା ରାଜ୍ୟର ଡମ ସମାଜ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଭୁରକୁଣ୍ଡି ଦଳ ପ୍ରଥମ ଓ ଦଲକି ଦଳ ଦ୍ୱିତୀୟସ୍ଥାନରେ କୃତିତ୍ୱ ଅର୍ଜ୍ଜନ କରିଥିଲେ। ମୁଖ୍ୟଅତିଥି ଶ୍ରୀ କାଳନ୍ଦୀ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ରୀ କାଳନ୍ଦୀ ଆଗାମୀ ଦିନର ଯୁବପିଢିଙ୍କୁ ଶିକ୍ଷିତ ଓ ସଂଗଠିତ ହୋଇ ନିଜର ହକ ପାଇଁ ସଂଘର୍ଷ କରିବାକୁ କହିଥିଲେ। ନିଶା ଠାରୁ ଦୁରେଇ ରହି ଅନ୍ୟକୁ ସଚେତନ ବାର୍ତ୍ତା ଦେବାକୁ ମଧ୍ୟ ପରାମର୍ଶ ଦେଇଥିଲେ।

## ଫାଇନାନ୍ସ କର୍ମଚାରୀଙ୍କ ସଚେତନତା ବୈଠକ

**ଆନନ୍ଦପୁର, ୨୬।୧୦ (ସମିସ):** ଆନନ୍ଦପୁର ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଫାଇନାନ୍ସ କର୍ମଚାରୀଙ୍କୁ ନେଇ ଏକ ବୈଠକରେ ଫାଇନାନ୍ସ କର୍ମଚାରୀମାନେ ଋଣ ଦେବା ଏବଂ ଋଣ ଆଦାୟ କରିବା ସମୟରେ ଲୋକଙ୍କ ପ୍ରତି ବ୍ୟବହାର ଠିକ ରଖିବା ସହ ସନ୍ଧ୍ୟା ସମୟରେ ଋଣ ହିତାଧିକାରୀଙ୍କ ଘରୁ ଯାଇ ଟଙ୍କା ଆଦାୟ ନକରିବା ସହ ଚୋରି ଡକାୟତିକୁ ରୋକିବା ନିମନ୍ତେ ଫାଇନାନ୍ସ କର୍ମଚାରୀଙ୍କୁ ସଚେତନତା ପ୍ରଦାନ କରାଯାଇଥିଲା। ବନ୍ଧନ ବ୍ୟାଙ୍କ, ସ୍ୱନ୍ଦନ, ଭାରତ, ସତୀନ ଫାଇନାନ୍ସର ୨୦ ଜଣ କର୍ମଚାରୀଙ୍କ ସହ କାର୍ଯ୍ୟକ୍ରମରେ ଏଏସଆଇ ଯଶୋଦା ବେହେରା, ଅଜିତ ବାନାରା, ନାରାୟଣ ପ୍ରସାଦ ମହାପାତ୍ର, କନେଷ୍ଟବଳ ପୂର୍ଣ୍ଣିମା ମହାନ୍ତ, ଚିନ୍ତାମଣି ନାୟକ, ମିନାକ୍ଷୀରାଣୀ ନାୟକ, ଚିନ୍ମୟ ସାହୁ ଯୋଗ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



**କେନ୍ଦୁଝର,୨୬ ।୧୦(ସମିସ):** କେନ୍ଦୁଝର ସଦର ବ୍ଲକ ବୀରକିଶୋରପୁର ମଣ୍ଡଳପାଟ ନୋଡାଲ ହାଇସ୍କୁଲ୍‌ରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଗଣିତ ବିଜ୍ଞାନ ମେଳାରେ ପଢୁଥିବା ୨୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୮ ଜଣ ବିଭିନ୍ନ ପ୍ରକଳ୍ପ ସହ ଅଂଶଗ୍ରହଣ କରିଥିଲେ। ସିନିୟର ବିଭାଗରେ ଦଶମ ଶ୍ରେଣୀର ଛାତ୍ରୀ ସୁଭଦ୍ରା ମହାନ୍ତ ପ୍ରଥମ, ଜୁନିଅର୍ ବିଭାଗ ପୂଜାରାଣୀ ମହାନ୍ତ, ଜୁନିୟର୍ ବିଭାଗରେ ବିଶ୍ୱବିହାରୀ ମହାନ୍ତ ପ୍ରଥମ ବିବେଚିତ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋଲକଚନ୍ଦ୍ର ମହାନ୍ତ, ପ୍ରଧାନଶିକ୍ଷକ ଦେବବ୍ରତ ସାମଲ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷକ ଶାନ୍ତନୁ ସାହୁ, ପରମାନନ୍ଦ ଭଞ୍ଜ, ଶିକ୍ଷୟିତ୍ରୀ ରୋଜାଲିନି ସାହା ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ମେଳାରେ ସିନିୟର ଓ ଜୁନିୟର ହୋଇଥିବା ଛାତ୍ରୀଦ୍ୱୟଙ୍କୁ ଆଗାମୀ ମାସରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବାକୁ ଶିକ୍ଷକ ସଞ୍ଜୀବ କୁମାର ସାହୁ ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ସୁରଭି ପାଇଁ ମନୋନୀତ ଆଦର୍ଶ ଆଶୀର୍ବାଦ

**ଆନନ୍ଦପୁର,୨୬।୧୦ (ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ରୁଦ୍ରନାରାୟଣପୁର ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର ଆଦର୍ଶ ଆଶୀର୍ବାଦ ନନ୍ଦ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ରୁଦ୍ରନାରାୟଣପୁର ଗ୍ରାମର ସନ୍ତୋଷ କୁମାର ନନ୍ଦ ମାତା ଅନିତା ନନ୍ଦଙ୍କ ଏକମାତ୍ର ପୁଅ ଆଶୀର୍ବାଦ ପଞ୍ଚମ ଶ୍ରେଣୀର ଛାତ୍ର। ସେ ବ୍ଲକସ୍ତରୀୟ ସୁରଭିରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ଦେଖାଇ ଜିଲ୍ଲାସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏନେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟ ତରଫରୁ ସିଆରସିସି ପ୍ରାଣନାଥ ଜେନା, ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ନିରୋଦାପ୍ରଭା ରାୟ, ଶିକ୍ଷୟିତ୍ରୀ ସବିତା ଜେନାଙ୍କ ଉପସ୍ଥିତିରେ ଛାତ୍ର ଆଦର୍ଶ ଆଶୀର୍ବାଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।




## ବୀରଗୋବିନ୍ଦପୁରରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



**ଆନନ୍ଦପୁର, ୨୬।୧୦ (ସମିସ):** ଘସିପୁରା ବ୍ଲକ ବୀରଗୋବିନ୍ଦପୁର ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଦତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ବିଇଓ ସଦ୍ୟସ୍ମାନ ପଣ୍ଡା, ଏବିଇଓ ବସନ୍ତ ନାୟକ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ମାଝୀ, ସିଆରସିସି ଆଦିକନ୍ଦ ସାହୁ, ସ୍କୁଲ ଅଧ୍ୟକ୍ଷ ପ୍ରଦୀପ କୁମାର ପତି ଯୋଗ ଦେଇଥିଲେ। ସିଆରସିସି ପ୍ରସନ୍ନ କୁମାର ସାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ସମାଜସେବୀ ଡ ଶମ୍ଭୁନାଥ ରାଉତ, ବିଇଓ ସଦ୍ୟସ୍ମାନ ପଣ୍ଡା, ଏବିଇଓ ହାଡିବନ୍ଧୁ ସାହୁ, ଘସିପୁରା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରେଣୁ ସାଗର ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମୃନ୍ମୟୀ ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ମନୋଜ କୁମାର ବେଜ ଧନ୍ୟବାଦ ଦେଇଥିଲେ।

## ମରାମତି ପାଇଁ ଟେଣ୍ଡରରେ ଖିଲାପି
# ୭୦ ଲକ୍ଷ ଟଙ୍କାର ଅନୁଗ୍ରହ ଅଭିଯୋଗ

**ଆନନ୍ଦପୁର, ୨୬।୧୦(ସମିସ)**

କୃଷକଙ୍କ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବିପୁଳ ଅନୁଦାନ ମିଳୁଥିଲେ ମଧ୍ୟ ତୃଣମୂଳସ୍ତରରେ ଏହାର ଦୁରୁପଯୋଗ ହେଉଥିବା ଅଭିଯୋଗ ହୋଇଛି। ଏହାର ଜ୍ୱଳନ୍ତ ଉଦାହାରଣ ଦେଖିବାକୁ ମିଳିଛି ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ରେ। କୃଷକଙ୍କ ଆବଶ୍ୟକ ଯୋଜନା ପାଇଁ ଆସୁଥିବା ଏହି ଅର୍ଥକୁ ମନଇଚ୍ଛା ଅନୁଗ୍ରହ କରାଯାଉଛି। ଘସିପୁରା ବସଷ୍ଟାଣ୍ଡରେ ନିର୍ମିତ ଦୁଇମହଲା ବିଶିଷ୍ଟ ବଜାର ଘର ଉପର ମହଲାର ପଛପାଖ କାନ୍ଥ ଫାଟିଯାଇ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହାର ଉପଯୁକ୍ତ ମରାମତି କରା ନଯାଇ ତାଳିପକା କାମ ଚାଲିଛି। ଏ ବାବଦକୁ ପ୍ରାୟ ୭ ଲକ୍ଷ ଟଙ୍କା ବିନା ଟେଣ୍ଡରରେ ବ୍ୟୟ ବରାଦ ହୋଇଥିବା ସୂଚନା ମିଳିଛି।

ଏଠାରେ ସମଗ୍ର ଭାରତବର୍ଷରେ କୃଷିଜାତ ସାମଗ୍ରୀର ମୂଲ୍ୟ ସ୍ଥାନୀୟ ଚାଷୀ ଜାଣିବା ପାଇଁ ଖୋଲାଯାଇଥିବା ଇନାମ୍ ମଣ୍ଡି ନାଁରେ ଲକ୍ଷାଧିକ ଟଙ୍କା ଅନିୟମିତତା ହେଉଥିବା ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ଏପଟେ କୃଷକଙ୍କ ପାଇଁ ଆସୁଥିବା ଅନୁଦାନକୁ ଘସିପୁରା ବ୍ଲକ୍‌ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉଦ୍ଦେଶ୍ୟମୂଳକ ଭାବେ ଖର୍ଚ୍ଚ କରାଯାଉଛି। ସୁଆଁପଦା ହାଟରୁ ଅପେକ୍ଷାକୃତ କମ୍ ଆୟ ହେଉଥିବାବେଳେ ଏଠାରେ ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ହାଟରୁ ମାତ୍ର ୮୦ହଜାର ୧୭୦ଟଙ୍କା ଆୟ ହୋଇଥିଲା କିନ୍ତୁ ଖର୍ଚ୍ଚ ହୋଇଛି ୧୭ଲକ୍ଷ ୧୯ହଜାର ୯୬୩ଟଙ୍କା।



ସେହିପରି ୨୦୨୨-୨୩ରେ ୭୦ହଜାର ୫୨୫ଟଙ୍କା ଆୟ ହୋଇଥିବାବେଳେ ୪୨ଲକ୍ଷ ୟାର୍ଡ ମରାମତି, ରାସ୍ତା ନିର୍ମାଣ, ସାନିଟାରୀ ସାମଗ୍ରୀ ଯୋଗାଣ ପାଇଁ ଆସିଥିବା ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାମକୁ ସିଧାସଳଖ ନେତାଙ୍କ ହାତକୁ ଟେକି ଦିଆଯାଇଛି। ଉପରୋକ୍ତ ନିର୍ମାଣ କାର୍ଯ୍ୟର ତଦାରଖ ମଧ୍ୟ କରାଯାଉ ନଥିବା ଅଭିଯୋଗ ହୋଇଛି। ଆରଏମ୍‌ସି ପରିସରରେ ହେଉଥିବା ସରକାରୀ ଯୋଜନାଭିତ୍ତିକ ଅନୁଦାନ ବାଟମାରଣା, ହାତଗଣତି ଲୋକରେ କାର୍ଯ୍ୟକ୍ରମ କରାଯାଇ, ବିପୁଳ ଅର୍ଥ ଖର୍ଚ୍ଚ ହୋଇଛି। ଆନନ୍ଦପୁର ବ୍ଲକ୍‌ର ବେଲବାହାଳି, କୋଳିମାଟି, ଧକୋଠା ହାଟର ଉନ୍ନତୀକରଣ ପାଇଁ ଆଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାପ୍ତାହିକ ହାଟର ବିକାଶ ପାଇଁ ଆସିଥିବା ଅନୁଦାନକୁ ମନଇଚ୍ଛା ଖର୍ଚ୍ଚ କରାଯାଇ ଠିକାଦାର ପୋଷା ଚାଲିଛି। ଝାଡ଼େଶ୍ୱର ହାଟପିଣ୍ଡି, ଘସିପୁରା ମାର୍କେଟ କମ୍ପ୍ଲେକ୍ସ ମରାମତି, ଆର୍‌ଏମ୍‌ସି ପରିସର ୱେ ବ୍ରିଜ୍ ନିର୍ମାଣ, ଗୋଦାମ ମରାମତି, ଶାଳପଡ଼ା ମାର୍କେଟ ୱାର୍ଡ ମରାମତି, ବରପଦା ମାର୍କେଟ ୟାର୍ଡ ମରାମତି, ସୁନ୍ଦରାପାଳ ମାର୍କେଟ ମରାମତି କାର୍ଯ୍ୟରେ କୃଷକଙ୍କୁ ସାମିଲ କରାଯାଉନି କି ସେମାନଙ୍କୁ ଅବଗତ କରାଯାଉନାହିଁ। ଏନେଇ ଆରଏମ୍‌ସି ସମ୍ପାଦକ ଶକ୍ତିଧର କାଣ୍ଡି କହିଛନ୍ତି, ବୋର୍ଡ ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ତେବେ, ଶ୍ରୀ କାଣ୍ଡି ମୂଳ ପ୍ରସଙ୍ଗକୁ ଏଡ଼ାଇ ଦେଇଥିବାରୁ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

## ସ୍କୁଲ ଅନିୟମିତତା ସଂକ୍ରାନ୍ତରେ ତଦନ୍ତ କଲେ ଭାରପ୍ରାପ୍ତ ଏବିଇଓ

**ହାଟଡ଼ିହୀ,୨୬।୧୦(ସମିସ):** ହାଟଡ଼ିହୀ ବ୍ଲକ୍ ବଞ୍ଚୋ ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ଦିଆ ନଯିବା ଏବଂ ପ୍ରାକମାଟ୍ରିକ ଛାତ୍ରବୃତ୍ତି ଅନୁଦାନ ପିଲାଙ୍କୁ ନମିଳିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ। ହାଟଡ଼ିହୀ ଶିକ୍ଷାଧିକାରୀ ରାଜୀବ ଦଳେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ସବିଶେଷ ତଦନ୍ତ ପାଇଁ ଭାରପ୍ରାପ୍ତ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ପଠାଇଥିଲେ। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନରେ ଅବହେଳା ଏବଂ ସରକାରୀ ଅନୁଦାନ ଠିକ୍‌ରେ ଖର୍ଚ୍ଚ ହେଉ ନଥିବା ଅଭିଯୋଗ ହୋଇଥିଲା। ଏହି ପୁରାତନ ସ୍କୁଲରେ ପ୍ରଥମରୁ ଅଷ୍ଟମ ଯାଏଁ ଶ୍ରେଣୀ ରହିଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀଙ୍କ ଦ୍ୱାରା ପରିଚାଳନାଗତ ତ୍ରୁଟି ଦେଖା ଦେଇଥିବାରୁ ତଦନ୍ତ ହୋଇଛି।

ସୂଚନାନୁସାରେ, ମାଣ୍ଡିଆ ଲଡୁ ଶୁଭାରମ୍ଭ ଦିନ ଏବଂ ତଦନ୍ତ ଦିନକୁ ବାଦ୍ ଦେଲେ ଆଜିଯାଏଁ ଅନ୍ୟଦିନରେ ପିଲାଙ୍କୁ ମାଣ୍ଡିଆ ଲଡୁ ଦିଆଯାଇନାହିଁ। ସେହିପରି ଛାତ୍ରଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ମଧ୍ୟ ଦିଆଯାଇନି। ସ୍କୁଲକୁ ଆସୁଥିବା ସରକାରୀ ଅନୁଦାନକୁ ଠିକ୍ ଭାବେ ଖର୍ଚ୍ଚ କରାଯାଇନି ବୋଲି ସ୍କୁଲ୍ ପରିଚାଳନା କମିଟିର ସଭାପତି ଦିପ୍ତିମୟୀ ଖୁଣ୍ଟିଆ, ସଭ୍ୟା ପଦ୍ମାବତୀ ବରାଳ, ସ୍ୱପ୍ନାରାଣୀ ବରାଳ, ଜ୍ୟୋତ୍ସ୍ନାରାଣୀ ବରାଳ, ସୁରେଖା ନାୟକ ପ୍ରମୁଖ ଅଭିଯୋଗ କରିଥିଲେ। ୩ଦିନ ତଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସେଠୀ ସମସ୍ତ ରିପୋର୍ଟ ବିଇଓ କାର୍ଯ୍ୟାଳୟର ବରିଷ୍ଠ ସହାୟକଙ୍କ ନିକଟରେ ଦାଖଲ କରିଛନ୍ତି ବୋଲି ଭାରପ୍ରାପ୍ତ ଏବିଇଓ ଶ୍ରୀ ଜେନା କହିଥିବା ବେଳେ ବରିଷ୍ଠ ସହାୟକ ଶ୍ରୀ ଜେନାଙ୍କୁ ପଚାରିବାରେ, ଉକ୍ତ ପ୍ରଧାନଶିକ୍ଷକ କୌଣସି ରିପୋର୍ଟ ଦାଖଲ କରିନାହାନ୍ତି ବୋଲି କହିବା ସହ ରିପୋର୍ଟ ଦାଖଲ ନିମନ୍ତେ ୧ ମାସ ସମୟ ଦିଆଯାଉ ବୋଲି ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀ ଦରଖାସ୍ତ ମାଧ୍ୟମରେ ସମୟ ମାଗିଥିବା ନେଇ ବରିଷ୍ଠ ସହାୟକ ଶିଶିର ଜେନା କହିଛନ୍ତି। ଏପରିସ୍ଥଳେ ତଦନ୍ତ ସମୟରେ ବିଦ୍ୟାଳୟରେ ମାଣ୍ଡିଆ ଲଡୁ, ଛାତ୍ରବୃତ୍ତି ସହ ମଧ୍ୟାହ୍ନ ଭୋଜନର ମଧ୍ୟ କୌଣସି ରେକର୍ଡ ଦେଖିବାକୁ ମିଳି ନଥିଲା ବୋଲି ତଦନ୍ତ ଅଧିକାରୀ ଭାରପ୍ରାପ୍ତ ଏବିଇଓ ଶ୍ରୀ ଜେନାଙ୍କ ପ୍ରକାଶ କରିଛନ୍ତି।

## ଖଣି ଅଞ୍ଚଳରେ ୪୨୨ ଏଚ୍‌ଆଇଭି ପଜିଟିଭ୍

**ଯୋଡ଼ା, ୨୬।୧୦(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଏଡ୍ସ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନର ସର୍ଭେ ଅନୁଯାୟୀ, ଯୋଡ଼ା ଖଣି ଅଞ୍ଚଳରେ ଏବେ ମୋଟ ୪୨୨ ଜଣ ଏଚଆଇଭି ପଜିଟିଭ ଥିବା ବେଳେ ପୂର୍ବ ବର୍ଷ ଏହା ୪୪୯ ଥିଲା। ସେଥିମଧ୍ୟରୁ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ନୂଆ ସଂକ୍ରମିତ ଯୋଡି ହୋଇଛନ୍ତି। ତେବେ ସରକାର ଓ ବେସରକାରୀ ସଂସ୍ଥା ପକ୍ଷରୁ ଏହାକୁ ନେଇ ବିଭିନ୍ନ ପ୍ରକାର ବିଜ୍ଞାପନ ଜରିଆରେ ଯୁବପିଢ଼ିଙ୍କୁ ସଚେତନ କରାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରୁ ନଥିବା ଉକ୍ତ ସଂଖ୍ୟାରୁ ଅନୁମାନ କରି ହେଉଛି। ବିଭିନ୍ନ ମେଡିକାଲ ଷ୍ଟୋର, ରାସନ ଦୋକାନଗୁଡ଼ିକରେ ସୁରକ୍ଷିତ ଯୌନ ସାମଗ୍ରୀ ସର୍ବସାଧାରଣ ଭାବେ ବିକ୍ରୟ ହେଉଥିବା ବେଳେ ସାମାନ୍ୟ ଭୁଲର ବଶବର୍ତ୍ତୀ ହୋଇ ବ୍ୟକ୍ତି ନିଜ ଜୀବନ ସହ ଖେଳିବା ସହ ସାମାଜିକ ମର୍ଯ୍ୟାଦା ହରାଇ ବସୁଛି। ତେବେ ଯୋଡ଼ା ଖଣି ଅଞ୍ଚଳରୁ ଆସୁଥିବା ବଡ଼ ବଡ଼ ଗାଡ଼ି ଡ୍ରାଇଭରଙ୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିବାର ଆଉ ଏକ ମୁଖ୍ୟ କାରଣ ବୋଲି ଜଣାପଡିଛି। ଏହାକୁ ନେଇ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆ ଯାଇ ପାରିଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଖଣି ଅଞ୍ଚଳରେ ଏହାର ପ୍ରଭାବ ଯୁବ ପିଢ଼ିଙ୍କ ମଧ୍ୟରେ ଅଧିକ ଦେଖା ଦେଇଥିବା ବେଳେ ଉକ୍ତ ମାରାତ୍ମକ ସଂକ୍ରମଣରୁ ଜନଜୀବନକୁ ରକ୍ଷା କରିବାକୁ ହେଲେ ଯୋଡ଼ା ବଡ଼ବିଲ ଅଞ୍ଚଳରେ ଥିବା ସେଲୁନ, ସ୍ପା ସେଣ୍ଟର, ମାସାଜ ସେଣ୍ଟରଗୁଡ଼ିକୁ ସଚେତନ କରିବାକୁ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।




## ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ଟି-ଏସ୍‌ସି-ଓବିସି କର୍ମଚାରୀ ସଙ୍ଘ ସମ୍ମିଳନୀ




**କେନ୍ଦୁଝର, ୨୬।୧୦(ସମିସ):** କେନ୍ଦୁଝର ଅଡିଟୋରିୟମରେ ଅଲଇଣ୍ଡିଆ ବ୍ୟାଙ୍କ ଅଫ ଇଣ୍ଡିଆ ଏସସି-ଏସଟି-ଓବିସି କର୍ମଚାରୀ ସଙ୍ଘ ଓଡ଼ିଶା ଶାଖାର ୧୪ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ରାଜ୍ୟ ସଭାପତି ପ୍ରକାଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ହରିଶଙ୍କର ନାଏକ ବିବରଣୀ ପ୍ରଦାନ କରିଥିବାବେଳେ ପଦ୍ମଶ୍ରୀ ଦୈତାରୀ ନାଏକ, ସ୍ତମ୍ଭକାର ଅମୀୟ ପାଣ୍ଡବ, ଗ୍ରାମୀଣ ସାଧାରଣ ପରିଚାଳକ ମୁମ୍ବାଇ ମୁଖ୍ୟାଳୟ ନକୁଳ ବେହେରା, ଡିଜିଏମ ଏଫଜିଏମଓ ଭୁବନେଶ୍ୱର ରଜନୀକାନ୍ତ ଭୂୟାଁ, ଜାତୀୟ ସଭାପତି କେନ୍ଦ୍ରୀୟ ୟୁନିଟ ରଞ୍ଜନ ମହାଦେବ ଖପରଦେ, ଜାତୀୟ ସାଧାରଣ ସମ୍ପାଦକ ଜୀବନକୃଷ୍ଣ କାମ୍ବଲେ, ସାଧାରଣ ସମ୍ପାଦକ ଓଡିଶା ୟୁନିଟ କମଲଜିତ ମହାପାତ୍ର, ସଚ୍ଚିଦାନନ୍ଦ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷ ଅତିଥିଭାବେ ବିଭିନ୍ନ ପ୍ରାନ୍ତରୁ ସ୍ମୃତିରଞ୍ଜନ ସାହୁ, ବିଜୟ ମଲ୍ଲିକ, ଶ୍ରୀଜିତ ଶଙ୍କର ବେହେରା, ଅମିତ ପାଲ, କମଲେଶ ରଞ୍ଜନ, ଗୟାଲାଲ ମାଝୀ, ଉମାଶଙ୍କର ରାୟ, ଉମାଶଙ୍କର ମଣ୍ଡଳ, ଅନୁପ ଖାନ, ବିନ୍ଦେଶ୍ୱର ପ୍ରସାଦ, ଭେରୋନିକା ତମ୍ବା, ସଲିଳ ରିଚା କୁଜୁର, ରଣଧୀର ସିଂ ଠାକୁର, ଧନରୂପ ମିନା, ଚନ୍ଦ୍ରକାନ୍ତ ବୋସାପ୍ପା ଗୁଡସ୍କାର, ଅରବିନ୍ଦ ସୁବାସ ପରଦେଶୀ, ଲୋକେଶ ଠାକୁର, ପଦାଧିକାରୀ ଯୋଗ ଦେଇଥିଲେ। ଏହା ପୂର୍ବରୁ ସଙ୍ଘ କାର୍ଯ୍ୟକର୍ତ୍ତାଗଣ ସିଦ୍ଧମଠ ପୋଡାଉଆସଠାରେ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ କରି ହୋଟେଲ କାଶଭି ପ୍ରେକ୍ଷାଳୟରେ ସରକାରଙ୍କ ସଂରକ୍ଷଣ ନୀତି ସମ୍ପର୍କରେ କର୍ମଶାଳା କରିଥିଲେ। ପରେ ବାବାସାହେବ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

● ବୋଲେରୋ ସହ ୭ ଛେଳି ଜବତ

## ଗାଡ଼ି ଛାଡ଼ି ଛେଳି ଚୋର ଚମ୍ପଟ



**ବାଲିବନ୍ଧ, ୨୬।୧୦(ସମିସ):** ଝୁମ୍ପୁରା ବ୍ଲକ ବାମେବାରୀ ଥାନା ଅଧୀନ ନୟାଗଡ଼-ଉଚ୍ଚବାଲି ରାସ୍ତାରେ ରବିବାର ପୁଲିସକୁ ଦେଖି ଏକ ଚୋରା ଛେଳି ବୋଝେଇ ବୋଲେରୋ ଗାଡ଼ି ଖାଲରେ ପକାଇବା ପରେ ଛେଳି ଚୋରମାନେ ଛୁ' ମାରିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ୭ଟି ଛେଳି ଉଦ୍ଧାର କରିବା ସହ ଛେଳି ଚୋରିରେ ବ୍ୟବହୃତ ବୋଲେରୋ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ବାମେବାରୀ ପୁଲିସ।

ସୂଚନା ଅନୁଯାୟୀ, ରବିବାର ୨ଟା ସମୟରେ ବାମେବାରୀ ଥାନା ଅଧିକାରୀ ସଦଳବଳେ ନୟାଗଡ଼ ଛକ ନିକଟରେ କୌଣସି କାମରେ ଠିଆ ହୋଇଥିଲେ। କଳିମାଟି ଆଉ ଧଳା ରଙ୍ଗର ଏକ ବୋଲେରୋ ଗାଡ଼ି ଦ୍ରୁତ ଗତିରେ ନୟାଗଡ଼ ଆଡ଼କୁ ଆସିଥିଲା। ପୁଲିସ ଗାଡିଟିର ପିଛା କରିଥିଲା ବେଳେ କିଛି ବାଟ ଯିବା ପରେ ରାସ୍ତାକଡ଼ରେ ଥିବା ଏକ ଖାଲ ମଧ୍ୟରେ ଗାଡ଼ି ପକାଇ ନିକଟସ୍ଥ ଜଙ୍ଗଲ ଆଡ଼କୁ ଛୁ' ମାରିଥିଲେ ଗାଡ଼ିରେ ଥିବା କିଛି ଲୋକ। ଉକ୍ତ ସ୍ଥାନରେ ବହୁ ଲୋକ ରୁଣ୍ଡ ହୋଇଯାଇଥିଲେ। ପରେ ଉକ୍ତ ଗାଡ଼ି ଭିତରୁ ୭ଟି ଛେଳି ଉଦ୍ଧାର କରାଯାଇଥିଲା। ଏନେଇ ବାମେବାରୀ ପୁଲିସ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଛେଳି ସହ ବୋଲେରୋ ଗାଡ଼ି ଜବତ ହୋଇଥିବାବେଳେ ଉକ୍ତ ଗାଡ଼ିର ନମ୍ବର ମଧ୍ୟ ଜାଲ୍ ବୋଲି ଜଣାପଡିଛି। ଚୋରମାନେ ଏକାଧିକ ଅଞ୍ଚଳରୁ ଛେଳି ଚୋରି କରି ଆଣୁଥିବା ପୁଲିସ୍ ସନ୍ଦେହ କରୁଥିବାବେଳେ ସେମାନଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି କହିଛନ୍ତି ବାମେବାରୀ ଥାନାଧିକାରୀ ଝସକେତନ ଭୋଇ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଶିବିର



**କେନ୍ଦୁଝର, ୨୬।୧୦(ସମିସ):** ଏନ୍‌ଏସ୍ ପୁଲିସ ହାଇସ୍କୁଲରେ ଦୁଇଦିନିଆ ମୌଳିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଶିବିର ଓଡ଼ିଶା ପୁଲିସ ଓଡ୍ରାଫ ୟୁନିଟ ୩ୟ ଆଇଆରବିଏନ୍, କଳିଙ୍ଗ ନଗର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଳା ରାଉତ ଏହି ଶିବିରକୁ ଉଦଘାଟନ କରିଥିଲେ। ଏନ୍‌ସିସି ଅଫିସର୍ ବିଜୟ ବେହେରା, ସ୍କାଉଟ୍ ମାଷ୍ଟର ଗୁରୁଦେବ ମହାନ୍ତଙ୍କ ତତ୍ତ୍ୱାବଧାନରେ ୧୫୦ରୁ ଊର୍ଦ୍ଧ୍ୱ କ୍ୟାଡେଟ, ସ୍କାଉଟ୍ ଗାଇଡ୍ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଏହାସହ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତି, ସାପ କାମୁଡ଼ିଲେ, ଖାଦ୍ୟ ନଳୀରେ କିଛି ଅଟକିଗଲେ କିପରି ପ୍ରାଥମିକ ଉପଚାର କରିହେବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ଓଡ୍ରାଫ ୟୁନିଟ୍ ୩ୟ ଆଇଆର ବିଏନ୍ କଳିଙ୍ଗ ନଗରର ପ୍ରଶିକ୍ଷକ ପ୍ରଶାନ୍ତ ସାମଲ, ସନ୍ତୋଷ ଖୁଣ୍ଟିଆ,ଭଗବାନ ଜେନା, ଭୀମସେନ ପୂର୍ତ୍ତି, ସୁଶାନ୍ତ ବେହେରା, ସମୀର ବେହେରା, ଫୁରମାଲ୍ ସୋରେନ, ନରେନ୍ଦ୍ର ତିରିଆ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

**ବେଲବାହାଳି:** ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ଓ ହରିଡାପାଳ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ପଞ୍ଚାୟତବାସୀଙ୍କ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତିଭିତ୍ତିକ ଓ ଲିଙ୍ଗଭିତ୍ତିକ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟସ୍ରୋତରେ କିପରି ସାମିଲ କରାଯିବା ସହ ପ୍ରାକୃତିକ ବିପର୍ଯ୍ୟୟ କିପରି ସଠିକ ପରିଚାଳନା କରାଯାଇପାରିବ ଏନେଇ ଏନେଇ ସଚେତନ କରାଯାଇଛି। ପଞ୍ଚୁପଲ୍ଲୀ ପଞ୍ଚାୟତର ଜ୍ୟୋତ୍ସ୍ନାମୟୀ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ୩ ନଂ ଜୋନର ଜିଲ୍ଲାପରିଷଦ ସଭ୍ୟା ଅସାମା ମିଶ୍ର ଏବଂ ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜମେଟ ଅଫିସର ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଆନନ୍ଦପୁର ଜିପିଡିଓ ଦେବପ୍ରକାଶ ଜେନା, ଏଡିଇଓ ଗୋଲଖ ବିହାରୀ ନାୟକ, ପିଇଓ କଳ୍ପନା ମୁଦୁଲି ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ଭାବରେ ହରିଡାପାଳ ପଞ୍ଚାୟତର ସରପଞ୍ଚ ମିନତୀ ମହାରାଣା, ପିଇଓ କୁମୁଦୁନୀ ଜେନା, ଏଡିଓ ପଙ୍କଜ କୁମାର ତ୍ରିପାଠୀ ସମେତ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏମ୍ବିକେ, ସିଆରପି ସମେତ ସମସ୍ତ ୱାର୍ଡମେମ୍ବର ଯୋଗ ଦେଇଥିଲେ।



# କୁଣ୍ଡଳାରେ ୮ମ ବାର୍ଷିକ ଧୁଙ୍ଗିଆନ ମହୋତ୍ସବ



**ତୁରୁମୁଙ୍ଗା, ୨୬।୧୦(ସମିସ)**

ସାହାରପଡା ବ୍ଲକ କୁଣ୍ଡଳା ଗ୍ରାମରେ ୮ମ ବାର୍ଷିକ ଧୁଙ୍ଗିଆନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଡୁମି ସମ୍ପ୍ରଦାୟର ପାରମ୍ପରିକ ବାନ୍ଦନା ପୂଜାର ଧୁଙ୍ଗିଆନ ନୃତ୍ୟ ସଂଗୀତ ପ୍ରତିଯୋଗିତାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୧୩ଟି ଧୁଙ୍ଗିଆନ ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ସାହାରପଡା ବିଡିଓ ରଣଜିତ ମହାନ୍ତ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସବୁଜ ମହାନ୍ତ ବର୍ମା, ସାମାଜିକ କର୍ମୀ ଭରତ ବେହେରା, କୁଣ୍ଡଳା ସରପଞ୍ଚ ଶତ୍ରୁଘ୍ନ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ମହାନ୍ତ, ଗୌରାଙ୍ଗ ଚରଣ ମହାନ୍ତ, ମଧୁସୂଦନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବିନୋଦ ବିହାରି ମହାନ୍ତ, କୁଣ୍ଡଳା ସମିତି ସଭ୍ୟା ଅହଲ୍ୟା ମହାନ୍ତ, ରମାକାନ୍ତ ମହାନ୍ତ, ସାଧୁଚରଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ରଜକୁଇନ-୨୦୨୫ର ବିଜେତା ସୂର୍ଣ୍ଣପ୍ରଭା ମହାନ୍ତଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଧୁଙ୍ଗିଆନ ପ୍ରତିଯୋଗିତାରେ ବିଚାରକ ଭାବେ ସଂସ୍କୃତି ବିଶାରଦ ମିଲନ କୁମାର ମହାନ୍ତ, ସନ୍ତୋଷ କୁମାର ମହାନ୍ତ ଓ ଜଗନ୍ନାଥ ମହାନ୍ତ ଯୋଗ ଦେଇଥିଲେ। ପାଟଣା ବ୍ଲକ ବାଘମରା (ଭୁଲଦା) ଧୁଙ୍ଗିଆନ ଦଳ ପ୍ରଥମ ସ୍ଥାନ ଦଳକୁ ୧୨,୧୦୦ ଟଙ୍କା, ଦ୍ୱିତୀୟ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ନିଆଣଗୁଣ୍ଡିକୁ ୮,୧୦୦ ଟଙ୍କା, ତୃତୀୟ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ଦିରବ ଦଳକୁ ୫,୧୦୦ ଟଙ୍କା, ଚତୁର୍ଥ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରକୁ ୩,୫୫୧ ଟଙ୍କା ପୁରସ୍କୃତ କରାଯାଇଥିଲା। ହଜାର ହଜାର ଦର୍ଶକଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ କୁଣ୍ଡଳା ଧୁଙ୍ଗିଆନ କମିଟି ସଦସ୍ୟମାନେ ପରିଚାଳନା କରିଥଲେ।

## ନିଲମ୍ବନ ଆଦେଶ ପ୍ରତ୍ୟାହାର ସତ୍ତ୍ୱେ ଆତ୍ମାହୁତି ନିଷ୍ପତ୍ତିରେ ଅଟଳ

● ଶିକ୍ଷୟିତ୍ରୀଙ୍କ ପୁନର୍ବାର ସାମ୍ବାଦିକ ସମ୍ମିଳନୀ



ମହୁଲଡିହା,୨୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ନିଲମ୍ବନ ଆଦେଶ ଡିଇଓ ପ୍ରତ୍ୟାହାର କରିଛନ୍ତି। ତେବେ ଆଉ କେତେକ ଦାବି ସମାଧାନ ହୋଇ ନଥିବାରୁ ଅକ୍ଟୋବର ୨୭ ତାରିଖ ଦିନ ଡିଇଓଙ୍କ କାର୍ଯ୍ୟାଳୟରେ ଆତ୍ମାହୁତି ଦେବା ନିଷ୍ପତ୍ତି ଅପରିବର୍ତ୍ତିତ ବୋଲି ଶିକ୍ଷୟିତ୍ରୀ ଘୋଷଣା କରିଛନ୍ତି। ୨୬ ତାରିଖ ଅପରାହ୍ଣରେ ଠାକୁରମୁଣ୍ଡା ଡାକ ବଙ୍ଗଳାରେ ସାମ୍ବାଦିକ ସମ୍ମିଳନୀରେ ପୁଣିଥରେ ନିଜର ଦାବି ଦୋହରାଇଛନ୍ତି ଶ୍ରୀମତୀ ସାହୁ। ତାଙ୍କ ନିଲମ୍ବନ ବେଆଇନ ଏବଂ ପୂର୍ବପରି ସ୍କୁଲ ଡ୍ୟୁଟି କରିବାକୁ ୨୪ ତାରିଖରେ ଡିଇଓ ଚିଠି କରିବା ବ୍ୟତୀତ ଅନ୍ୟ କୌଣସି ଦାବି ପୂରଣ ହୋଇନି। ଗତ ୨୫ ତାରିଖରେ ଡିଇଓ ଆର୍‌ଏନ୍ ଗାର୍ଲସ ହାଇସ୍କୁଲର ସମସ୍ତ କର୍ମଚାରୀଙ୍କୁ ବାରିପଦା ଡକାଇ ଆଲୋଚନା କରିଥିଲେ ମଧ୍ୟ ଦାବି ସମାଧାନ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ତାଙ୍କ ଦାବି ହେଲା ତାଙ୍କୁ ପୁଣି ଥରେ ପ୍ରଧାନଶିକ୍ଷୟିତ୍ରୀ ପଦବୀକୁ ଫେରେଇବା, ନିଲମ୍ବନ ସମୟ ମଧ୍ୟରେ ଚାକିରି ନିୟମିତ କରିବା ଓ ଦରମା ପ୍ରଦାନ, ୭୫ ଭାଗ ବଦଳରେ ୧୦୦ ପ୍ରତିଶତ ଦରମା ପ୍ରଦାନ ଏବଂ ସପ୍ତମ ବେତନ କମିଶନ ଲାଗୁ ସହିତ ଅନ୍ୟାନ୍ୟ ଚାକିରୀ ସର୍ତ୍ତାବଳୀ ଲାଗୁ ଆଦି ଅନ୍ତର୍ଭୁକ୍ତ ରହିଛି।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା,୨୬।୧୦(ସମିସ): ଠାକୁରମୁଣ୍ଡା ଥାନା ଅଧୀନ କେନ୍ଦୁଜିଆଣି ପଞ୍ଚାୟତର ତଳସାହି ପଡ଼ିଆରେ ରବିବାର ସନ୍ଧ୍ୟାରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାରକରିଛିପୁଲିସ।ଠାକୁରମୁଣ୍ଡାଥାନାସବ୍‌ଇନ୍ସପେକ୍ଟରଅନିତାସ୍ୱାଇଁଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ ଭାବରେ ଥିବା ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା ଓ ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ମୁର୍ମୁଙ୍କ ଉପସ୍ଥିତରେ ମୃତଦେହକୁ ଜବତ କରିଥିଲେ। ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପଠାଇଛନ୍ତି। ମୃତକଙ୍କ ପରିଚୟମିଳିପାରିନାହିଁ। କିଛିଦିନ ହେବ ସେ କେନ୍ଦୁଜିଆଣି ଅଞ୍ଚଳରେ ଘୁରି ବୁଲୁଥିଲେ।

## ମହୁଲି ମଦ ଜବତ; ୫ କୋର୍ଟ ଚାଲାଣ


ଠାକୁରମୁଣ୍ଡା,୨୬।୧୦(ସମିସ): ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ ଦୁଇଦିନ ଧରି ବିଭିନ୍ନ ଗ୍ରାମରେ ଚଢଉ କରି ୭୧ ଲିଟର ମହୁଲି ମଦ ଜବତ କରିବା ସହ ୫ ଜଣକୁ ଗିରଫ କରାଯାଇଛି। ଶନିବାର ହାତିଗୋଡା ପଞ୍ଚାୟତର ଅଖାପଲାଣ ଗ୍ରାମରୁ ସିଦମ ବାନ୍ଦିଆ (୨୨)ଙ୍କ ଠାରୁ ୧୫ ଲିଟର, ହାତୀଗୋଡା ଗ୍ରାମରୁ ମାଧୁରୀ ବେହେରା (୪୫)ଙ୍କ ଠାରୁ ୧୩ ଲିଟର ଓ କେଲପୋଷି ଗ୍ରାମର ପୂରେନ୍ଦ୍ର ମହାନ୍ତଙ୍କ ପାଖରୁ ୧୩ ଲିଟର ମହୁଲି ମଦ ଜବତ କରିବାସହ ମାମଲା କରି କୋର୍ଟ ଚାଲାଣ କରିଥିଲେ। ସେହିପରି ରବିବାର ସକାଳୁ ତରାମରା ଗ୍ରାମ ପତରତୋଳା ଗ୍ରାମର ଦୂଲି ହେମ୍ବ୍ରମ (୬୨)ଙ୍କ ନିକଟରୁ ୧୫ ମହୁଲି ମଦ ଜବତ କରିବା ସହ କେଶଡିହା ଗ୍ରାମରୁ ବୁଢ଼ାନ ଟୁଡୁ (୨୮)ଙ୍କ ନିକଟରୁ ୧୫ ଲିଟର ମହୁଲି ମଦ ଜବତ କରି କୋର୍ଟ ଚାଲାଣ କରିଥିଲେ। ଚଢ଼ଉରେ ଅବକାରୀ ଥାନା ଅଧିକାରୀଣୀ ଭାରତୀ ନାଏକ, ଚନ୍ଦ୍ରକାନ୍ତ ମୁଦୁଲି ସାମିଲ ଥିଲେ।

## ମାତୃଶକ୍ତି ପକ୍ଷରୁ ଶ୍ରୀଦଧିବାମନଜୀଉ ମନ୍ଦିର ସଫେଇ



ଆନନ୍ଦପୁର, ୨୬।୧୦ (ସମିସ): ଆନନ୍ଦପୁର ଶ୍ରୀଗୁଣ୍ଡିଚା ମନ୍ଦିର ମାତୃଶକ୍ତି ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଦଧିବାମନ ମନ୍ଦିର ପରିବେଶ ସଫାସୁତୁରା କରାଯାଇଛି। ଆନନ୍ଦପୁର ପୌର ପରିଷଦ ୭ ନମ୍ବର ୱାର୍ଡର ବାପୁ ନାନା ଓ ଗୌରପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସକାଳ ୯ରୁ ୧୧ଟା ଯାଏ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ମନ୍ଦିର, ଶିବ ମନ୍ଦିର ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର ଆଦି ସଫା କରିବା ସହ ରୋଷେଇଘର ମଧ୍ୟ ସଫେଇ କରିଛନ୍ତି। ଆଗମୀ ଦିନରେ ଝଡେଶ୍ୱର ମନ୍ଦିର, ନୂଆପଡ଼ା ମନ୍ଦିର, କୁଶଳେଶ୍ୱର ପୀଠରେ ସ୍ୱଚ୍ଛତା ଅଭିଯାନ କରାଯିବ ବୋଲି ଜଣାପଡିଛି। ପ୍ରିୟଙ୍କା ଭଞ୍ଜ, ଶୁଭଶ୍ରୀ ରଣା, ମିତାଞ୍ଜଳି ରଣା, ମାନସୀ ଦାସ କୁମୁଦିନୀ ରଣା, ଭାନୁମତୀ ରଣା, ରେଣୁବାଳା ଦାସ, ମୀନାକ୍ଷୀ ଦାସ, ତପସ୍ୱିନୀ ରଣା, ପ୍ରମିଳା ବେହେରା, ସୁକାନ୍ତି ରଣା, ଛବି ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଭୂତତ୍ତ୍ୱ ବିଜ୍ଞାନରେ ବିଶ୍ୱବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୨୬।୧୦ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚିଲଦା ଗ୍ରାମର ମେଧାବୀ ଛାତ୍ରୀ ଚନ୍ଦ୍ରିକା ମହାନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଚଳିତ ବର୍ଷ ଭୂତତ୍ତ୍ୱବିଜ୍ଞାନରେ ଟପର ହୋଇଥିବାରୁ ତାଙ୍କୁ ରବିବାର ଚିଲିଦାରେ ସମ୍ବର୍ଦ୍ଧିତ କରାଯାଇଛି। ସେ ଏରେଣ୍ଡେଇ ପଞ୍ଚାୟତ ହାଇସ୍କୁଲ ବେଗୁନା ଖମଣର ସଂସ୍କୃତ ଶିକ୍ଷକ ଲକ୍ଷ୍ମଣ ମହାନ୍ତ ଓ ଲଳିତା ମହାନ୍ତଙ୍କ କନ୍ୟା। ଏହି ସଫଳତା ପାଇଁ ସ୍ଥାନୀୟ ନାଗରିକ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଭାଷ୍ୟକାର ପାର୍ଥସାରଥୀ ବେଜଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ, ସମ୍ମାନିତଅତିଥି ଭାବେ କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ଶିକ୍ଷକ ଜଗନ୍ନାଥ ମହାନ୍ତ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ କୈଳାଶଚନ୍ଦ୍ର ମହାନ୍ତ, ଅବସରପ୍ରାପ୍ତ ସେନା ଅଧିକାରୀ ହେମନ୍ତ ମହାନ୍ତ ପ୍ରମୁଖ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ବାଲି ସତ୍ୟାଗ୍ରହ ଦଶମ ଦିନରେ

# ନଦୀର ସୁରକ୍ଷା ପାଇଁ ବାଲିରେ ବସିଲେ ବିଧାୟକ

ଆନନ୍ଦପୁର, ୨୬।୧୦ (ସମିସ)



ଆନନ୍ଦପୁରରୁ ଆରମ୍ଭ ହୋଇଥିବା ବାଲି ସତ୍ୟାଗ୍ରହ ରବିବାର ଦଶମ ଦିନରେ ପହଞ୍ଚିଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏହି ସତ୍ୟାଗ୍ରହରେ ସାମିଲ ହୋଇଥିବାରୁ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଏଥିରେ ଉତ୍ସାହର ସହ ଯୋଗଦାନ କରିଛନ୍ତି। ହାଟଡିହି ତହସିଲ ଇଲାକାର କରଗୋଳାଠାରେ ମହାନଦୀ ବଞ୍ଚାଓ ଆନ୍ଦୋଳନର ସଂଯୋଜକ ବିଜୟ ପ୍ରଧାନ ଦୟାନଦୀ ବଞ୍ଚାଓ ଆନ୍ଦୋଳନର ସଭାପତି ସଚିକାନ୍ତ ପ୍ରଧାନ ବ୍ରାହ୍ମଣୀ ନଦୀ ବଞ୍ଚାଓ ଆନ୍ଦୋଳନର ଅକ୍ଷୟ ଜେନା ଓ ସୁଦର୍ଶନ ଦାସ ପ୍ରମୁଖ ସତ୍ୟାଗ୍ରହକୁ ସମର୍ଥନ ଜଣାଇଥିଲେ। ଘଷିପୁରା ତହସିଲ ଅଧୀନ କାଠପାଳ ଘାଟଠାରେ ରେମାଳ ନଦୀରେ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଯୁବକମାନେ ନଦୀ ବାଲିରେ ନିଜ ଶରୀରକୁ ଅଧା ପୋତି ବାଲି ଲୁଟ୍ ବିରୋଧରେ ବିକ୍ଷୋଦଗାର୍ କରିଥିଲେ। ଯୁବ ପରିବେଶବିତ୍ ନୀଳାଚଳ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସତ୍ୟାଗ୍ରହରେ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ସାମିଲ ହୋଇ ନଦୀର ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଦରଡିପାଳ, କାଠପାଳ, କଂସ, କେନ୍ଦୁଆ ଓ କେଶଦୁରାପାଳ ଆଦି ସ୍ଥାନରୁ ବେଆଇନ ଭାବେ ବାଲି ଲୁଟ୍ ହେଉଛି। ତେବେ ପ୍ରଶାସନ କୌଣସି ପଦକ୍ଷେପ ନନେବା ପରିବେଶବିତଙ୍କୁ ବିସ୍ମିତ କରିଛି। ସତ୍ୟାଗ୍ରହରେ ସତ୍ୟବ୍ରତ ଜେନା ବକ୍ତବ୍ୟ ରଖିଥିଲେ। ବାବନ ଜେନା, ବେଣୁଧର ଜେନା, ଲୋଚନ ନାହାକ, ସାଧୁ ଜେନା, ପାଣ୍ଡବ ଜେନା, ରାଜେନ୍ଦ୍ର ରାଉତ, ନିତ୍ୟାନନ୍ଦ ଜେନା, ଶଙ୍କର୍ଷଣ ଜେନା, ଭଗବାନ ଜେନା, ମାଧବାନନ୍ଦ ଜେନା, ନିଶିକାନ୍ତ ଜେନା, ହଟକେଶ୍ୱର୍ ଜେନା, ଚିନ୍ତାମଣି ଜେନା, ସୁରେନ୍ଦ୍ର ଜେନା, ଟୁଙ୍ଗରି ଜେନା, ରଘୁନାଥ ଜେନା, କାର୍ତ୍ତିକ ଜେନା, ହାଡିବନ୍ଧୁ ଜେନା, ମଧୁ ଜେନା, ଅଭିମନ୍ୟୁ ଜେନା ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇଥିଲେ।

## ବାଂଶପାଳ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ

ବାଂଶପାଳ, ୨୬।୧୦(ସମିସ): ବାଂଶପାଳ ବ୍ଲକ ବିଜେଡି ପକ୍ଷରୁ ବିଜାଗୋଠରେ ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଯଦୁମଣି ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୨୧ଟି ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ମହିଳା, ବରିଷ୍ଠ, ଯୁବ ଓ ଛାତ୍ର କର୍ମୀ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବ୍ଲକ ବିଜେଡି ମହିଳା ସଭାପତି ଲକ୍ଷ୍ମୀ ପ୍ରିୟା ସଏ, ବ୍ଲକ ଉପାଧ୍ୟକ୍ଷା ଟୁନି ଖମଣିଆ, ସରପଞ୍ଚ ଅଦିତ ଦେହୁରୀ, ଗୋବିନ୍ଦ ଦେହୁରୀ, ମାଘୁ ନାଏକ, ରଞ୍ଜିତ ଦେହୁରୀ, ବୈକୁଣ୍ଠ ବେହେରା, ବରୁଣ ଦେହୁରୀ, ଲିଲି ରାଣୀ ମାଝୀ, ଶକୁନ୍ତଳା ଦେହୁରୀ, ବିନତି ପ୍ରଧାନ, ବୈଦେହୀ ନାଏକ, ପ୍ରାକ୍ତନ ସରପଞ୍ଚ ଚମ୍ପାବତି ରଣା, ସମିତି ସଭ୍ୟ ସୁକାନ୍ତି ଖମାରୀ,ସୁଷମା ଦେହୁରୀ, ମଧୁସୂଦନ ପରିହାଲ, ପ୍ରତାପ ଦେହୁରୀ, ସରୋଜିନୀ ଦେହୁରୀ, ଶୈଳବାଳା ନାଏକ, ପାର୍ବତୀ ଜୁଆଙ୍ଗ, ମାନି ମୁଣ୍ଡା, ସାବିତ୍ରୀ ଦେହୁରୀ, ଅଜିତ ନାଏକ, ଯୁବ ସଭାପତି ପଦ୍ମଲୋଚନ ଆରୁକ, ଛାତ୍ର ସଭାପତି ଦେବ ପ୍ରସାଦ ବାରିକ, ଯୁବ ଉପସଭାପତି ମନ୍ମଥ ଘଣା, ନିଗମ ଠାକୁର, ପ୍ରାକ୍ତନ ଯୁବ ସଭାପତି ସଂଗ୍ରାମ କେଶରୀ ନାୟକ, ବରିଷ୍ଠ ବିଜେଡି ନେତା ଉଗ୍ରସେନ ପଲେଇ, ପୁରେନ୍ଦ୍ର ସେନାପତି, ବେଣୁଧର ପଲେଇ, ମହେନ୍ଦ୍ର ଦେହୁରୀ, ଭୀମସେନ ପୁହାଣ, ସୁରେଶ ପାତ୍ର, ଚିନ୍ତାମଣି ବେହେରା, ସିରପାଣି ଦେହୁରୀ, ରମାକାନ୍ତ ଡାଙ୍ଗୁଆ, ଅଶୋକ ପଲେଇଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।



ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରା ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ ଦଳକୁ ସାଂଗଠନିକ ଭାବେ ସୁଦୃଢ଼ କରିବା ନେଇ କର୍ମୀଙ୍କ ମଧ୍ୟରେ ମତ ପୋଷଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ, ଶାନ୍ତିଲତା ରଣା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦେହୁରୀ, ଦଶରୀ ମନ୍ତ୍ରୀ,

## ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ

ରାସଗୋବିନ୍ଦପୁର,୨୬।୧୦(ସମିସ): ରାସଗୋବିନ୍ଦପୁର ବ୍ଲକ୍ ବିଜୁ ଜନତା ଦଳର ନବନିର୍ବାଚିତ ସଭାପତି ଜଗନ୍ନାଥ ଦାଶଙ୍କ ଆବାହକତ୍ୱରେ ଏବଂ ମୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ତତ୍ତ୍ୱାବଧାନରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ସଭ୍ୟା ତଥା ଦଳ ପ୍ରେମୀ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ କର୍ମୀ ସମ୍ମିଳନୀର ସଭାପତି ରାସଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ସୁଧାଂଶୁ ନାୟକ ଡବଲ ଇଞ୍ଜିନ୍‌ରୁ ନିର୍ଗତ ଧୂଆଁରେ ବର୍ତ୍ତମାନ ପରିବେଶ ସମ୍ପୂର୍ଣ୍ଣ ଦୂଷିତ। ଦୂଷିତ ପରିବେଶରୁ ନିରୀହ ଜନସାଧାରଣଙ୍କୁ ସୁସ୍ଥ ଓ ସୁରକ୍ଷିତ ରଖିବାକୁ ପଡ଼ିବ। ସେଥିପାଇଁ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ଜନସାଧାରଣ ଏକ୍‌ହୋଇ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ମିଳିତ ପଦକ୍ଷେପ ନେବା ଜରୁରୀ। ଏହିମର୍ମରେ ମୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାଜକିଶୋର ଦାସ, ଭୋକର ଭୂଗୋଳରୁ ଓଡ଼ିଶାକୁ ସୁଖର ଭୂଗୋଳ ତିଆରି କରି ସୁଶାସନ ପ୍ରଦାନ କରିଥିବା ନେତା ତଥା ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ ଜନନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ଜନସାଧାରଣଙ୍କ ହିତ ପାଇଁ ଅକ୍ଟୋବର ଦୁଇ ତାରିଖରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରାରେ ବାହାରି ଥିଲେ। ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ଅସଲ ଉଦ୍ଦେଶ୍ୟ ଏହି ପଦଯାତ୍ରା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଦୃଢ ସଂକଳ୍ପ ନେବାକୁ ହେବ ବୋଲି ମଧ୍ୟ ସୂଚନା ଦେଇଥିଲେ।



## ଛଟ୍ ପରବ ପାଇଁ ରାଇରଙ୍ଗପୁର ଉତ୍ସବ ମୁଖର



ରାଇରଙ୍ଗପୁର,୨୬।୧୦(ସମିସ): ରାଇରଙ୍ଗପୁର ଖଡ଼ଖାଇ ନଦୀକୂଳରେ ବିହାରୀ ସମ୍ପ୍ରଦାୟର ଲୋକେ ଛଟ୍ ପରବକୁ ମହାଆଡ଼ମ୍ବର ସହକାରେ ପାଳନ କରୁଛନ୍ତି। ଚଳିତବର୍ଷ ସାମାଜିକ ସାଂସ୍କୃତିକ ଟ୍ରଷ୍ଟ ଛଟ୍ ପରବ କମିଟି ତରଫରୁ ଛଟ୍ ପରବ ବ୍ରତୀ ଓ ଶ୍ରଦ୍ଧାଳୁଙ୍କ ନିମନ୍ତୁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ୨୫ତାରିଖରୁ ୪ଦିନ ଏହା ପାଳନ ହେଉଥିବା ବେଳେ ଶ୍ରଦ୍ଧାଳୁମାନେ ଖଡଖାଇ ନଦୀକୂଳକୁ ଆସିବା ସମୟରେ ତାଙ୍କ ଆବଶ୍ୟକତା ଅନୁଯାୟୀ ରାସ୍ତା ଘାଟ, ସୁରକ୍ଷା ଓ ଆଲୋକର ସୁବ୍ୟବସ୍ଥା କରାଯାଇଛି। ନଦୀକୂଳରେ ବ୍ରତୀମାନେ ସୂର୍ଯ୍ୟାସ୍ତ ଦେବତାଙ୍କୁ ଅର୍ଘ୍ୟଦାନ ଶୃଙ୍ଖଳିତ ଭାବେ ସମାପନ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ସୂର୍ଯ୍ୟୋଦୟ ଦେବତାଙ୍କୁ ଅର୍ଘ୍ୟଦାନ କରି ୪ ଦିନର ଛଟ୍ ପରବ ସମାପନ ଘଟିଥାଏ। ଚଳିତ ବର୍ଷ ମହାଆଡ଼ମ୍ବରରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଖଡ଼ଖାଇ ନଦୀକୂଳରେ ଛଟ୍ ପରବ ସାମାଜିକ ସାଂସ୍କୃତିକ ଟ୍ରଷ୍ଟ ତରଫରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ପରବ କମିଟିର ଅଧ୍ୟକ୍ଷ ବିଜୟ କୁମାର ରାମ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଛଟ୍ ପର୍ବ ସାମାଜିକ ଓ ସାଂସ୍କୃତିକ ଟ୍ରଷ୍ଟର ସଭାପତି ବିଜୟ କୁମାର ରାମ, ଚେୟାରମ୍ୟାନ ଅବଧେଶ ମିଶ୍ର, ସମ୍ପାଦକ ରାଜେଶ କୁମାର ପ୍ରଜାପତି, ଉପସଭାପତି ଲାଲବାବୁ ସାଓ, କେସିୟର ବିନୋଦ ଦାସ, ସହ ସମ୍ପାଦକ ମଦନ ରଜକ, ଛୋଟୁ ଯାଦବ, କିଶୋର ରଜକ, ରଞ୍ଜନ ରାମ, ମୟୂର ଗୁପ୍ତା, ବୈଦ୍ୟନାଥ ସାଓ ପ୍ରମୁଖ ଉପସ୍ଥିତ ରହି କିପରି ଶାନ୍ତିପୂର୍ଣ୍ଣ ଭାବେ ଛଟ୍ ପରବ ସମାପନ କରାଯିବ ସେନେଇ ବୈଠକର ମତବ୍ୟକ୍ତ କରିଥିଲେ।

## ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ବସ୍ କଣ୍ଡକ୍ଟରଙ୍କ ଗୁହାରି

ବେତନଟୀ,୨୬।୧୦(ସମିସ): ଓଡ଼ିଶା ରାଜ୍ୟ ସଡ଼କ ପରିବହନ ବିଭାଗର ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍‌ରେ ଗତ ସେପ୍ଟେମ୍ବର ୭ ତାରିଖ ଦିନ ଦୁଇ ନାବାଳକଙ୍କୁ ବୈଶିଙ୍ଗା ବସ୍‌ଷ୍ଟାଣ୍ଡରେ ନ ଓହ୍ଲାଇ କଳମା-କାନ୍‌ଠ ଥ ପର୍ଯ୍ୟନ୍ତ ୧୨କିମି ଦୂରତାକୁ ଯାଇ ପୁନର୍ବାର ଆସି ବୈଶିଙ୍ଗାରେ ଉଭୟଙ୍କୁ ଓହ୍ଲାଇଥିଲେ। ବସ୍ କଣ୍ଡକ୍ଟର ନାବାଳକଙ୍କ ଠାରୁ ୧୦ଟଙ୍କା ପାଇ ପାରିଲେନି ବୋଲି ଦୀର୍ଘ ୨୫ କିମି ବୁଲେଇବା ନେଇ ଅଭିଯୋଗ ଉଠିଥିଲା। ଘଟଣାକୁ ନେଇ ବସ୍‌ର କଣ୍ଡକ୍ଟର ପ୍ରତାପ ଚନ୍ଦ୍ର ବୈଠାଙ୍କୁ ପରଦିନ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେହିସ୍ଥାନରେ ଅନ୍ୟଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଘଟଣାର ଅଭିଯୋଗ ଭିତ୍ତିହୀନ ଓ ସତ୍ୟତା ନାହିଁ। ଏନେଇ ନାବାଳକ ଓ ତାଙ୍କ ବାପା କିମ୍ବା ତାଙ୍କର କୌଣସି ଅଭିଭାବକ ଅଭିଯୋଗ କରିନାହାନ୍ତି। ଏହା ଭୁଲ ବୁଝାମଣା ହୋଇଛି ଏବଂ ଘଟଣାକୁ ଭିନ୍ନ ରୂପ ଦିଆଯାଇଛି। ସଠିକ ତଦନ୍ତ ହେବା ଦରକାର ବୋଲି କଣ୍ଡକ୍ଟର ବୈଠା ପ୍ରକାଶ କରିଛନ୍ତି। ସେ ବାରିପଦା ପରିବହନ କାର୍ଯ୍ୟାଳୟର ବିଭାଗୀୟ ଜିଲ୍ଲା ମ୍ୟାନେଜର ସତ୍ୟଜିତ ବିଶୋଇ ଓ ଭୁବନେଶ୍ୱର ରାଜ୍ୟ ପରିବହନ ନିଗମର ଜେନେରାଲ ମ୍ୟାନେଜରଙ୍କୁ ସାକ୍ଷାତ କରି ସଠିକ ତଦନ୍ତ କରିବାସହ ନିଲମ୍ବନ ପ୍ରତ୍ୟାହାର କରିବା ପାଇଁ ଅଧିକାରୀମାନଙ୍କୁ ସାକ୍ଷାତ କରିଛନ୍ତି। ବିଭାଗୀୟ ଅଧିକାରୀ ମଧ୍ୟ ଏହା ପୁନଃବିଚାର କରାଯାଉଛି ବୋଲି ଶ୍ରୀ ବୈଠାଙ୍କୁ ଜଣାଇଛନ୍ତି ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ତାଙ୍କ କହିବାନୁଯାୟୀ, ନାବାଳକର ବାପା ପରିଚିତ ଥିବା ବେଳେ ଅଧିକାଂଶ ସମୟରେ ନଡ଼ପୁରଠାରୁ ଏହି ଦୁଇ ନାବାଳକ ବସରେ ଚଢି ବୈଶିଙ୍ଗାରେ ଓହ୍ଲାଇ ଥାନ୍ତି। ଘଟଣା ଦିନ ଦୁଇ ନାବାଳକ ନଡ଼ପୁରରୁ ଚଢ଼ିଥିବା ବେଳେ ବୈଶିଙ୍ଗା ଥାନା ସାମ୍ନାରେ ମୁଖ୍ୟମନ୍ତ୍ରୀ ବସ୍ ପହଞ୍ଚିବାରୁ ସେଠାରେ ୭ରୁ ୮ଜଣ ଯାତ୍ରୀ ଓହ୍ଲାଇ ଥିଲେ। ନାବାଳକମାନଙ୍କୁ ନେବା ପାଇଁ ସେଠାରେ ତାଙ୍କ ବାପା ପହଞ୍ଚି ନଥିବାରୁ ସେମାନେ ଗାଡ଼ିରୁ ଓହ୍ଲାଇ ନଥିଲେ। ବସ୍ କଳମା ଓ କାନ୍‌ଠ ଥ ଅଭିମୁଖେ ବାହାରି ଆସିବା ପରେ ନାବାଳକର ବାପା କଣ୍ଡକ୍ଟର ବୈଠାଙ୍କୁ ଫୋନରେ କଥା ହୋଇଥିଲେ। କଳମା-କାନ୍‌ଠ ଥରୁ ୧୨ କିମି ରାସ୍ତା ଆସି ପୁଣି ବୈଶିଙ୍ଗାରେ ବସ୍ ପହଞ୍ଚିବା ପରେ ନାବାଳକ ଦ୍ୱୟ ଓହ୍ଲାଇଥିଲେ। ପରଦିନ ବୈଶିଙ୍ଗା ଥାନାକୁ ତାଙ୍କୁ ଡକାଯାଇଥିବା ବେଳେ ସେ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ଥାନାରେ ମଧ୍ୟ ନାବାଳକଙ୍କ ବାପା ସରୋଜ କୁମାର ପୋଥାଳ ଉପସ୍ଥିତ ହୋଇ କଣ୍ଡକ୍ଟର ପ୍ରତାପ ଚନ୍ଦ୍ର ବୈଠାଙ୍କ କୌଣସି ଭୁଲ ନାହିଁ, ସେ ପିଲା ଦୁଇଙ୍କୁ ଆମ ନିକଟରେ ପହଞ୍ଚାଇବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି ବୋଲି ଲିଖିତ ଭାବେ ଜଣାଇଥିଲେ ବୋଲି କହିଛନ୍ତି। ଏସମ୍ପର୍କରେ ବାରିପଦା ପରିବହନ ବିଭାଗ ଜିଲ୍ଲା ମ୍ୟାନେଜର ସତ୍ୟଜିତ ବିଶୋଇଙ୍କୁ ପଚାରିବାରୁ କୁହନ୍ତି ଶ୍ରୀ ବୈଠାଙ୍କ କଥାର ସତ୍ୟତା ରହିଛି। ସେ ମଧ୍ୟ ଭୁବନେଶ୍ୱର କାର୍ଯ୍ୟାଳୟକୁ ଯାଇ ଉପରିସ୍ଥ ଅଧିକାରୀଙ୍କୁ ଘଟଣା ସମ୍ପର୍କିତ ତଥ୍ୟ ଅବଗତ କରାଇଛନ୍ତି ବୋଲି କହିଛନ୍ତି। ଏନେଇ ନାବାଳକର ବାପା ଶରତ କୁମାର ପୋଥାଳଙ୍କୁ ପଚାରିବାରୁ କୁହନ୍ତି, ସେଭଳି ଘଟଣା କିଛି ଘଟିନଥିଲା ଏବଂ ଭୁଲ ବୁଝାମଣାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି।

### ଚନ୍ଦ୍ରଶେଖର କପ୍ ଫୁଟବଲ ପ୍ରତିଯୋଗିତା

# ତେଜସ୍ ଏକାଦଶକୁ ହରାଇ ବୈତରଣୀ ଚାର୍ଜର୍ସ ଚାମ୍ପିଅନ

ଚମ୍ପୁଆ,୨୬।୧୦(ସମିସ)



ଚମ୍ପୁଆ ନେହରୁ ଷ୍ଟାଡିୟମଠାରେ ୩ ଦିନ ଧରି ଅନୁଷ୍ଠିତ ୫ମ ଚନ୍ଦ୍ରଶେଖର କପ୍ ଫୁଟବଲ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଏସଡିପିଓ ରଶ୍ମିରଂଜନ ସାହୁ, ଆଇଟିଡିଏ ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡ, ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲି, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଅନିନ୍ଧ ବେହେରା, ଚମ୍ପୁଆ ଆଥଲେଟିକ ଆସୋସିଏସନ ସଭାପତି ରମେଶଚନ୍ଦ୍ର ପ୍ରଧାନ, ସମ୍ପାଦକ ଅଭୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ୩୨ଟି ଦଳକୁ ନେଇ ୩ ଦିନ ଧରି ଅନୁଷ୍ଠିତ ଏହି ଆନ୍ତରାଜ୍ୟ ଫୁଟବଲ ପ୍ରତିଯୋଗିତାରେ ପ୍ରଥମ ସେମିଫାଇନାଲ ମ୍ୟାଚରେ ବୈତରଣୀ ଚାର୍ଜସ ଏ.ଏସ ନାଇନ ଷ୍ଟାରକୁ ହରାଇ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାରେ ତେଜସ ଏକାଦଶ ଅଲିବାବା ଏକାଦଶକୁ ହରାଇ ଫାଇନାରେ ପ୍ରବେଶ କରିଥିଲା। ଅନ୍ତିମ ତଥା ଫାଇନାଲ ପ୍ରତିଯୋଗିତାରେ ବୈତରଣୀ ଏକାଦଶ ତେଜସ ଏକାଦଶକୁ ୧-୦ ଗୋଲ୍‌ରେ ହରାଇ ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ପରିଡା ଚମ୍ପିଆନ ବୈତରଣୀ ଏକାଦଶକୁ ୨ ଲକ୍ଷ ୨୦ ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିବା ବେଳେ ଅନ୍ୟ ଅତିଥି ମାନେ ରନସ୍‌ଅପ ଦଳକୁ ୧ ଲକ୍ଷ ୩୦ ହଜାର, ତୃତୀୟ ଦଳ ଭାବେ ଏଏସ ନାଇନ ଷ୍ଟାରକୁ ୭୫ ହଜାର ଓ ଚତୁର୍ଥ ଦଳ ଭାବେ ଅଲିବାବା ଏକାଦଶକୁ ୬୦ ହଜାର ଅର୍ଥ ରାଶି ପ୍ରଦାନ କରିଥିଲେ। ମଣିଙ୍ଗ କ୍ଲବ ସଭାପତି ରଶ୍ମିରଂଜନ ସେଠୀ ଓ ସମ୍ପାଦକ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ହଜାର ହଜାର ଦର୍ଶକ ଖେଳ ଉପଭୋଗ କରୁଥିବା ବେଳେ ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର ଖେଳାଳି ଓ ଦର୍ଶକଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଏବଂ ଚାମ୍ପିଅନ ଦଳର ମ୍ୟାନେଜରଙ୍କୁ ବିଦେଶ ଭ୍ରମଣ ଯାତ୍ରାର ସୁବିଧା ରହିଛି ବୋଲି ସଭାପତି ଶ୍ରୀ ସେଠୀ ସୂଚନା ଦେଇଥିଲେ। ଭାଷ୍ୟକାର ଭାବେ ନରୋତ୍ତମ ତନ୍ତି, ବାବୁଲୁ ଆପଟ ପରିଚାଳନା କରୁଥିଲେ।

## ବାଉଁଶଗଡ଼ ସରପଞ୍ଚଙ୍କ ନାମରେ ଏତଲା

ଆନନ୍ଦପୁର, ୨୬।୧୦ (ସ ମି ସ): ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ସରପଞ୍ଚ ସରସ୍ୱତୀ ସେଠୀଙ୍କୁ ଆକ୍ରମଣ ହୋଇଥିବା ନେଇ ଗତକାଲି ଅଭିଯୋଗ ହୋଇଥିଲା। ପଞ୍ଚାୟତର କିଛି ବିଜେପି ସମର୍ଥକ ବିଡିଓ ଓ ବ୍ଲକ୍‌ର ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଆକ୍ରମଣ କରିଥିବା ନେଇ ସରପଞ୍ଚ ଆନନ୍ଦପୁର ଥାନାରେ ଏତଲା ଦେଇଥିଲେ। ଆଜି ସରପଞ୍ଚଙ୍କ ନାମରେ ଥାନାରେ ଦୁଇଟି ଏତଲା ଦିଆଯାଇଛି। ଗ୍ରାମର ଗୋପୀନାଥ ସେଠୀଙ୍କ ପତ୍ନୀ ସରସ୍ୱତୀ ସେଠୀ ଓ କମଳାକାନ୍ତ ସୁରଙ୍କ ପତ୍ନୀ ପ୍ରଦୀପ୍ତା ସୁର ସରପଞ୍ଚ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର କରିବା ସହିତ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ କରିଛନ୍ତି। ପୂର୍ବରୁ ବୃକ୍ଷରୋପଣ ନିମନ୍ତେ ପଞ୍ଚାୟତକୁ ଆସିଥିବା ଅନୁଦାନରେ ବୃକ୍ଷରୋପଣ କରାନଯାଇ ଏହି ଅନୁଦାନକୁ ହଡ଼ପ କରାଯାଇଥିବା ନେଇ ଗତ ୧୩ତାରିଖରେ ଗ୍ରାମର ଜନସାଧାରଣ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତକାଲି ଏହାର ତଦନ୍ତ ସମୟରେ ବିବାଦର ସୂତ୍ରପାତ ହୋଇଥିଲା।

## ରାଇରଙ୍ଗପୁର ଲାମ୍ପ୍‌ସର ବାର୍ଷିକ ସାଧାରଣ ବୈଠକ



ରାଇରଙ୍ଗପୁର,୨୬।୧୦(ସମିସ): ରାଇରଙ୍ଗପୁର ଲାମ୍ପ୍‌ସର ବାର୍ଷିକ ସାଧାରଣ ବୈଠକ ଲାମ୍ପ୍‌ସ କାର୍ଯ୍ୟାଳୟ ପରିସରରେ ସଭାପତି ସୁଗଦା ମାର୍ଣ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଡି ଲୋପାମୁଦ୍ରା ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା ଓ ଏହାର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଏସଏଆରସିଏସର ମିର୍ଜା ହେମ୍ବ୍ରମ, ବ୍ୟାଙ୍କ ଶାଖା ପରିଚାଳକ ଚନ୍ଦନ ମାଝୀ, ଲାମ୍ପ୍‌ସ ସଭାପତି ସୁଗଦା ମାର୍ଣ୍ଡୀ, ଲାମ୍ପ୍‌ସର ସଦସ୍ୟ ସଦସ୍ୟାଙ୍କ ସମେତ ୫୦୦ରୁ ଅଧିକ ଚାଷୀ ଯୋଗଦେଇଥିଲେ। ସଭାରେ ଲାମ୍ପ୍‌ସର ବାର୍ଷିକ ଅଡିଟ ରିପୋର୍ଟ ଉପସ୍ଥାପନା କରାଯାଇଥିଲା। ବାର୍ଷିକ ଆୟ ବ୍ୟୟ ଅଟକଳ ବିଷୟରେ ଆଲୋଚନା କରାଯାଇଥିଲା। ଲାମ୍ପ୍‌ସ କର୍ମଚାରୀମାନେ ଚାଷୀ ଋଣ, ଆଦାୟ, ବିହନ ବିକ୍ରୟ, ଧାନକ୍ରୟ ପୂର୍ବରୁ ଚାଷୀମାନଙ୍କୁ ଧାନର ମାନ ଉପରେ ସୂଚନା, ଚାଷୀମାନେ କିଭଳି ଅଧିକରୁ ଅଧିକ ଲାମ୍ପ୍‌ସର ସଦସ୍ୟ ହେବେ ଏବଂ ପ୍ରଧାନମନ୍ତ୍ରୀ କିଷାନ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆଶୁତୋଷ ମହାନ୍ତ, ସଞ୍ଜିତ କୁମାର ବାରିକ, କୃଷ୍ଣ ମହାନ୍ତ, ରୁପାଲି ମହାନ୍ତ, ଇନ୍ଦ୍ରଜିତ ବାରିକ, ବିଶ୍ୱ କଳ୍ପିତା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ସୂର ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୬୭୬-ପୋଲାଣ୍ଡ ଓ ତୁର୍କୀ ବାର୍‌ସା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୨୦-ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍ ନାରାୟଣଙ୍କ ଜନ୍ମ।
- ୧୯୬୮ - ମେକ୍ସିକୋ ସିଟିରେ ୧୯ତମ ଅଲିମ୍ପିକ୍ ଖେଳର ସମାପନ ହେଲା।
- ୨୦୦୩-ଚୀନ୍‌ରେ ଭୂମିକମ୍ପ ଯୋଗୁଁ ୫୦,୦୦୦ରୁ ଅଧିକ ଲୋକ ପ୍ରଭାବିତ ହେଲେ।

## ସ୍କୁଲରେ 'ଡେସ୍କ ନାପ୍'

ଚୀନ୍‌ର ଗୋଟିଏ ସ୍କୁଲର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଭିଡିଓରେ ଦେଖିବାକୁ ମିଳିଛି, କିଭଳି ସ୍କୁଲ ଡେସ୍କ କିଛି ସେକେଣ୍ଡରେ ବେଡ୍‌ରେ ରୂପାନ୍ତରିତ ହୋଇଛି। ଏହାକୁ ବ୍ୟବହାର କରି ପିଲାମାନେ କିଛି ସମୟ ପାଇଁ ଆରାମ କରୁଛନ୍ତି, ଯେମିତି ସେମାନେ ନିଜ ଘରେ କରିଥାନ୍ତି। ସାଧାରଣତଃ ପିଲାମାନେ ସ୍କୁଲରେ ୬-୭ ଘଣ୍ଟା ରହିବା ଦ୍ୱାରା ଥକ୍କା ଅନୁଭବ କରନ୍ତି। ଫଳରେ ପଢ଼ିବା ବେଳେ ସେମାନଙ୍କୁ ନିଦ ଲାଗେ। ଏହାକୁ ଦୃଷ୍ଟିରେ ରଖି ସ୍କୁଲରେ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଉଛି। ତେଣୁ ସ୍କୁଲରେ ପିଲାମାନେ ଦ୍ୱିପହରରେ ଅଳ୍ପ ସମୟ ଶୋଇବା ପାଇଁ ଡେସ୍କ ଶଯ୍ୟାରେ ରୂପାନ୍ତରିତ ହେବାର ବ୍ୟବସ୍ଥା କରାଯାଇଛି। ପିଲାଙ୍କର ସ୍କୁଲରେ ଏଭଳି ଡେସ୍କରେ ଶୋଇବାକୁ 'ଡେସ୍କ ନାପ୍' ବୋଲି କୁହାଯାଉଛି। ତେବେ ଭିଡିଓରେ ଦେଖିବାକୁ ମିଳୁଛି, ଶ୍ରେଣୀଗୃହରେ କିଛି ପିଲା ନୀଳ ରଙ୍ଗର ଡେସ୍କରେ ଶୋଇଛନ୍ତି। ଏହାସହ ପିଲାମାନେ ଯେଭଳି ଆରାମରେ ଶୋଇବେ, ଡେସ୍କରେ ଛୋଟ



କୁସନ ବି ଲାଗିଛି। ଅନ୍ୟପଟେ ପିଲାଙ୍କ ପାଇଁ ଏଭଳି ବ୍ୟବସ୍ଥାକୁ ଲୋକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ଏହା ଯୋଗୁଁ ପିଲାଙ୍କୁ ଆଉ ଥକ୍କା ଲାଗିବ ନାହିଁ ବୋଲି ଅନେକେ କହିଛନ୍ତି। ଏହାବାଦ୍ ମସ୍ତିଷ୍କ ବିକାଶ ଲାଗି ଦ୍ୱିପହର ନିଦ୍ରା ଜରୁରି ବୋଲି କେହି କେହି କହିଛନ୍ତି। ତା'ସହ ଚୀନ୍‌ର ଏହି ଟେକ୍ନୋଲୋଜିକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

## 'ଲଭ୍ ଆଣ୍ଡ ୱାର୍' ସୁଟିଂ ସେଟ୍‌ରୁ ଆଲିଆଙ୍କ ଲୁକ୍ ଲିକ୍



ସଞ୍ଜୟ ଲୀଳା ବନ୍‌ସାଲୀ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଭିକି କୌଶଳ ଓ ଆଲିଆ ଭଟ୍ଟ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଆଲିଆଙ୍କର କିଛି ଫଟୋ ଭାଇରାଲ ହୋଇଛି। ଏଥିରେ ସେ ରେଟ୍ରୋ ଲୁକ୍‌ରେ ନଜର ଆସିଛନ୍ତି। ତାଙ୍କର ହେୟାର୍ ଷ୍ଟାଇଲ୍ ଓ ଲୁକ୍ ଷାଠିଏ ଦଶକର ହିରୋଇନ୍‌ମାନଙ୍କ ଭଳି ହୋଇଛି। ତେବେ ଆଲିଆଙ୍କ ଫଟୋ ଲିକ୍ ହେବା ପରେ ରାଜ୍ କପୁରଙ୍କ ଫିଲ୍ମ 'ସଙ୍ଗମ'କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ମଧ୍ୟ ଏହା 'ସଙ୍ଗମ'ର ରିମେକ୍ ବୋଲି କୁହାଯିବାରୁ ସଞ୍ଜୟ ଏହି କଥାକୁ ଖଣ୍ଡନ କରିଥିଲେ। 'ସଙ୍ଗମରେ ରାଜ୍ କପୁର, ବୈଜୟନ୍ତୀମାଳା, ରାଜେନ୍ଦ୍ର କୁମାର ନଜର ଆସିଥିଲେ। ଏହା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ ଥିଲା। 'ଲଭ୍ ଆଣ୍ଡ ୱାର୍'ର କାହାଣୀ ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମ ଆସନ୍ତାବର୍ଷ ମାର୍ଚ୍ଚ ୨୦ରେ ଆସିବ।

## ୨୦୩୦ ସୁଦ୍ଧା ବଦଳିବ ଯୁଦ୍ଧର ସ୍ୱରୂପ

ସାରା ବିଶ୍ୱରେ ପ୍ରଯୁକ୍ତିବିଦ୍ୟା ଏତେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଯେ, ଆଗାମୀ ଦିନରେ ଯୁଦ୍ଧର ସ୍ୱରୂପ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇପାରେ। ଏବେ ସୁଦ୍ଧା ଯୁଦ୍ଧ ମଇଦାନରେ ସୈନିକଙ୍କ ଉପସ୍ଥିତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉ ଥିଲା। ହେଲେ ୨୦୩୦ ସୁଦ୍ଧା ଏହାର ଦୃଶ୍ୟ ସମ୍ପୂର୍ଣ୍ଣ ଅଲଗା ହେବ ବୋଲି ଆକଳନ କରାଯାଉଛି। ଏନେଇ ଏଆଇକୁ ପ୍ରଶ୍ନ କରାଯିବାରୁ ତା'ଠାରୁ ଆଶ୍ଚର୍ଯ୍ୟଜନକ ଉତ୍ତର ମିଳିଛି। ଏବର ଚର୍ଚ୍ଚିତ ଟେକ୍ନୋଲୋଜି ହେଉଛି ଏଆଇ। ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଆଇ କେବଳ ଶତ୍ରୁର ଗତିବିଧି ଉପରେ ନଜର ରଖିବ ନାହିଁ, ବରଂ ବାସ୍ତବ ସମୟରେ ଯୁଦ୍ଧ ରଣନୀତି ପ୍ରସ୍ତୁତ



କରିବ ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ କରିବାକୁ ମଧ୍ୟ ସକ୍ଷମ ହେବ। ଭବିଷ୍ୟତରେ ଏହି ଟେକ୍ନିକ୍ ଯୁଦ୍ଧକ୍ଷେତ୍ରରେ ସୈନିକଙ୍କ ସ୍ଥାନ ନେଇପାରେ। କାରଣ ଏଆଇ-ଆଧାରିତ ସିଷ୍ଟମଗୁଡ଼ିକ ଲୋକଙ୍କ ତୁଳନାରେ ବହୁତ ଶୀଘ୍ର ବିପଦକୁ ଚିହ୍ନଟ କରିପାରିବ ଏବଂ ପ୍ରତିକ୍ରିୟା ଦେଇପାରିବ। ସେହିପରି ଡ୍ରୋନ୍ ଟେକ୍ନିକ୍ ମଧ୍ୟ ଯୁଦ୍ଧ ତରିକାକୁ ପୂର୍ବରୁ ବଦଳାଇବା ଆରମ୍ଭ କରିସାରିଛି। ଏବେ ଏମିତି ଡ୍ରୋନ୍ ବିକଶିତ କରାଯାଉଛି, ଯାହା କେବଳ ନଜର ରଖିବ ନାହିଁ, ବରଂ ଅସ୍ତ୍ର ନେଇ ଶତ୍ରୁ ଉପରେ ଆକ୍ରମଣ କରିବାକୁ ସକ୍ଷମ ହେବ। ତେବେ ୨୦୩୦ ସୁଦ୍ଧା ଯୁଦ୍ଧ କେବଳ ସ୍ଥଳଭାଗ କିମ୍ବା ଆକାଶପଥରେ ନୁହେଁ, ବରଂ ସାଇବର ସ୍ପେସ୍‌ରେ ମଧ୍ୟ ହେବ। ଏହା ଶତ୍ରୁପକ୍ଷର ବ୍ୟାଙ୍କିଂ ସିଷ୍ଟମ, ପାୱାର ଗ୍ରୀଡ୍, ସାଟେଲାଇଟ୍ ନେଟୱାର୍କ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଦୁର୍ବଳ କରିପାରେ। ଏଭଳି ଆକ୍ରମଣରେ ସୈନିକଙ୍କୁ ନ ପଠାଯାଇ ବି ଶତ୍ରୁ ଦେଶର ମୂଳଦୁଆକୁ ଦୋହଲାଇ ଦିଆଯାଇ ପାରେ। ଏହି କାରଣରୁ ସାରାବିଶ୍ୱର ସାମରିକ ବାହିନୀ ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ଅସ୍ତ୍ରଶସ୍ତ୍ରରେ ବହୁଳ ପରିମାଣରେ ନିବେଶ କରୁଛନ୍ତି। ଆଗାମୀ ଦିନରେ ରୋବୋଟିକ୍ ସେନାର କଳ୍ପନା ବାସ୍ତବରେ ପରିଣତ ହୋଇପାରେ। ଅନ୍ୟପଟେ କିଛି ବିଶେଷଜ୍ଞ ବିଶ୍ୱାସ କରୁଛନ୍ତି, ୨୦୩୦ ସୁଦ୍ଧା ଯୁଦ୍ଧର ରୂପ ଏମିତି ହେବ ଯେ, ମଣିଷ କଣ୍ଟ୍ରୋଲ ରୁମ୍‌ରୁ ଆଦେଶ ଦେବ ଏବଂ ଯୁଦ୍ଧ କ୍ଷେତ୍ରରେ ମେସିନ୍ ପରସ୍ପର ସହିତ ଲଢ଼ିବେ। ଏଥିରେ ଡ୍ରୋନ୍, ଏଆଇ ସିଷ୍ଟମ୍, ରୋବଟ୍ ଏବଂ ସାଇବର ଆକ୍ରମଣ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେଣୁ ଏଭଳି ପରିସ୍ଥିତିରେ ପାରମ୍ପରିକ ସେନାଙ୍କ ଭୂମିକା ଖୁବ୍ ସୀମିତ ହେବ।

## କାର୍ତ୍ତିକ ମାସରେ ଦୀପଦାନ

**ଚାଲିଛି ଧର୍ମମାସ କାର୍ତ୍ତିକ। ଶାସ୍ତ୍ରରେ ଏହି ମାସରେ ଦୀପଦାନକୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। କାର୍ତ୍ତିକ ମାସରେ ଦୀପଦାନ ଓ ତୁଳସୀ ପୂଜା ଦ୍ୱାରା ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତି ହୁଏ।**



କାର୍ତ୍ତିକ ମାସରେ ଦୀପଦାନକୁ ଖୁବ୍ ଶୁଭ ବୋଲି କୁହାଯାଇଛି। ଏହି ପବିତ୍ର ମାସରେ ନିତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ନଦୀ ତଥା ପୁଷ୍କରଣୀରେ ଦୀପଦାନ କରିବା ଦ୍ୱାରା ପୁଣ୍ୟ ହୋଇଥାଏ। ସେହିପରି ସକାଳେ ତୁଳସୀ ଗଛ ପାଖରେ ଘିଅ ଦୀପ ଜାଳିଲେ ପାପ ନାଶ ହୁଏ। ବିଶେଷକରି ଏହି ମାସରେ ଚଉରା ମୂଳେ ଆକାଶଦୀପ ଜାଳିବାର ପରମ୍ପରା ଅଛି। ତେବେ ଯେଉଁମାନେ ମାସ ସାରା ଦୀପ ଜଳାଇ ପାରନ୍ତି ନାହିଁ, ସେମାନେ ପଞ୍ଚକରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି।


ଦୀପ ତଥା ଆକାଶ ଦୀପ ଜାଳିଲେ ପୂର୍ବପୁରୁଷମାନେ ଖୁସି ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ଆକାଶଦୀପକୁ ସନ୍ଧ୍ୟା ପୂର୍ବରୁ ଲଗାଯାଏ। ଏକ ଛିଦ୍ରଯୁକ୍ତ ହାଣ୍ଡିରେ କିଛି ବାଲି ଓ ତା'ଉପରେ ଏକ ପ୍ରଜ୍ୱଳିତ ଦୀପ ରଖାଯାଏ। ଏହାର ଉପରିଭାଗକୁ ଏକ ପଲମରେ ଢ଼ାଙ୍କି ତାହାକୁ ଏକ ସୁଉଚ୍ଚ ବାଉଁଶ ଦଣ୍ଡର ଅଗ୍ରଭାଗରେ ବାନ୍ଧି ଦିଆଯାଏ। ବାଉଁଶ ଶୀର୍ଷରେ ରାତିସାରା ହାଣ୍ଡି ଭିତରେ ଘିଅ ଦୀପ ଜଳୁଥାଏ। ହାଣ୍ଡିର ଛିଦ୍ର ଦେଇ ଦୀପର ଆଲୋକ ଶିଖା ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ। ଏହି ଆଲୋକ ଦେଇ ପିତୃଲୋକମାନେ ବାଟ ଦେଖିଥାନ୍ତି ବୋଲି ବିଶ୍ୱାସ ଅଛି।

ଅନ୍ୟପଟେ କାର୍ତ୍ତିକ ମାସ ପ୍ରତିପଦାଠାରୁ ପୂର୍ଣ୍ଣମୀ ଯାଏଁ ହବିଷ୍ୟାଳୀମାନେ ମନ୍ଦିର ଓ ଚଉଁରା ମୂଳେ ଆକାଶ ଦୀପ ଜାଳିଥାନ୍ତି। କେତେକ ଏହାକୁ ଦୀପାବଳିଠାରୁ ୧୫ଦିନ ପର୍ଯ୍ୟନ୍ତ ତ ପୁଣି କିଏ ଅଁଳା ନବମୀଠାରୁ ଆଉ କିଏ ପଞ୍ଚୁକ ପାଞ୍ଚଦିନ ଆକାଶଦୀପ ଜାଳନ୍ତି।

## ସ୍ମୃତି

## ଖାଲି ପାଦରେ ମନ୍ଦିର ଯିବାର ମହତ୍ତ୍ୱ

**ମନ୍ଦିରକୁ ଖାଲି ପାଦରେ ଯିବା ହେଉଛି ପବିତ୍ରତା, ସମ୍ମାନର ପ୍ରତୀକ। ଏହା ଅହଂକାର ତ୍ୟାଗ କରି ଭକ୍ତି, ବିନମ୍ରତା, ଦିବ୍ୟ ଶକ୍ତି ଅନୁଭବର ମାର୍ଗଦର୍ଶନ କରାଏ।**



- ମନ୍ଦିର ହେଉଛି ପବିତ୍ରତାର ସ୍ଥାନ। ତେଣୁ ଭକ୍ତଙ୍କୁ ଏହାର ପବିତ୍ରତା ଉପରେ ଦୃଷ୍ଟି ଦେବା ଉଚିତ। କୁହାଯାଏ, ବିନା ଜୋତା, ଚପଲରେ ଜଣେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ସହଜରେ ଦିବ୍ୟ ଶକ୍ତି ସହିତ ଜଡ଼ିତ ହୁଅନ୍ତି। ଦେବୀଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏହା ହେଉଛି ଏକ ଉପାୟ।
- ପୌରାଣିକ କାହାଣୀ ଅନୁସାରେ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାଙ୍କ ଅନାଦର କରିବାକୁ ଇଙ୍ଗିତ କରେ। ଏଭଳି କରିବା ଅନୁଚିତ। ତେଣୁ ମନ୍ଦିରକୁ ପ୍ରବେଶ କରିବା ସମୟରେ ଲୋକେ ଚମଡ଼ା ଜୋତା ଓ ପର୍ସ ବାହାର କରି ଯାଆନ୍ତି। ମାନ୍ୟତା ଅନୁସାରେ, ମନ୍ଦିର ହେଉଛି ଏମିତି ଏକ ସ୍ଥାନ, ଯାହାକି ମାନସିକ ଶାନ୍ତି ପ୍ରଦାନ କରେ। ସେହିପରି ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ସକାରାତ୍ମକ ଶକ୍ତି ପାଦ ମାଧ୍ୟମରେ ଶରୀରକୁ ପ୍ରବେଶ କରେ। ଏହା ମନକୁ ଶାନ୍ତି ରଖିବାରେ ସାହାଯ୍ୟ କରେ।
- ଅନ୍ୟପଟେ ଖାଲି ପାଦରେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ଦେବୀ ଦେବତାଙ୍କ ପ୍ରତି ସମ୍ମାନ ଏବଂ ଆଦର ଦର୍ଶାଇବା ଲାଗି ଏହାକୁ ପାଳନ କରିବା ଉଚିତ।

## ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ୪ ରାଶିକୁ ମିଳିବ ଶୁଭ ଫଳ

**ମଙ୍ଗଳ ଗ୍ରହକୁ ସମସ୍ତ ଗ୍ରହର ସେନାପତି କୁହାଯାଏ। ମଙ୍ଗଳ ଶକ୍ତି, ସାହସ, ଭକ୍ତି, ପରାକ୍ରମ ଏବଂ ଶୌର୍ଯ୍ୟର କାରକ। ଅକ୍ଟୋବର ୨୭ରୁ ମଙ୍ଗଳ ଗ୍ରହ ତୁଳା ରାଶିରୁ ବୃଷ ରାଶିକୁ ପ୍ରବେଶ କରିବେ। ଏହି ରାଶି ପରିବର୍ତ୍ତନକୁ ଜ୍ୟୋତିଷ ଶାସ୍ତ୍ରରେ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ତେବେ ମଙ୍ଗଳ ଗ୍ରହର ବୃଷ ରାଶିକୁ ପ୍ରବେଶ ଦ୍ୱାରା କେଉଁ ୪ ରାଶିକୁ ଶୁଭ ଫଳ ମିଳିବ, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶି ବ୍ୟକ୍ତିବିଶେଷଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ସଞ୍ଚାର ହେବ। କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ମିଳିବ। ଦୃଢ଼ ନିଷ୍ପତ୍ତି ନେବାରେ ସଫଳ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ପୁରୁଣା ସମସ୍ୟା ଦୂର ହେବ। ନିବେଶ ଲାଗି ଅନୁକୂଳ ସମୟ।

**ବୃଷ:** ବୃଷ ରାଶି ପାଇଁ ଏହି ପରିବର୍ତ୍ତନ ଅତ୍ୟନ୍ତ ଶୁଭ। କ୍ୟାରିୟର, ଧନ ଓ ସ୍ୱାସ୍ଥ୍ୟରେ ସକାରାତ୍ମକ ପରିବର୍ତ୍ତନ ଆସିବ। ସମାଜରେ ମାନ-ସମ୍ମାନ ପ୍ରାପ୍ତି ହେବ। ଆତ୍ମବିଶ୍ୱାସ ବୃଦ୍ଧି ହେବ।

**ମିଥୁନ:** ମିଥୁନ ରାଶିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ଆର୍ଥିକ ଲାଭ ଏବଂ ଯାତ୍ରାର ଅବସର ଆଣିବ। ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ପ୍ରାପ୍ତ ହେବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ। ଶିକ୍ଷା, ବ୍ୟବସାୟ ଓ ପ୍ରେମ ସମ୍ପର୍କରେ ସକାରାତ୍ମକ ଫଳ ଲାଭ ହେବ।

**ଧନୁ:** ଧନୁ ରାଶି ବ୍ୟକ୍ତିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ବିଭିନ୍ନ କ୍ଷେତ୍ରରେ ନୂତନ ଅବସର ପ୍ରଦାନ କରିବ। ଆର୍ଥିକ ଲାଭ ସାଙ୍ଗକୁ ମାନ-ସମ୍ମାନ ପ୍ରାପ୍ତ ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା, ନୂତନ ସ୍ଥାନକୁ ଯାତ୍ରା ଯୋଗ ସୃଷ୍ଟି ହେବ। ପରିବାର ଓ ସମ୍ପର୍କୀୟଙ୍କ ସହିତ ସମ୍ବନ୍ଧ ମଜଭୁତ ହେବ।



## ଅଁଳା ନବମୀ



କାର୍ତ୍ତିକ ଶୁକ୍ଳ ନବମୀ ତିଥିକୁ 'ଅଁଳା ନବମୀ' କୁହାଯାଏ। ଏଭଳି ଏକ ପୁଣ୍ୟ ତିଥିରେ ଶ୍ରୀରାଧା ପାଦଙ୍କ ଦର୍ଶନ କରାଯାଏ। ଏହିଦିନ ଅଁଳା ଗଛକୁ ପୂଜା କରିବାର ବିଧି ଅଛି। ଅଁଳା ନବମୀରେ ଅଁଳା ଗଛ ତଳେ ଭଗବାନ ବିଷ୍ଣୁଙ୍କର ପ୍ରତିମାକୁ ସ୍ନାନ କରାଯାଏ। ହବିଷ୍ୟାଳିମାନେ ଏହିଦିନ ଅଁଳା ଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧନ୍ତି ଓ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି।

କୁହାଯାଏ, ଅଁଳା ଗଛରେ ଭଗବାନ ବିଷ୍ଣୁ ବାସ କରିଥାନ୍ତି। ତେଣୁ ଅଁଳା ଗଛକୁ ପୂଜା କରିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। କେବଳ ସେତିକି ନୁହେଁ, ଅଁଳା ଗଛ ପୂଜା ଦ୍ୱାରା ଗୋଦାନର ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ। ସୁଖ, ସମୃଦ୍ଧି ଓ ଦେବୀ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଅଁଳା ନବମୀ ହେଉଛି ଏକ ଶୁଭଦିନ। ଏହିଦିନ ଅଁଳା ଖାଇବା ଦ୍ୱାରା ରୋଗମୁକ୍ତ ରହିବା କୁହାଯାଏ। ମହିଳାମାନେ ସନ୍ତାନ ପ୍ରାପ୍ତି ଏବଂ ସନ୍ତାନଙ୍କ ମଙ୍ଗଳକାମନା କରି ଅଁଳା ଗଛ ପୂଜା କରିବାର ବିଧି ଅଛି।

# ଓଡ଼ିଆ ଝିଅ ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ

ଭୁବନେଶ୍ୱର,୨୬।୧୦(ସମିସ)



ଓଡ଼ିଆ ଝିଅ ତଥା ଢେଙ୍କାନାଳର ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ମହିଳା ଭାରୋତ୍ତୋଳନ କ୍ରୀଡ଼ାରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା କ୍ରୀଡ଼ାବିତ୍ ଭାବେ ସେ ଦ୍ୱିତୀୟଥର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗତବର୍ଷ ୱାର୍ଲ୍ଡ ୟୁଥ୍ ଭାରୋତ୍ତୋଳନର ୪୦ କେଜି କାଟାଗୋରୀର କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଓଜନ ଉଠାଇ ପ୍ରଥମ ବିଶ୍ୱରେକର୍ଡ କରିଥିଲେ। ଆଜିର ରେକର୍ଡ ପରେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରୀତିସ୍ମିତା ଏହି ବିଶ୍ୱରେକର୍ଡ ବାହାରିନ୍ର ମାନାମାଠାରେ ଚାଲିଥିବା ୟୁଥ୍ ଏସିଆନ୍ ଗେମ୍ସରେ ସୃଷ୍ଟି କରିଛନ୍ତି। କ୍ଲିନ୍ ଆଣ୍ଡ ଜର୍କରେ ଏହି ବିଶ୍ୱରେକର୍ଡ କରିବା ସହ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଦ୍ୱିତୀୟ ସ୍ୱର୍ଣ୍ଣ ତାଙ୍କୁ ଓଭରଅଲ୍ କାଟାଗୋରୀରେ ମିଳିଛି। ସ୍ନାଚ୍‌ରେ ରୌପ୍ୟ ପଦକ ପାଇଛନ୍ତି।

ରବିବାର ଏହି ପ୍ରତିଯୋଗିତାର ୟୁଥ୍ ୪୪ କେଜି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୬ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇଥିଲେ। ସେ ମୋଟ ୧୫୮ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଠାରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇବା ଫଳରେ ଏସୀୟ ଓ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ସ୍ନାଚ୍‌ରେ ସେ ତାଙ୍କ ଚାଇନିଜ୍ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପଛରେ ପଡ଼ିଥିଲେ। ଏଥିରେ ସେ ପ୍ରଥମ ଆଟେମ୍ପଟରେ ୬୬ କେଜି ଓଜନ ଉଠାଇଥିଲେ, ଯାହାକି ତାଙ୍କ ଜାତୀୟ ରେକର୍ଡଠାରୁ ୩ କେଜି ଅଧିକ ଥିଲା। କିନ୍ତୁ ଏହା ପରେ ସେ ୬୮ ଓ ୬୯ କେଜି ଓଜନ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମେ ୮୭ କେଜି ଓଜନ ଉଠାଇଥିଲେ। ଏହା ପରେ ୯୦ ଓ ପରେ ୯୨ କେଜି ପର୍ଯ୍ୟନ୍ତ ସଫଳତାର ସହ ଲିଫ୍ଟ କରିଥିଲେ। ଏହା ଫଳରେ ସେ ନୂଆ ବିଶ୍ୱରେକର୍ଡ କରିବାରେ ସମର୍ଥ ହୋଇଥିଲେ। ଏସୀୟ ଚାମ୍ପିଅନସିପ୍ ନିୟମ ଅନୁଯାୟୀ ସେ ସ୍ନାଚ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ, କ୍ଲିନ୍ ଆଣ୍ଡ ଜର୍କ ଓ ଓଭରଅଲ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

ଢେଙ୍କାନାଳର ଭାରୋତ୍ତୋଳନ ସବ୍‌ସେଣ୍ଟରରୁ ପ୍ରଶିକ୍ଷଣ ନେଇ ପ୍ରୀତିସ୍ମିତା ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଗୋପାଳକୃଷ୍ଣ ଦାସ ତାଙ୍କର ପ୍ରଥମ ଗୁରୁ ଥିବାବେଳେ ଏବେ ଉତ୍ତରପ୍ରଦେଶର ମୋଦିନଗରରେ ଥିବା ୱେଟ୍‌ଲିଫ୍ଟିଙ୍ଗ୍ ୱାରିୟରରେ କୋଚ ବିଜୟ ଶର୍ମାଙ୍କ ଅଧିନରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ ଓ ଅନ୍ୟମାନେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଆଉ ଜଣେ ଝିଅ ଗଞ୍ଜାମର ଟିକି ମୋହିନୀ ମଲ୍ଲିକ ଅଂଶଗ୍ରହଣ କରିଛନ୍ତି।

## ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ୨୮ରୁ

ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଚଳିତମାସ ୨୮ରୁ ୩୦ ତାରିଖଯାଏ ଅନୁଷ୍ଠିତ ହେବ। ଏଥିରେ ଉଭୟ ପୁରୁଷ, ମହିଳାର ବରିଷ୍ଠ, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ରାଜ୍ୟର ୨୦ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରୁ ଜାତୀୟ ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ କରାଯିବ ବୋଲି ଆୟୋଜକ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

# ପରାଜୟ ସହ ନ୍ୟୁଜିଲାଣ୍ଡ ଓ ସୋଫିଙ୍କ ବିଦାୟ

ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଇଂଲଣ୍ଡ ୮ ୱିକେଟ୍‌ରେ ସହଜରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ପୂର୍ବରୁ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଥିବା ଇଂଲଣ୍ଡ ଏହି ବିଜୟ ସହ ମନୋବଳ ଦୃଢ଼ କରିଛି। ଏଥିସହ ଇଂଲଣ୍ଡ ୭ ମ୍ୟାଚ୍‌ରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ଅଷ୍ଟ୍ରେଲିଆ (୧୩) ପଛକୁ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଆସନ୍ତା ୨୯ ତାରିଖରେ ଇଂଲଣ୍ଡ ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଅପରପକ୍ଷରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ନ୍ୟୁଜିଲାଣ୍ଡ ମହିଳା ଦଳ ପରାଜୟ ସହ ବିଶ୍ୱକପ୍ ଅଭିଯାନ ଶେଷ କରିଛି। ୭ଟି ମ୍ୟାଚ୍ ଖେଳିଥିବା ନ୍ୟୁଜିଲାଣ୍ଡ ମାତ୍ର ଗୋଟିଏ ମ୍ୟାଚ୍ ଜିତିଥିବାବେଳେ ୪ଟି ପରାସ୍ତ ହୋଇଥିଲା। ସେହିଭଳି ଦୁଇଟି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ନ୍ୟୁଜିଲାଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏହି ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ମଧ୍ୟ ଏକଦିବସୀୟ ଫର୍ମାଟ୍‌କୁ ଅଲ୍‌ବିଦା କରିଛନ୍ତି। କିନ୍ତୁ ବିଦାୟୀ ମ୍ୟାଚରେ ନ୍ୟୁଜିଲାଣ୍ଡ ଖେଳାଳି ଅଧିନାୟିକା ସୋଫିଙ୍କୁ ବିଜୟ ଭେଟି ଦେଇପାରି ନ ଥିଲେ।

## ଭାରତ-ବାଂଲା ମ୍ୟାଚରେ ବର୍ଷା ବାଧା

ନଭି ମୁମ୍ବଇ, ୨୬।୧୦ (ଏଜେନ୍ସି): ଘରୋଇ ଭାରତ ଓ ବାଂଲାଦେଶ ମଧ୍ୟରେ ରବିବାର ଏଠାରେ ଖେଳାଯାଇଥିବା ବିଶ୍ୱକପ୍‌ର ଶେଷ ଲିଗ୍ ମ୍ୟାଚରେ ବର୍ଷା ବାଧକ ସାଜିଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଇନିଂର ୧୩ତମ ଓଭରରେ ବର୍ଷା ହୋଇଥିଲା। ଫଳରେ ମ୍ୟାଚ୍ ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୋଇଥିଲା। ଏହାପରେ ବର୍ଷା ଛାଡ଼ିବା ପରେ ମ୍ୟାଚ୍ ଆରମ୍ଭ ହୋଇଥିବାବେଳେ ଏହାକୁ ୨୭ ଓଭରବିଶିଷ୍ଟ କରାଯାଇଥିଲା। ଶେଷ ଖବର ସୁଦ୍ଧା ବାଂଲାଦେଶ ୨୧ ଓଭରରେ ୩ ୱିକେଟ୍ ହରାଇ ୮୭ ରନ ସଂଗ୍ରହ କରିଛି। ପୂର୍ବରୁ ଭାରତ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ଏହି ମ୍ୟାଚ ଗୁରୁତ୍ୱ ହରାଇଛି। ଅକ୍ଟୋବର ୨୯ରେ ପ୍ରଥମ ସେମିରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସାମ୍ନାସାମ୍ନି ହେବେ।

# କ୍ରିକେଟ୍ ସହ ଜାତୀୟ ହକି ଦଳରୁ ଖେଳିଥିଲେ ସୋଫି

ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ସହ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଦିନିକିଆ ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ବିଦାୟୀ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ ମଧ୍ୟ ୩୬ ବର୍ଷୀୟା ସୋଫିଙ୍କ ଦୁଇ ଦଶନ୍ଧିର ଦିନିକିଆ କ୍ୟାରିୟର ବେଶ୍ ସ୍ମରଣୀୟ ରହିଥିଲା। ମାତ୍ର ୧୭ ବର୍ଷ ବୟସରେ ୨୦୦୬ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଦିନିକିଆ କ୍ରିକେଟ୍‌ରେ ପାଦ ଥାପିଥିଲେ। ୧୯ ବର୍ଷର ଲମ୍ବା କ୍ୟାରିୟରରେ ସେ ୧୫୯ଟି ମ୍ୟାଚ୍ ଖେଳିଛନ୍ତି। ଅଗ୍ରଭାଗରେ ଜଣେ ନିର୍ଭରଯୋଗ୍ୟ ବ୍ୟାଟର୍ ସହ ସୋଫି ମିଡିୟମ ପେସ୍ ବୋଲିଂ ମଧ୍ୟ କରିଥାନ୍ତି। ତାଙ୍କ ନାମରେ ଦିନିକିଆରେ ୪,୨୭୯ ରନ ଓ ୧୩୩ ୱିକେଟ୍ ଲିପିବଦ୍ଧ



ରହିଛି। ସେହିଭଳି ଏହି ଫର୍ମାଟ୍‌ରେ ସେ ୯ଟି ଶତକ ଓ ୧୮ଟି ଅର୍ଦ୍ଧଶତକ ମାରିଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ଦିନିକିଆ ମ୍ୟାଚ୍ ଖେଳିବାରେ ସୁଜି ବେଟ୍ସ (୧୭୮)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୩ୟ ଓ ନ୍ୟୁଜିଲାଣ୍ଡର ଏକମାତ୍ର ମହିଳା କ୍ରିକେଟର୍ ଭାବେ ସୋଫି ଦିନିକିଆରେ ୪୦୦୦ରୁ ଊର୍ଦ୍ଧ୍ୱ ରନ ଓ ୧୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଏହି କ୍ଲବରେ ୱେଷ୍ଟଇଣ୍ଡିଜର ଷ୍ଟିଫାନୀ ଟେଲର ଓ ଅଷ୍ଟ୍ରେଲିଆର ଏଲିସେ ପେରୀ ରହିଛନ୍ତି। ସୋଫିଙ୍କ କ୍ୟାରିୟରକୁ ନେଇ ଆଉ ଏକ ରୋଚକ କଥା ହେଉଛି ସେ ନ୍ୟୁଜିଲାଣ୍ଡ ମହିଳା ହକି ଦଳ ପକ୍ଷରୁ ମଧ୍ୟ ମ୍ୟାଚ୍ ଖେଳିଛନ୍ତି। ୨୦୧୧ ଓ ୨୦୧୨ ଦୁଇ ବର୍ଷ ସେ କ୍ରିକେଟ୍‌ରୁ ବ୍ରେକ୍ ନେଇ ନ୍ୟୁଜିଲାଣ୍ଡ ହକି ଦଳ ପକ୍ଷରୁ ଖେଳିଥିଲେ।

**● ରଣଜୀ ଇତିହାସର ସବୁଠୁ ସଂକ୍ଷିପ୍ତ ମ୍ୟାଚ୍**

## ୫୪୦ ବଲ୍, ୩୨ ୱିକେଟ୍, ୩୫୯ ରନ

ଗୌହାଟୀ, ୨୬।୧୦ (ଏଜେନ୍ସି): ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ଏଠାରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚ ମାତ୍ର ଦେଢ଼ ଦିନ ମଧ୍ୟରେ ସମାପ୍ତ ହୋଇଯାଇଛି। ଏହି ମ୍ୟାଚରେ ସର୍ଭିସେସ୍ ବୋଲର ଦମ୍‌ଦାର ପ୍ରଦର୍ଶନ କରିବା ଯୋଗୁ ଦଳ ୮ ୱିକେଟ୍‌ରେ ଆସାମକୁ ପରାସ୍ତ କରିଛି। ରଣଜୀ ଟ୍ରଫି ଇତିହାସରେ ବଲ୍ ଦୃଷ୍ଟିରୁ ଏହା ସବୁଠୁ ସଂକ୍ଷିପ୍ତ ମ୍ୟାଚ୍ ହେବାର ମଧ୍ୟ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ମୋଟ୍ ୫୪୦ଟି ବଲ୍ ବୋଲିଂ ହୋଇଥିଲା। ଯେଉଁଥିରେ ୩୨ଟି ୱିକେଟ୍ ପତନ ଘଟିଥିବାବେଳେ ୩୫୯ ରନ ସଂଗୃହିତ ହୋଇଥିଲା। ସେହିଭଳି ଆସାମର ପ୍ରଥମ ଇନିଂସରେ ସର୍ଭିସେସର ଦୁଇ ବାମହାତୀ ବୋଲର ଅର୍ଜୁନ ଶର୍ମା ଓ ମୋହିତ ଜାଙ୍ଗ୍ରା ହ୍ୟାଟ୍ରିକ ନେଇ ଅନ୍ୟ ଏକ ରେକର୍ଡ କରିଥିଲେ। ଗୋଟିଏ ପାଳିରେ ଦୁଇଜଣ ବୋଲର ହ୍ୟାଟ୍ରିକ ୱିକେଟ୍ ନେବା ରଣଜୀ ଟ୍ରଫିରେ ଏହା ପ୍ରଥମ ଘଟଣା ଥିଲା। ଏହି ମ୍ୟାଚରେ ଆସାମ ପ୍ରଥମ ଇନିଂସରେ ୧୭.୨ ଓଭର ଖେଳି ୧୦୩ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ସର୍ଭିସେସ ୨୯.୨ ଓଭରରେ ୧୦୮ ରନ କରିବାକୁ ସମର୍ଥ ହୋଇଥିଲା। ୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଆସାମ ୨୯.୩ ଓଭରରେ ୭୫ ରନରେ ସୀମିତ ରହିଥିଲା। ଏହାପରେ ସର୍ଭିସେସ ୧୩.୨ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ରଣଜୀ ଟ୍ରଫିର ୧୯୬୧-୬୨ ସିଜନରେ ଦିଲ୍ଲୀ ଓ ରେଳବାଇ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୫୪୭ଟି ବଲରେ ଫଳାଫଳ ବାହାରିଥିଲା।

## ମହିଳା ହକି: ୟୁନିଅନ୍ ବ୍ୟାଙ୍କ ବିଜୟୀ



ଭୁବନେଶ୍ୱର,୨୬।୧୦(ସମିସ): କ୍ରୀଡ଼ାର ପ୍ରସାରଣ ଓ ମହିଳାଙ୍କୁ ସଶକ୍ତିକରଣ କରିବା ଉଦ୍ଦେଶ୍ୟରେ ୟୁନିଅନ ବ୍ୟାଙ୍କ୍ ପକ୍ଷରୁ ମହିଳା ହକି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତା ପରେ ବ୍ୟାଙ୍କର ସର୍ବଭାରତୀୟ ଖେଳାଳିମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସହ ରାଉରକେଲା କ୍ରୀଡ଼ା ଛାତ୍ରାବାସ୍‌ର ଏକ ପ୍ରଦର୍ଶନୀ ମ୍ୟାଚ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ଏଥିରେ ୟୁନିଅନ ବ୍ୟାଙ୍କ ହକି ଟିମ୍ ୩-୧ ଗୋଲରେ କ୍ରୀଡ଼ା ଛାତ୍ରାବାସକୁ ପରାସ୍ତ କରିଥିଲା। ଖେଳ ଶେଷରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ୟୁନିଅନ ବ୍ୟାଙ୍କ୍ ଏମ୍‌ଡି ତଥା ସିଇଓ ଆଶିଷ ପାଣ୍ଡେ, ଅଣ କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଶ୍ରୀନିବାସ ବରଦାରାଜନ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

**● ସିକେ ନାଇଡୁ ଟ୍ରଫି**

## ରିତେଶଙ୍କୁ ୪ ୱିକେଟ; ଆସାମ ୨୦୦/୯

କଟକ,୨୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରର କିଟ୍ କ୍ରିକେଟ ଷ୍ଟାଡିୟମରେ ଆସାମକୁ ଭେଟିଛି ଓଡ଼ିଶା ଦଳ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୯ ୱିକେଟ ହରାଇ ୨୦୦ ରନ ସଂଗ୍ରହ କରିଛି। ରାଜବୀର ସିଂହ ୯୪ ରନର ଅପରାଜିତ ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଅନ୍ୟ ଖେଳାଳିମାନେ ବିଫଳ ହୋଇଥିବା ବେଳେ ଶେଷ ବ୍ୟାଟର ନିଶାନ୍ତ ସିଂଘାଣିଆ ୧ରନରରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ଏବଂ ଆୟୂଷ ବାରିକ ଓ ମହମ୍ମଦ ଡାନିସଙ୍କୁ ୨ଟି ଲେଖାଏ ୱିକେଟ ମିଳିଛି।

**ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି**

# ଫାଇନାଲ ସହ ଡିଭିଜନ-୧କୁ ଭାରତର ଯୋଗ୍ୟତା

ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି): ଓମାନର ରାଜଧାନୀ ମସ୍କଟରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫିରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖି ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ଭାରତ ୧୭-୦ରେ ସାଉଦୀ ଆରବକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତ କ୍ୱାର୍ଟରରେ ୨୧-୭ ସ୍କୋରରେ ଇରାନକୁ ଏବଂ ଲିଗ୍ ପର୍ଯ୍ୟାୟରେ ୧୪-୧୦ରେ ଲେବାନନ୍ ଏବଂ ୨୬-୫ ସ୍କୋରରେ ଆଫଗାନିସ୍ତାନକୁ ହରାଇଥିଲା। ସ୍ୱର୍ଣ୍ଣ ପଦକ ତଥା ଟାଇଟଲ୍ ଲଢ଼େଇରେ ଭାରତର ମୁକାବିଲା କାଜାଖସ୍ତାନ ସହ ହେବ। ଅପରପକ୍ଷରେ ଫାଇନାଲରେ ପ୍ରବେଶ ସହ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛି। ଫଳରେ ଭାରତ ପ୍ରଥମଥର ଲାଗି ଏସିଆ ରଗ୍‌ବୀର ଡିଭିଜନ-୧ ପର୍ଯ୍ୟାୟରେ ଖେଳିବ। ଯେଉଁଥିରେ ଏସିଆ ମହାଦେଶର ଶ୍ରେଷ୍ଠ-୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ରଗ୍‌ବୀ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

**ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ**

# କେନ୍ଦୁଝର ତାରିଣୀ କ୍ଲବ୍‌ଠାରୁ ହାରିଲା କ୍ରୀଡ଼ା ଛାତ୍ରାବାସ

ଭୁବନେଶ୍ୱର,୨୬।୧୦(ସମିସ): କେନ୍ଦୁଝରର ତାରିଣୀ କ୍ଲବ୍ ୫-୪ ଗୋଲରେ ରାଜ୍ୟ କ୍ରୀଡ଼ା ଛାତ୍ରାବାସକୁ ହରାଇ ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ନୟାପଲ୍ଲୀର ସିଟି କ୍ଲବ୍ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯାଉଛି। ଏହି ମ୍ୟାଚ୍‌ରେ ବିଜୟୀ ତାରିଣୀ କ୍ଲବ୍‌ର ରାଣୀ ବାଗ୍‌ଙ୍କୁ ପୂର୍ବତନ ଅନ୍ତର୍ଜାତୀୟ



ମହିଳା ଖେଳାଳି ରଞ୍ଜିତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ରେଫରି ଶେଖାୱତ ଖାନ୍, ସୁଜିତ କୁମାର ପାତ୍ର, ଶିବପ୍ରସାଦ ସାମନ୍ତରାୟ ଓ ଶୋଭାଲିନ୍ ପଣ୍ଡା ପରିଚାଳନା କରିଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଥିଲେ। ଖେଳ ଶେଷରେ ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ ରାଉତରାୟ ଧନ୍ୟବାଦ ଦେଇଥିଲେ। ମହେନ୍ଦ୍ରନାଥ ନାୟକ, ବନୋଜ ପ୍ରଧାନ, ତିଳୋତ୍ତମା ଦଳେଇ ଓ ଦୀପକ କୁମାର ରାଉତରାୟ ପ୍ରମୁଖ ସହାୟତା ଯୋଗାଇଥିଲେ।

## ବ୍ରୁକ୍‌ଙ୍କ ଶତକ ବେକାର; ପ୍ରଥମ ଦିନିକିଆରେ ଇଂଲଣ୍ଡ ବିଜୟୀ

ମାଉଣ୍ଟ ମାଉଙ୍ଗାନୁଇ,୨୬।୧୦(ଏଜେନ୍ସି): ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କ ୧୩୫ ରନ୍‌ର ସାହସିକ ଶତକ ସତ୍ତ୍ୱେ ଏଠାରେ



ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୫୫ ରନ୍‌ରେ ୬ ୱିକେଟ ହରାଇଥିଲେ ମଧ୍ୟ ୩୫.୨ ଓଭରରେ ୨୨୩ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ୱିକେଟରେ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ଡାରିଲ ମିଚେଲ ସର୍ବାଧିକ ଅପରାଜିତ ୭୮ ଓ ମାଇକେଲ ବ୍ରେସ୍‌ୱେଲ ୫୧ ରନ୍ କରିଥିଲେ ମଧ୍ୟ ବ୍ରୁକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଅଭିଷେକ ନାୟାର କେକେଆର ହେଡ୍ କୋଚ୍

କୋଲକାତା,୨୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ସହକାରୀ କୋଚ୍ ଅଭିଷେକ ନାୟାର ଚଳିତ ସିଜନରେ ଆଇପିଏଲ୍ ଟିମ୍ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ)ର ନୂଆ ହେଡ୍ କୋଚ୍ ହେବେ।



ଏ ସମ୍ପର୍କରେ ଦଳ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ୍ୟ ସେ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିବେ ବୋଲି କେକେଆର୍ ଟିମ୍ ମ୍ୟାନେଜମେଣ୍ଟ ସୂତ୍ରରୁ ସ୍ପଷ୍ଟ ହୋଇଛି। ୩ଥର ଆଇପିଏଲ୍ ଟାଇଟଲ ଜିତିଥିବା କେକେଆର ଗତ ଆଇପିଏଲ୍ ସିଜନରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ଅଷ୍ଟମ ସ୍ଥାନରେ ରହିଥିଲା।

## ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ

କଟକ,୨୬।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ରବିବାର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆର୍ଥିକ ରିପୋର୍ଟ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଡିସେମ୍ବର ୯ରେ ବାରବାଟୀରେ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ବାବଦରେ ଆଲୋଚନା ହୋଇଥିଲା। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

**ରଣଜୀ ଟ୍ରଫି**

# ଓଡ଼ିଶା ବିପକ୍ଷରେ ୟୁପି ପ୍ରଥମ ଇନିଂସ ଅଗ୍ରଣୀ

କଟକ,୨୬।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଇନିଂସ୍ ଅଗ୍ରଣୀ ହାସଲ କରି ଘରୋଇ ଉତ୍ତରପ୍ରଦେଶ ଦଳ ଦୃଢ଼ ସ୍ଥିତିରେ ରହିଛି। ଓଡିଶାର ବୋଲିଂ ଆଟାକ୍ ପୁର୍ନବାର ବିଫଳ ସାବ୍ୟସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଛି। ହାତରେ ୭ ୱିକେଟ ବଳକା ଥିବା ବେଳେ ଖେଳର ଅବଶିଷ୍ଟ ଦୁଇ ଦିନରେ ଓଡ଼ିଶା ଠାରୁ ବିଜୟ ପଏଣ୍ଟ ହାତେଇପାରେ ଘରୋଇ ଦଳ। ଅନ୍ୟପକ୍ଷରେ ମ୍ୟାଚ୍‌ରୁ ୧ ପଏଣ୍ଟ ପାଇବା ଆଶାରେ ଓଡ଼ିଶା ମ୍ୟାଚ୍‌କୁ ଡ୍ର ରଖିବାକୁ ଲକ୍ଷ୍ୟ ରଖିବ। ପୂର୍ବଦିନର ସ୍କୋର ୧୭/୦ରୁ ଉତ୍ତରପ୍ରଦେଶ ଆଜି ଖେଳ ଆରମ୍ଭ ପରେ ୪୫ ରନରେ



ପ୍ରଥମ ୱିକେଟ ହରାଇଥିଲା। ଅଭିଷେକ ଗୋସ୍ୱାମୀ ୨୪ ରନରେ କ୍ଲିନ ବୋଲ୍ଡ ହୋଇଥିଲେ। ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ଓଡ଼ିଶା ପାଇଁ ପ୍ରଥମ ସଫଳତା ଦେଇଥିଲେ। ପରେ କ୍ରିଜକୁ ଆସିଥିବା ୱିକେଟକିପର ଆର୍ଯ୍ୟନ ଜୁୟଲ ଖାତା ଖୋଲିବା ପୂର୍ବରୁ ସମ୍ବିତଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ଓପନର ମାଧବ କୌଶିକ ଏବଂ ଅଧିନାୟକ କରନ ଶର୍ମା ୭୫ ରନର ଭାଗୀଦାରି ସୃଷ୍ଟି କରିଥିଲେ। ୧୨୨ବଲରୁ ୬୭ରନ କରିଥିବା ବେଳେ ମାଧବ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହି ୱିକେଟ ମଧ୍ୟ ନବାଗତ ସମ୍ବିତଙ୍କୁ ମିଳିଥିଲା। ଅଧିନାୟକ କରନ ୮୩ ଏବଂ ଆରାଧ୍ୟା ଯାଦବ ୮୦ ରନରେ ଅପରାଜିତ ଅଛନ୍ତି। ସମ୍ବିତଙ୍କୁ ୩ଟି ୱିକେଟ ମିଳିଥିବା ବେଳେ ରାଜେଶ ମହାନ୍ତି, ସୁନୀଲ ରାଉଳ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୁମିତ ଶର୍ମା କୌଣସି ସଫଳତା ନପାଇ ଦଳକୁ ନିରାଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS